ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ...

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

ବାଲେଶ୍ୱର ❑ ମଙ୍ଗଳବାର ୨୮ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 28 October 2025
Vol.No. 36 ■ No.283 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

## ମାଡ଼ିଆସୁଛି ବାତ୍ୟା ମୋନ୍ଥା: ଆନ୍ଧ୍ରରେ ପଶିବ, ଓଡ଼ିଶାରେ କ୍ଷତି କରିବ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ସମୁଦ୍ର ଭିତରେ ଆହୁରି ଘନୀଭୂତ ହୋଇ ଆଗକୁ ବଢୁଛି ବାତ୍ୟା ମୋନ୍ଥା । ଆସନ୍ତାକାଲି ସକାଳ ସୁଦ୍ଧା ନେବ ଭୀଷଣ ବାତ୍ୟାର ରୂପ। ତାପରେ ଆନ୍ଧ୍ରପ୍ରଦେଶର କାକିନଡ୍ଡା ଆଡକୁ ମୁହାଁଇବ । ଆସନ୍ତାକାଲି ସନ୍ଧ୍ୟାରୁ ଆରମ୍ଭ ହେବ ଲ୍ୟାଣ୍ଡଫଲ ପ୍ରକ୍ରିୟା । ପ୍ରାୟ ତିନିରୁ ଚାରି ଘଣ୍ଟା ରହିବ ଲ୍ୟାଣ୍ଡଫଲ ପ୍ରକ୍ରିୟା । ଆସନ୍ତାକାଲି ରାତିରୁ ସକାଳ ପର୍ଯ୍ୟନ୍ତ ଭୀଷଣ ବାତ୍ୟା ମୋନ୍ଥାର ବଡ ପ୍ରଭାବ ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ଉପରେ ରହିବ । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦ କିଲୋମିଟର ରହିବ । ସର୍ବାଧିକ ପବନର ବେଗ ୧୧୦ କିଲୋମିଟର ରହିବ । ଏହା ପରେ ଉତ୍ତର-ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ । ବର୍ତ୍ତମାନ କାକିନଡ୍ଡା ଉପକୂଳରୁ ୪୫୦ରୁ ଅଧିକ କିଲୋମିଟର ଦୂରରେ ସକ୍ରିୟ ରହିଛି ବାତ୍ୟା । ବିଶାଖପାଟନମ ଉପକୂଳରୁ ଦକ୍ଷିଣ-ଦକ୍ଷିଣ-ପୂର୍ବ ଦିଗରେ ୫୦୦ କିଲୋମିଟର ଦୂର ଏବଂ ଗୋପାଳପୁର ଉପକୂଳରୁ ଦକ୍ଷିଣ-ଦକ୍ଷିଣ-ପୂର୍ବ ଦିଗରେ ୭୦୦ କିଲୋମିଟର ଦୂରରେ ରହିଛି ବାତ୍ୟା । ପାଣିପାଗ ବିଭାଗର ଆକଳନ ଅନୁସାରେ ଆସୁଥିବା ବାତ୍ୟା ଆନ୍ଧ୍ରରୁ ଛତିଶଗଡ଼ ଭାୟା ଓଡ଼ିଶା ଦେଇ ଗତି କରିବ । ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବା ପରେ ଓଡ଼ିଶାର ମାଲକାନଗିରି ଦେଇ ଛତିଶଗଡ଼ ମୁହାଁ ହେବ । ଓଡ଼ିଶା ପ୍ରବେଶ କଲା ବେଳକୁ ପବନର ବେଗ ଘଣ୍ଟା ପ୍ରତି ସର୍ବାଧିକ ୮୦ କିଲୋମିଟର ଥିବ । ତାପରେ



ମଧ୍ୟପ୍ରଦେଶ ଉପକୂଳରେ ଯାଇ ଦୁର୍ବଳ ହେବ । ବାତ୍ୟା ମୋନ୍ଥା ସିଧାସଳଖ ଓଡ଼ିଶାରେ ମାଡ଼ ନହେଲେ ବି ବଡ଼ ପ୍ରଭାବ ପକାଇବ । ଦକ୍ଷିଣ ଓଡ଼ିଶା ସମେତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲାରେ ୮୦ କିଲୋମିଟର ବେଗରେ ପବନ ବହିବ । ୨୭ ତାରିଖରେ ବର୍ଷା ପାଇଁ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନଗିରି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ୨୮ ତାରିଖରେ ବର୍ଷା ପାଇଁ ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି । ପୁରୀ, ଖୋର୍ଦ୍ଧା, ନୟାଗଡ, କନ୍ଧମାଳ, ବୌଦ୍ଧ, ସୋନପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ୨୯ ତାରିଖ ପାଇଁ କଳାହାଣ୍ଡି, ରାୟଗଡା, କୋରାପୁଟ, ନବରଙ୍ଗପୁର, ମାଲକାନଗିରିକୁ ରେଡ ଆଲର୍ଟ ଜାରି କରିଛି ଆଇଏମଡି ।

▶▶ପୃଷ୍ଠା ୭

## ପାହାଡ଼ିଆ ଅଂଚଳରେ ଭୂସ୍ଖଳନ ଆଶଙ୍କା

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଅଧିକ ବର୍ଷା ଥିବାରୁ ପାହାଡ଼ିଆ ଅଂଚଳରେ ଭୂସ୍ଖଳନ ଆଶଙ୍କା ରହିଥିବା ସୂଚନା ଦେଇଛନ୍ତି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ। ଗଜପତି ଜିଲ୍ଲାରେ ୩/୪ଟି ବ୍ଲକ୍ ରେ ଭୂସ୍ଖଳନ ଆଶଙ୍କା ରହିଛି। ସେହିପରି ବାତ୍ୟା ପ୍ରଭାବିତ ହେବାକୁ ଥିବା ରାୟଗଡ଼ା, ମାଲକାନଗିରିରେ ମଧ୍ୟ ଭୂସ୍ଖଳନ ଆଶଙ୍କା ରହିଛି। ଏଥିପାଇଁ ସମ୍ପୃକ୍ତ ଅଂଚଳ ଲୋକଙ୍କୁ ସତର୍କ ରହିବାକୁ କହିଛନ୍ତି ଅଗ୍ନିଶମ ଡିଜି। ପାହାଡ଼ ପାଦ ଦେଶରେ ଥିବା ଲୋକେ ଆଶ୍ରୟସ୍ଥଳକୁ ଯାଆନ୍ତୁ। ମାଟି ଓଦା ଥିବାରୁ ଅଧିକ ବର୍ଷା ହେଲେ ମାଟି ଧସିପାରେ। ଆମ ପାଇଁ ଏଥର ପବନ ଅପେକ୍ଷା ବର୍ଷା ଅଧିକ ଚ୍ୟାଲେଞ୍ଜ୍। ୧୩୦ଟି ଟିମ୍ ପ୍ରସ୍ତୁତ ହୋଇ ରହିଛି, ପରିସ୍ଥିତିକୁ ମୁକାବିଲା କରିବୁ ବୋଲି ଅଗ୍ନିଶମ ଡିଜି କହିଛନ୍ତି।

## ସମ୍ପତ୍ତି ବିବରଣୀ ନ ଦାଖଲ କଲେ ହେବ ନାହିଁ ପ୍ରମୋଶନ: ଓଡ଼ିଶା ସରକାରଙ୍କ କଡ଼ା ନିଷ୍ପତ୍ତି



ଭୁବନେଶ୍ୱର,୨୭।୧୦: ଓଡ଼ିଶା ସରକାର ୨୦୨୪ ବର୍ଷର ସମ୍ପତ୍ତି ବିବରଣୀ ଦାଖଲ ପାଇଁ କୌଣସି ସମୟ ବୃଦ୍ଧି ଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏଚ୍ଆରଏମ୍ଏସ୍ ପୋର୍ଟାଲ୍ ପୁନର୍ବାର ଖୋଲାଯିବ ନାହିଁ। ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗ ଏ ସମ୍ପର୍କରେ ବିଜ୍ଞପ୍ତି ଜାରି କରିଛି। ବିଜ୍ଞପ୍ତିରେ କୁହାଯାଇଛି, ଅନେକ କର୍ମଚାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ବିବରଣୀ ଦାଖଲ କରିନଥିବାରୁ ସମୟ ବୃଦ୍ଧି ଦାବି ହୋଇଥିଲା। କିନ୍ତୁ ପ୍ରଶାସନିକ ଅନୁଶାସନ ରକ୍ଷା ପାଇଁ କୌଣସି ଛାଡ଼ ଦିଆଯିବ ନାହିଁ। ୨୦୨୪ର ବିବରଣୀ ନ ଦାଖଲ କରିଥିବା କର୍ମଚାରୀମାନେ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ।

▶▶ପୃଷ୍ଠା ୭

## ଧର୍ମ ମାସରେ ଖାଉଟିଙ୍କୁ କନ୍ଦାଉଛି ପରିବା ଦର: କେଜି ପିଛା ସବୁ ୫୦ ପାର୍

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ହଠାତ୍ ବଢ଼ିଛି ପରିବା ଦର । ଗୋଟିଏ ପଟେ ବାତ୍ୟା ଓ ଅନ୍ୟପଟେ ଦୁଇ ଦିନ କଟକ ଛତ୍ରବଜାର ବନ୍ଦ ପାଇଁ ବଢ଼ିଛି ପନିପରିବା ଦର । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାହକ। ଚାଲିଛି ଧର୍ମ ମାସ କାର୍ତ୍ତିକ। ଘରେ ପଶୁନି ଆମିଷ । ଏପରି ସ୍ଥିତିରେ ଖାଉଟିଙ୍କୁ କନ୍ଦାଉଛି ପରିବା ଦର । କାର୍ତ୍ତିକରେ ଅହେତୁକ ଦରବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । କଟକ ଛତ୍ର ବଜାରରେ ଆକାଶଛୁଆଁ ପରିବା ଦର। ଦୁଇ ଦିନିଆ ଛତ୍ରବଜାର ବନ୍ଦ ଡାକରାକୁ ନେଇ ପରିବା ଦର ହଠାତ୍



ବଢ଼ିଯାଇଛି । ଗୋଟିଏ ପଟେ ବାତ୍ୟା, ଅନ୍ୟପଟେ ଦୁଇ ଦିନ ପାଇଁ ଛତ୍ର ବଜାର ବନ୍ଦ ରହୁଥିବାରୁ ଲୋକେ ଅଧିକ ପରିବାପତ୍ର କିଣି ନେଉଛନ୍ତି । ଫଳରେ ଦର ଅହେତୁକ ଭାବେ ବଢ଼ିଯାଇଛି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାହକ । ବିଭିନ୍ନ ଦାବି ନେଇ ଦୁଇ ଦିନିଆ ଛତ୍ର ବଜାର ବନ୍ଦ ଡାକରା ଦେଇଛି ଛତ୍ରବଜାର ବ୍ୟବସାୟୀ ସଂଘ ।

▶▶ପୃଷ୍ଠା ୭

## ତ୍ରିମୁଖୀ ଲଢ଼େଇ: ମୌଳିକ ପ୍ରସଙ୍ଗ ଗାଏବ, ବିଜେଡିର ପ୍ରଚାର ମଙ୍ଗ ଧରିଛନ୍ତି ବିବାଦୀୟ ନେତା

ନୂଆପଡ଼ା , ୨୭/୧୦ (ନି.ପ୍ର): ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେପି-ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର ସରଗରମ ହେବାରେ ଲାଗିଛି । ଏହି ଉପନିର୍ବାଚନ ଜିତିବା ଶାସକ ବିଜେପି ପାଇଁ ସମ୍ମାନର ପ୍ରଶ୍ନ ପାଲଟିଥିବାବେଳେ ବିଜେଡି ନିଜର ଗଡ଼କୁ ସୁରକ୍ଷିତ ରଖିବାକୁ ଜୋରଦାର ପ୍ରୟାସରେ କରୁଛି । ଆଉ ନିଜର ପ୍ରାର୍ଥୀଙ୍କ ଭରସାରେ ନିର୍ବାଚନ ଜିଣି କଂଗ୍ରେସ ରାଜ୍ୟରେ ନିଜର କମବ୍ୟାକ୍ କରିବାକୁ ଆଶା ବାନ୍ଧିଛି । ତେବେ ପ୍ରଚାର ମଇଦାନରେ ଉଷ୍ମତା ବଢୁଥିଲେ ମଧ୍ୟ ନୂଆପଡ଼ାବାସୀଙ୍କ ମୌଳିକ




ପ୍ରସଙ୍ଗ ଗାଏବ ହୋଇଯାଇଛି । ବିଜେଡି ନିଜର ୨୪ବର୍ଷ ଶାସନ କାଳରେ ନୂଆପଡ଼ାବାସୀଙ୍କୁ ଦାଦନ ସମସ୍ୟାରୁ ମୁକ୍ତି ସମେତ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜଳସେଚନ ଭଳି ମୌଳିକ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସକ୍ଷମ ହୋଇପାରିନାହିଁ । ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ସରକାର ୧୧୦୦କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରି ନୂଆପଡ଼ାବାସୀଙ୍କୁ ବିକାଶର ସ୍ୱପ୍ନ ଦେଖାଇଥିବାବେଳେ କଂଗ୍ରେସ ଉଭୟ ବିଜେଡି ଓ ବିଜେପିକୁ ଆଟାକ୍ କରି ସ୍ଥାନୀୟ ଆଦିବାସୀ ଓ ଅନୁସୂଚିତ ଜାତି ଭୋଟ ଭରସାରେ ନିର୍ବାଚନୀ ବୈତରଣୀ ପାର ହେବାକୁ ରଣନୀତି କରିଛି । ତେବେ ଜିଲ୍ଲା ବାହାରରୁ ପ୍ରାର୍ଥୀ ଦେଇ ଆରମ୍ଭରୁ ବ୍ୟାକଫୁଟରେ ଥିବା ବିଜେଡି ନିଜର ପ୍ରଚାରର ମଙ୍ଗ ହତ୍ୟା ଭଳି ସଙ୍ଗୀନ ମାମଲାରେ ବିବାଦୀୟ ଦଳୀୟ ନେତାମାନଙ୍କ ହାତରେ ଟେକି ଦେଇଛି । ଯାହାକି ନୂଆପଡ଼ା ନିର୍ବାଚନୀମଣ୍ଡଳୀର ସାଧାରଣ ଭୋଟରଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ଜଣାପଡ଼ିଛି ।

▶▶ପୃଷ୍ଠା ୭

## ଜେଲ ବିଶୃଙ୍ଖଳା ଦୃଢ ଭାବେ ମୁକାବିଲା କରାଯିବ : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଜେଲ ସୁରକ୍ଷା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଜେଲରେ ପୂର୍ବରୁ କ୍ରମାଗତ ଭାବରେ ବିଶୃଙ୍ଖଳା ହୋଇଆସୁଥିଲା। ନିକଟରେ ୩ରୁ ୪ ଟି ଘଟଣା ଘଟିଛି । ଦୃଢ଼ ଭାବରେ କିଭଳି ମୁକାବିଲା କରାଯିବ ତାହା କରାଯାଉଛି। ଏହାର ନିରାକରଣ ପାଇଁ ସରକାର ଶତ ପ୍ରତିଶତ ପଦକ୍ଷେପ ନେଉଛନ୍ତି । ଜେଲ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ ସାରିଛନ୍ତି । ଏପରି ଘଟଣା ଯେପରି ନଘଟିବ ସେନେଇ ପଦକ୍ଷେପ ନିଆଯାଉଛି।

## ସସ୍‌ପେଣ୍ଡ କରି ରିୱାର୍ଡ ଦେଲା ବିଜେଡି: ଅମରେଶ ଜେନା

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଜେଲରୁ ବାହାରିବା ପରେ ବିଜେଡିକୁ ଟେର୍ଚ୍ଛା ବାଣ ମାରିଛନ୍ତି ପୂର୍ବତନ ବିଜେଡି ନେତା ତଥା କର୍ପୋରେଟର ଅମରେଶ ଜେନା। ସେ କହିଛନ୍ତି ବିଜେଡି ସୁପ୍ରିମୋଙ୍କୁ ଭେଟିବି ନାହିଁ। ଲୋକଙ୍କ ସହିତ ଅଛି, ଲୋକଙ୍କ ପାଇଁ କାର୍ଯ୍ୟ ଜାରି ରଖିବି। ବିଜେପି ଆଡକୁ ଢଳୁଛନ୍ତି କି ପ୍ରଶ୍ନରେ ଉତର ଦେଇ ଅମରେଶ କହିଛନ୍ତି ଏବେ ଲୋକଙ୍କ ପାଇଁ କାମ କରୁଛି। ଦଳୀୟ ରାଜନୀତି କଥା ଭାବିନି। ବିଜେଡି, ବିଜେପି, କଂଗ୍ରେସ ସବୁ ଦଳ ସହିତ ଭାଇଚାରା ରହିଛି। ଆଗକୁ ରାଜନୈତିକ କାର୍ଯ୍ୟ କଳାପ ଜାରି ରହିବ। ସୂଚନାଯୋଗ୍ୟ ଯେ ଜଣେ ନାବାଳିକାକୁ ଦୁଷ୍କର୍ମ ମାମଲାରେ ଗିରଫ ହେବା ପରେ ଅମରେଶଙ୍କୁ ଦଳରୁ ନିଲମ୍ବନ କରିଥିଲା ବିଜେଡି।

## ଛଟ୍ ପରେ ଜୋରଦାର ବିହାର ପ୍ରଚାର: ମୋର୍ଚ୍ଚା ସମ୍ଭାଳିବେ ପ୍ରିୟଙ୍କା, ୨୯ରୁ ଯୋଡ଼ିହେବେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ,୨୭/୧୦ : ଛଟ୍ ପରେ ପ୍ରଚାର ମୈଦାନକୁ ଓହ୍ଲାଇବ ମହାଗଠବନ୍ଧନ । କାଲିଠୁ ବେଗୁରସରାଇରୁ ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କରିବେ ପ୍ରିୟଙ୍କା ଗାନ୍ଧୀଭଦ୍ରା । ସେହିପରି ୨୯ରୁ ଭଉଣୀଙ୍କ ସହ ଯୋଗଦେବେ ରାହୁଲ ଗାନ୍ଧୀ । ଏଥିସହ ମଙ୍ଗଳବାର ମହାଗଠବନ୍ଧନ ନିର୍ବାଚନୀ ଇସ୍ତାହାର ଜାରି କରିବ । ବିହାର ବିଧାନସଭା ନିର୍ବାଚନରେ କିଏ ମାରିବ ବାଜି, ସେକଥା କହିବ ଫଳାଫଳ । ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରଚାର ମୈଦାନରେ କାଲିଠୁ ଓହ୍ଲାଇବେ



ମହାଗଠବନ୍ଧନର ହାଇ ପ୍ରୋଫାଇଲ ନେତା । ମଙ୍ଗଳବାର ପ୍ରିୟଙ୍କା ଗାନ୍ଧୀ ବେଗୁରସରାଇଠୁ ପ୍ରଚାର ଆରମ୍ଭ କରିବେ ଓ ୨୯ରେ ଆସିବେ ରାହୁଲ ଗାନ୍ଧୀ । ସୂଚନା ଅନୁସାରେ ଭାଇ-ଭଉଣୀ ଏକାକୀ ଓ ମିଳିତ ଭାବେ ୧୦ରୁ ୧୨ ରାଲି ଏବଂ ରୋଡ୍ ଶୋ କରିବେ । ସେହିପରି କଂଗ୍ରେସର ଅନ୍ୟତମ ତୁଙ୍ଗନେତା କେ.ସି ବେଣୁଗୋପାଳ ଓ ଅଶୋକ ଗେହଲଟ ମଧ୍ୟ ମୈଦାନକୁ ଓହ୍ଲାଇବେ । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ତାଲିକାରେ ୪୦ଜଣ ହାଇପ୍ରୋଫାଇଲ ନେତାଙ୍କ ନାଁ ରଖିଛି କଂଗ୍ରେସ । ସେପଟେ ସହଯୋଗୀ ଆରଜେଡି ଓ ଅନ୍ୟାନ୍ୟ ଦଳ ନିଜ ନିଜର ପ୍ରଚାର ଜାରି ରଖିଛନ୍ତି । ଗୋଟେପଟେ ମହାଗଠବନ୍ଧନର ୪୦ଜଣ ତୁଙ୍ଗ ନେତାଙ୍କ କାନ୍ଧରେ ଦଳ ପ୍ରଚାର ଦାୟିତ୍ୱ ଦେଇଥିବାବେଳେ ସେପଟେ ଏନଡିଏ ମଧ୍ୟ

▶▶ପୃଷ୍ଠା ୭

## ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର: ଘୋଷଣା କଲେ ମୁଖ୍ୟ ନିର୍ବାଚନ କମିସନର




ନୂଆଦିଲ୍ଲୀ,୨୭/୧୦ : ସାରା ଦେଶରେ ଲାଗୁ ହେବ ଏସଆଇଆର । କାଲିଠୁ ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ଆଉ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ-ଏସଆଇଆର୍ ଲାଗୁ କରାଯିବ । ଆଜି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ସାମ୍ବାଦିକ ସମ୍ମିଳନୀ କରି ଏହା ଘୋଷଣା କରିଛନ୍ତି । ବିହାରରେ ସଫଳ ହେବା ପରେ ସାରା ଦେଶରେ ଏହାକୁ ଲାଗୁ କରାଯିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା । ତେବେ ଦ୍ୱିତୀୟ ପର୍ଯ୍ୟାୟରେ ଆଣ୍ଡାମାନ ଓ ନିକୋବର, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ଲକ୍ଷାଦ୍ୱୀପ, ମଧ୍ୟପ୍ରଦେଶ, ପୁଡୁଚେରି, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଏସଆଇଆରର ହେବ । ଭୋଟର ତାଲିକାରେ ଯୋଗ୍ୟ ଭୋଟରମାନଙ୍କୁ ଯୋଡ଼ା ଯିବ ଏବଂ ଅଯୋଗ୍ୟ ଓ ନକଲି ଭୋଟରଙ୍କ ନାଁ କଟାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଏସଆଇଆର ହେବାକୁ ଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଭୋଟର ତାଲିକା ଆଜି ରାତି ୧୨ଟାରେ ଫ୍ରିଜ୍ କରାଯିବ । ପ୍ରତି ପୁଲିଂ ବୁଥରେ ଜଣେ ବିଏଲଓ ଏବଂ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ଜଣେ ପଞ୍ଜୀକରଣ ଅଧିକାରୀ ନିୟୋଜିତ ହେବେ । ସୂଚନା ସଂଗ୍ରହ ପାଇଁ ପ୍ରତ୍ୟେକ ବିଏଲଓ ପ୍ରତି ଘରକୁ ଅତି କମରେ ତିନିଥର ପରିଦର୍ଶନ କରିବେ । ନିର୍ବାଚନମଣ୍ଡଳୀ ବାହାରେ ଥିବା ଭୋଟରମାନେ ନିର୍ଦ୍ଦିଷ୍ଟ ଫର୍ମକୁ ଅନଲାଇନରେ ପୂରଣ କରିପାରିବେ । ଏହି ପ୍ରକ୍ରିୟା ସମୟରେ କୌଣସି ଅତିରିକ୍ତ କାଗଜପତ୍ର କି ଫର୍ମ ଦରକାର ହେବ ନାହିଁ ।

## ରୁଷ ନିକଟରେ ବୁଲୁଛି ଆମର ପରମାଣୁ ଚାଳିତ ବୁଡ଼ାଜାହାଜ: ଟ୍ରମ୍ପ

ନୂଆଦିଲ୍ଲୀ,୨୭/୧୦ : ୟୁକ୍ରେନ ଯୁଦ୍ଧକୁ ନେଇ ଆମେରିକା ଓ ରୁଷ ମଧ୍ୟରେ ତିକ୍ତତା ବଢିଚାଲିଛି । ରୁଷ ପକ୍ଷରୁ ବାରମ୍ବାର ପରମାଣୁ ଶକ୍ତିସଂପନ୍ନ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଉଥିବାବେଳେ ତାହାର ଜବାବ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଟ୍ରମ୍ପ କହିଛନ୍ତି ଯେ ପୁଟିନ ପରମାଣୁ କ୍ଷେପଣାସ୍ତ୍ର ପରୀକ୍ଷଣ କରିବା ପରିବର୍ତ୍ତେ ୟୁକ୍ରେନ ଯୁଦ୍ଧ ଶେଷ କରିବା ଉଚିତ। ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ଏହି ଯୁଦ୍ଧ ଶେଷ ହେବା ଉଚିତ ଥିଲା କିନ୍ତୁ ଏହା ଚାରି ବର୍ଷ ଧରି ଚାଲିଛି। ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ଆମେରିକା ରୁଷ ଉପକୂଳରେ ପରମାଣୁ ବୁଡ଼ାଜାହାଜ ମୁତୟନ କରିଛି। ସେ କହିଛନ୍ତି ଯେ ସେ ଜାଣନ୍ତି ଯେ ଆମର ବୁଡ଼ାଜାହାଜ ବିଶ୍ୱର ସର୍ବୋତ୍ତମ। ସେମାନଙ୍କୁ ୮୦୦୦ ମାଇଲ ଯାତ୍ରା କରିବାକୁ ମଧ୍ୟ ପଡିବ ନାହିଁ।

ହେଲପର ଆବଶ୍ୟକ
ଦରମା : ୫ ହଜାର
ଯୋଗାଯୋଗ:
ଧ୍ୱନି ପ୍ରତିଧ୍ୱନି,
ଜେଲରୋଡ଼,
ବାଲେଶ୍ୱର
ମୋ: ୯୪୩୭୦୬୩୭୦୫

# ୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ-୨୦୨୫ ନଭେମ୍ବର ୧ରୁ

ରାଉରକେଲା, ୨୭/୧୦ (ନି.ପ୍ର): ଓଡିଶାର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜ କଳା କେନ୍ଦ୍ର ଆନୁକୁଲ୍ୟରେ ନଭେମ୍ବର ୧ ତାରିଖରେ ପ୍ରାକୃତିକ ସୌନ୍ଦର ?୍ୟଭରା ଇସ୍ପାତ ସହର ରାଉରକେଲାର ଭଞ୍ଜଭବନ ମୁକ୍ତାକାଶ ମଞ୍ଚରେ ଜାତୀୟ ସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ,ଶାସ୍ତ୍ରୀୟ ନୃତ୍ୟ ଓ ଲୋକନୃତ୍ୟ,ଆଦିବାସୀ ନୃତ୍ୟ ସଙ୍ଗୀତ ଉତ୍ସବର ମାନ୍ୟତା ପ୍ରାପ୍ତ "୨୮ତମ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ-୨୦୨୫" ଆରମ୍ଭ ହେବାକୁ ଯାଉଛି । ସୂଚନାଯୋଗ୍ୟ ଯେ, ସବୁଜିମାରେ ପରିପୂର୍ଣ୍ଣ ଇସ୍ପାତ ସହରରେ ପ୍ରତି ବର୍ଷ ଆୟୋଜିତ ଏହି ମହୋତ୍ସବ, ଉଚ୍ଚକୋଟୀର ନୃତ୍ୟ ସଙ୍ଗୀତ ପ୍ରଦର୍ଶନ ପାଇଁ ଏକ ଅନନ୍ୟ ପରିଚୟ ସୃଷ୍ଟି କରିବା ସହିତ ଦେଶର ସାଂସ୍କୃତିକ ଓ ପର୍ଯ୍ୟଟନ କ୍ୟାଲେଣ୍ଡରରେ ସ୍ଥାନ ସୃଷ୍ଟି କରିପାରିଛି । ଏହି ମହୋତ୍ସବରେ ପାଞ୍ଚ ଦିନ ବ୍ୟାପୀ ଭଞ୍ଜ ଭବନ ମୁକ୍ତାକାଶ ମଞ୍ଚ ଶଙ୍ଖ, ପଖଜ, ବଂଶୀଧ୍ୱନ, ଘୁଙ୍ଗୁରୁର ମୂର୍ଚ୍ଛନାରେ ରୋମାଞ୍ଚିତ ହୋଇଥାଏ, ଯାହା ଦର୍ଶକଙ୍କୁ ଏକ ସାଂସ୍କୃତିକ କଳ୍ପନାର ରାଇଜର ସ୍ୱର୍ଣ୍ଣ ପ୍ରଦାନ କରିଥାଏ ।ଉଲ୍ଲେଖନୀୟ ଯେ, ଭଞ୍ଜ ସାଂସ୍କୃତିକ ନ୍ୟାସର ଅଂଶବିଶେଷ, ଭଞ୍ଜ କଳା କେନ୍ଦ୍ର ୧୯୬୬ ମସିହାରେ ସ୍ଥାପିତ ହୋଇଥିଲା । ରାଉରକେଲା ଭଳି ଏକ ଉପାନ୍ତ ଅଞ୍ଚଳରେ ଓଡିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ସଂରକ୍ଷଣ ତଥା ଓଡିଶୀ ନୃତ୍ୟ , ଓଡିଶୀ ସଙ୍ଗୀତ, ଓଡିଶାର ଲୋକନୃତ୍ୟର ପ୍ରଚାର ପ୍ରସାର ଏହି ସାଂସ୍କୃତିକ ପ୍ରାଣକେନ୍ଦ୍ର ପ୍ରତିଷ୍ଠାର ଲକ୍ଷ୍ୟ ରହିଥିଲା । ଷାଠିଏ ଦଶକରୁ ଏହି ନୃତ୍ୟ ସଙ୍ଗୀତର ଏକୁଡିଶାଳ ଏହି ଅଞ୍ଚଳରେ ଏକ ସାଂସ୍କୃତିକ ନବଜାଗରଣ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା ଏବଂ ଓଡିଶାର କଳା, ସାହିତ୍ୟ ଓ ସଂସ୍କୃତିର ବୀଜ ରୋପଣ କରିଥିଲା ।

ଦେଶର ବିବିଧ ଭାଷା ଓ ପ୍ରାନ୍ତର ଲୋକ ବସବାସ କରୁଥିବା ମିନି ଇଣ୍ଡିଆ ରୂପେ ସ୍ୱୀକୃତି ଲାଭ କରିଥିବା ଇସ୍ପାତ ସହରରେ ସମସ୍ତ ଶାସ୍ତ୍ରୀୟ ଓ ଲୋକନୃତ୍ୟକୁ ଗୋଟିଏ ମଞ୍ଚରେ ଏକାଠି କରିବାର ସୁନ୍ଦର ପରିକଳ୍ପନା କରାଯାଇଥିଲା ଯାହା ୧୯୯୮ ମସିହାରେ 'ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବ' ଭାବରେ ସଫଳ ରୂପ ନେଇଥିଲା । ଭଞ୍ଜ ଭବନ ବିଶାଳ ମୁକ୍ତ ରଙ୍ଗମଞ୍ଚରେ ପଦ୍ମବିଭୂଷଣ, ପଦ୍ମଭୂଷଣ, ପଦ୍ମଶ୍ରୀ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଭଳି ସମ୍ମାନପ୍ରାପ୍ତ ଦେଶବିଦେଶର ବହୁ ଲବ୍ଧପ୍ରତିଷ୍ଠ ମହାନ କଳାକାର ନିଜର ନୃତ୍ୟ ସଙ୍ଗୀତ ପରିବେଷଣ କରି ଇସ୍ପାତ ସହରବାସୀଙ୍କୁ କଳା ଚାତୁରୀରେ ରୋମାଞ୍ଚିତ କରିଛନ୍ତି । ଗୋଟିଏ ମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ, ଆଦିବାସୀ ନୃତ୍ୟ ପରିବେଷଣ ଏହି ମହୋତ୍ସବକୁ ନିଆରା ଗଢିତୋଳେ । ଉତ୍ସବର ତୃତୀୟ ସନ୍ଧ୍ୟା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ଓଡିଶୀ ସଙ୍ଗୀତ ପାଇଁ ସଂରକ୍ଷିତ ରହିଥାଏ ।

ଚଳିତ ବର୍ଷ ଉତ୍ସବର ୨୮ତମ ସଂସ୍କରଣରେ ବହୁ ପ୍ରତିଷ୍ଠିତ କଳାକାର ସେମାନଙ୍କର ନୃତ୍ୟ ସଙ୍ଗୀତ ପ୍ରତିଭା ପରିବେଷଣ ନିମନ୍ତେ ଇସ୍ପାତ ସହରରେ ପଦାର୍ପଣ କରିବେ । ବହୁ ସମ୍ମାନଜନକ ପୁରସ୍କାରରେ ବିଭୂଷିତ ମହାନ କଳାକାର ତଥା ସର୍ବମୋଟ ୩୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ କଳାକାରଙ୍କ ସମାବେଶ ଚଳିତ ବର୍ଷର ଏହି ମହୋତ୍ସବରେ ଦେଖିବାକୁ ମିଳିବ । ମହୋତ୍ସବର ଉଦଯାପନୀ ଉତ୍ସବରେ ଭାରତ ସରକାରଙ୍କ ମାନ୍ୟବର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ, ମାନ୍ୟବର ରଘୁନାଥପଲ୍ଲୀ ବିଧାୟକ ଶ୍ରୀ ଦୁର୍ଗା ଚରଣ ତନ୍ତି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ରହିବେ । ଏହି ମହୋତ୍ସବକୁ ନଭେମ୍ବର ୧ ତାରିଖରେ ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଉଦଘାଟନ କରିବେ । ସମାରୋହର ବିଭିନ୍ନ ସନ୍ଧ୍ୟାରେ ମାନ୍ୟବର ରାଉରକେଲା ବିଧାୟକ ଶ୍ରୀ ସାରଦା ପ୍ରସାଦ ନାୟକ, ପଶ୍ଚିମାଞ୍ଚଳ ପୁଲିସ ଡ଼ିଆଇଜି ଶ୍ରୀ ବ୍ରିଜେଶ ରାୟ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଓ ଆରଏମସି କମିଶନର ସୁଶ୍ରୀ ଦିନା ଦସ୍ତିଗାର, ଆରଏସପି କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର ?୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ଦୀପିକା ମହିଳା ସଂଘତିର ଅଧକ୍ଷା ଶ୍ରୀମତୀ ନମ୍ରତା ବର୍ମା, ଏନଆଇଟି ନିର୍ଦ୍ଦେଶକ ପ୍ରଫେସର କେ ଉମା ମହେଶ୍ୱର ରାଓ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ଅସୀମ କୁମାର ଘୋଷ, ହାଇଦ୍ରାବାଦ ଗଜ ଇଞ୍ଜିନିୟରିଂର ବିଜିନେସ ହେଡ ଶ୍ରୀ ନିକୁଞ୍ଜ କିଶୋର ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ଉଦଘାଟନୀ ସନ୍ଧ୍ୟାରେ ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀରଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଭଞ୍ଜ କଳା କେନ୍ଦ୍ରର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରିବେ । ପରେପରେ ଲୋକନୃତ୍ୟ ପରିବେଷଣ କରିବେ ବାଂଲାଦେଶର ନୃତ୍ୟଶିଳ୍ପୀ । ଆଦିବାସୀ ନୃତ୍ୟ ପରଯ୍ୟାୟରେ ଝାରଖଣ୍ଡର ପଦ୍ମଶ୍ରୀ ମୁକୁନ୍ଦ ନାୟକ ଓ ସାଥି କଳାକାର ପାରମ୍ପରିକ ଝୁମର ମର୍ଦ୍ଦାନୀ ପରିବେଷଣ କରିବେ । ଭାରତରେ ତଥା ବିଶ୍ୱର ବିଭିନ୍ନ ଦେଶରେ କୁଚୀପୁଡ଼ୀ ନୃତ୍ୟ ପରିବେଷଣ କରି ଯଶ ଅର୍ଜନ କରିଥିବା ପଦ୍ମଭୂଷଣ ଚିନ୍ନା ସତ୍ୟମଙ୍କ ଚେନ୍ନାଇ ନୃତ୍ୟ ଗୁରୁକୁଳରୁ ଶ୍ରୀମୟୀ ଭେମ୍ପଟି, କୋଲକାତାର ବିଶିଷ୍ଟ ନୃତ୍ୟଗୁରୁ ସନ୍ଦୀପ ମଲ୍ଲିକ ଓ ସାଥିଙ୍କ ଦ୍ୱାରା କଥ୍ଥକ ନୃତ୍ୟ, ଭୁବନେଶ୍ୱରରୁ ଗୁରୁ ମୀରା ଦାସ ଓ ସାଥି କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟର ଉପସ୍ଥାପନା, ମଧ୍ୟପ୍ରଦେଶର ପ୍ରସିଦ୍ଧ ଲୋକନୃତ୍ୟ, ସାରା ବିଶ୍ୱରେ ନୃତ୍ୟ ପ୍ରଦର୍ଶନ ପୂର୍ବକ ଯଶ ଅର୍ଜନ କରିଥିବା ପୁରୁଲିଆର ଛଉ ନୃତ୍ୟ, ଗଞ୍ଜାମର ଲୋକପ୍ରିୟ ରଣପା ନୃତ୍ୟ, କଳାହାଣ୍ଡିର ଲୋକନୃତ୍ୟ ଏବଂ ପଦ୍ମପୁରର ଲୋକପ୍ରିୟ ଲୋକନୃତ୍ୟ ଇତ୍ୟାଦି ବିଭିନ୍ନ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ରହିବ ।

# ଷ୍ଟାର୍ଟ ଅପ୍ ଇନୋଭେସନ ପ୍ରତିଯୋଗିତାରେ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଙ୍କ କୃତିତ୍ୱ

କନ୍ଧମାଳ, ୨୭/୧୦ (ନି.ପ୍ର): ଓଡ଼ିଶା ସରକାର ଅଧିନସ୍ତ ଉଚ୍ଚ ଶିକ୍ଷା ବିଭାଗ ଆନୁକୁଲ୍ୟରେ ରାଜ୍ୟ ବ୍ୟାପୀ ଷ୍ଟାର୍ଟ ଅପ୍ ଇନ୍ନୋଭେସନ୍ ପ୍ରତିଯୋଗିତା ୨୦୨୫ ସମସ୍ତ ମହାବିଦ୍ୟାଳୟ ସ୍ତର ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ତିନି ଜଣ ଛାତ୍ର ଶ୍ରୀଚନ୍ଦନ କୁମାର ପୃଷ୍ଟି, ଶ୍ରୀ ଦ୍ୱାରିକାନାଥ ପାତ୍ର, ଶ୍ରୀ ଅନାଦି ଚରଣ କହଁର ମହାବିଦ୍ୟାଳୟ ସ୍ତରରେ କୃତିତ୍ୱ ଲାଭ କରି ବିଶ୍ୱବିଦ୍ୟାଳୟ ସ୍ତର ନିମନ୍ତେ ମନୋନୀତ ହୋଇଥିଲେ । କୃତି ଛାତ୍ର ମାନେ ଗତ ସେପଟେମ୍ବର ମାସ ୯ ତାରିଖରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଚଳିତ ମାସରେ ପ୍ରକାଶିତ ଫଳାଫଳ ଅନୁଯାୟୀ ବିଶ୍ୱବିଦ୍ୟାଳୟ ସ୍ତରରେ ଶ୍ରୀ ଦ୍ୱାରିକାନାଥ ପାତ୍ର କୃତିତ୍ୱ ଅର୍ଜନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି । ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ଼ ସୁବାସ ଚନ୍ଦ୍ର ପ୍ରଧାନ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଏବଂ ସେମାନଙ୍କୁ ଏହି ସଫଳତାକୁ ଆଗେଇ ନେବାକୁ ପ୍ରେରଣା ଦେଇଥିଲେ । ଏହି ପରିପ୍ରେକ୍ଷୀରେ ବାଣିଜ୍ୟ ବିଭାଗର ମୁଖ୍ୟ ଶ୍ରୀ ରାଜେଶ କୁମାର ଧଳ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହି ପ୍ରତିଯୋଗୀ ମାନଙ୍କ ମାର୍ଗଦର୍ଶନ କରାଇଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ସହକାରୀ ପ୍ରଫେସର ଶ୍ରୀ ଧଳ ଏବଂ ଓଡ଼ିଆ ବିଭାଗର ଶ୍ରୀ ସଦାନନ୍ଦ ଦତ୍ତ ଉପସ୍ଥିତ ରହି ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ତରୁଣ ପ୍ରଜ୍ଞା ଭାରତୀର ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର, ୨୭/୧୦ (ନି.ପ୍ର): ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନ ଦ୍ୱାରା ପୁରାଣ ପ୍ରବନ୍ଧ, ଇତିହାସ ପ୍ରବନ୍ଧ, ସାଂସ୍କୃତିକ ଜ୍ଞାନ ପରୀକ୍ଷା ଓ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ଏନ୍.କେ.ଟି ରୋଡ଼ ସ୍ଥିତ ନାରାୟଣୀ ଇଂରାଜୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବହୁସଂଖ୍ୟାରେ ଅଂଶଗ୍ରହଣ କରି ବିଜେତା ହୋଇଥିଲେ । ଅନୁଷ୍ଠାନର ସଭାପତି ତପନ କିରଣ ତ୍ରିପାଠୀ, ଉପସଭାପତି ରାମ ଶଙ୍କର ଷଡଙ୍ଗୀ, ସମ୍ପାଦକ ଅଜୟ କୁମାର ମଲିକ, କୋଷାଧକ୍ଷ ରବୀନ୍ଦ୍ର ମହାରଣାଙ୍କ ସହ ଜାନକୀ ପାଣିଗ୍ରାହୀ, ସବିତା ତ୍ରିପାଠୀ, ଲିପିକା ଦଳାଇ ଓ ଜଗନ୍ନାଥ ପାଣିଗ୍ରାହୀ ପ୍ରମୁଖ ସଦସ୍ୟଙ୍କ ଉପସ୍ଥିତିରେ କ୍ଷୀରୋଦ ଦାସ ଓ କ୍ଷେତ୍ର ମୋହନ ନାୟକ ସମସ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ । ଆସନ୍ତା ରବିବାର ସକାଳ ୭ଟା ୩୦ ସମୟରୁ ନାରାୟଣୀ ଇଂରାଜୀ ବିଦ୍ୟାଳୟ ପରିସରରେ ଦଉଡି ଡିଆଁ, ଧୀର ଚକ୍ରିକା, ପୁଚି ଓ ଶିଶୁଗୀତ ପ୍ରତିଯୋଗିତା ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେବ ।

# ଶିକ୍ଷକ ସଂଘ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ ଓ ଆଧାରଶୂନ୍ୟ ବୋଲି ପ୍ରତିକ୍ରିୟା ଦେଲେ କିରାଣୀ

ମାଲକାନଗିରି, ୨୭/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କିରାଣୀଙ୍କ ବିରୋଧରେ ଜିଲ୍ଲା ଶିକ୍ଷକ ସଂଘ କରିଥିବା ଅଭିଯୋଗ ଏବେ ଭିନ୍ନ ମୋଡ଼ ନେଇଛି । ଶିକ୍ଷକ ସଂଘ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ ଓ ଆଧାରଶୂନ୍ୟ ବୋଲି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଜନୈକ କିରାଣୀ ସୁଧାମଣୀ ପାଢ଼ୀ । ତାଙ୍କ ବିରୋଧରେ ସଂଘ କରିଥିବା ଅଭିଯୋଗ ଗଣମାଧମରେ ପ୍ରକାଶ ପାଇବା ପରେ ଶ୍ରୀମତୀ ପାଢ଼ୀ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । କୌଣସି ତଥ୍ୟ ପ୍ରମାଣ ନଥାଇ ସ୍ୱାର୍ଥ ହାସଲ ନହେବାରୁ ସଂଘ ଆକ୍ରୋଶ ରଖି ତାଙ୍କ ଚରିତ୍ର ସଂହାର କରିବା ସହ ବଦଳି ଦାବି କରିବା ହାସ୍ୟାସ୍ପଦ ବୋଲି କହିଛନ୍ତି । ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଖରାପ ବ୍ୟବହାର କରିବା, କୌଣସି କାମ ପାଇଁ ଅର୍ଥ ମାଗିବା ଓ ବ୍ଲକ୍ ଶିକ୍ଷାଧକାରୀଙ୍କ କାର୍ଯ୍ୟାଳୟରେ ବେନିୟମ ଭାବେ ଡ୍ୟୁଟି କରିବା ନେଇ ଗଣମାଧମରେ ଖବର ପ୍ରକାଶିତ ହୋଇଛି । ଯାହାର ପ୍ରତିକ୍ରିୟା ରଖଛନ୍ତି ଶ୍ରୀମତୀ ପାଢ଼ୀ । ସେ କହିଛନ୍ତି ଯେ, ମୁଁ ୨୦୧୨ ମସିହାରେ କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ଏମଭି-୩୪ ଉନୀତ ଉଚ୍ଚ ବିଦ୍ୟାଳୟରେ କନିଷ୍ଠ କିରାଣୀ ଭାବେ କାର୍ଯ୍ୟରେ ଯୋଗ ଦେଇଥୁଲି । ଗତ ତା ୮/୯/୨୦୧୬ ରିଖରେ ଜିଲ୍ଲାଶିକ୍ଷାଧକାରୀଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା (ମେମୋ ନଂ ୩୨୮୬) ଆଧାରରେ ମୋତେ କୋରୁକୋଣ୍ଡା ବ୍ଲକ୍ ଶିକ୍ଷାଧୀକାରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେହି ଦିନଠାରୁ ମୁଁ ଉକ୍ତ କାର୍ଯ୍ୟାଳୟରେ କନିଷ୍ଠ କିରାଣୀ ଭାବେ କାର୍ଯ୍ୟରତ ଅଛି । କିନ୍ତୁ ମୁଁ ବେନିୟମ ଭାବେ ବ୍ଲକ ଶିକ୍ଷାଧୀକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛି ବୋଲି ପ୍ରକାଶିତ ଖବରକୁ ଦୃଢ଼ ଭାବେ ନିନ୍ଦା ଓ ପ୍ରତିବାଦ କରୁଛି । ଅନ୍ୟପକ୍ଷରେ କୌଣସି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ଓ ଟଙ୍କା ମାଗିବା କଥା ସମ୍ପୂର୍ଣ୍ଣ ମନଗଢା ଏବଂ କପୋଳକଳ୍ପିତ ବୋଲି କହିଛନ୍ତି ଶ୍ରୀମତୀ ପାଢ଼ୀ । ନିଜର ବୃହତ୍ ସ୍ୱାର୍ଥରେ ବାଧା ସୃଷ୍ଟି ହେବାରୁ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଏପରି ଚକ୍ରାନ୍ତ ରଚି ମୋ ବଦଳି ଦାବି କରିଥିବା ପାଲଟା ଅଭିଯୋଗ କରିଛନ୍ତି ଶ୍ରୀମତୀ ପାଢ଼ୀ ।

# ସେଲ, ରାଉରକେଲା ଇସ୍ପାତ କାରଖାନାରେ ରାଷ୍ଟ୍ରୀୟ କର୍ମଯୋଗୀର ବୃହତ୍ ଜନ ସେବା କାର୍ଯ୍ୟକ୍ରମରେ ପ୍ରାୟ ୪୫୦ କର୍ମଚାରୀଙ୍କୁ ତାଲିମ ପ୍ରଦାନ

ରାଉରକେଲା, ୨୭/୧୦ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନାରେ ରାଷ୍ଟ୍ରୀୟ କର୍ମଯୋଗୀର ବୃହତ୍ ଜନ ସେବା କାର୍ଯ୍ୟକ୍ରମରେ ପ୍ରାୟ ୪୫୦ କର୍ମଚାରୀଙ୍କୁ ୧୦ଟି ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇଛି । ଉଲ୍ଲେଖନୀୟ ଯେ, ଦେଶବ୍ୟାପୀ ଆରମ୍ଭ ହୋଇଥିବା କ୍ଷମତା ନିର୍ମାଣ ଅଭ୍ୟାସ ଅନୁଯାୟୀ ମାଷ୍ଟର ଟ୍ରେନରମାନେ ଅଂଶଗ୍ରହଣକାରୀଙ୍କୁ ତାଲିମ ପ୍ରଦାନ କରୁଛନ୍ତି । ତାଲିମ ଅଭ୍ୟାସଗୁଡ଼ିକ ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ରାଷ୍ଟ୍ରୀୟ କର୍ମଯୋଗୀ ବୃହତ୍ ଜନ ସେବା କାର୍ଯ୍ୟକ୍ରମର ଅଷ୍ଟମ ପର୍ଯ୍ୟାୟ ଅକ୍ଟୋବର ୨୨ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ଲାଣ୍ଟର ୫୭ ଜଣ କର୍ମଚାରୀ ଯୋଗ ଦେଇଥିଲେ । ମାନବ ସମ୍ବଳ ଏଲ ଆଣ୍ଡ ଡ଼ି ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଅନ୍ନପୂର୍ଣ୍ଣା ବେହେରା ଏବଂ ସୁଶ୍ରୀ ବିନିତା ତିର୍କୀ ଏହି ଅଧିବେଶନର ମାଷ୍ଟର ଟ୍ରେନର ଥିଲେ । ୪୮ ଜଣ କର୍ମଚାରୀ ଭାଗ ନେଇଥିବା ନବମ ଅଧିବେଶନରେ ସିଏମଏମ ବିଭାଗର ସିନିୟର ମ୍ୟାନେଜର ଶ୍ରୀ ଦୁଃଖିଶ୍ୟାମ ସୋରେନ, ଏବଂ ଡେପୁଟି ମ୍ୟାନେଜର ସୁଶ୍ରୀ ଇତିଶ୍ରୀ ସାହୁ ପ୍ରଶିକ୍ଷକ ଥିଲେ । ସେହିପରି, ଅକ୍ଟୋବର ୨୪ ତାରିଖରେ ଆୟୋଜିତ ଦଶମ ଅଧିବେଶନରେ ୪୮ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ । ଆଇ ଆଣ୍ଡ ଏ ବିଭାଗର ଏଜିଏମ ଶ୍ରୀ ରବିଶ ପାଟିଦାର, ଏବଂ ସୁଶ୍ରୀ ବିନିତା ତିର୍କୀ ଅଧିବେଶନ ସମ୍ପନ୍ନ କରିଥିଲେ । ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ ପେଡଗଗ୍ ଆପ୍ ବ୍ୟବହାର କରି ଇଣ୍ଟରାକ୍ଟିଭ୍ ଶିକ୍ଷଣ ପଦ୍ଧତି ଗ୍ରହଣ କରାଯାଇଥିଲା ଯାହା କର୍ମଚାରୀଙ୍କ କାର୍ଯ୍ୟ ସହିତ ଓତପ୍ରୋତ ଭାବେ ସମନ୍ୱିତ ଅଟେ । ଆୟୋଜିତ ଅଧିବେଶନଗୁଡ଼ିକରେ ସ୍ଥିତିଗତ ଅଭ୍ୟାସ ଅନ୍ତର୍ଭୁକ୍ତ ଥିଲା ଯେଉଁଥିରେ ଅଂଶ ଗ୍ରହଣକାରୀମାନେ ସାମୂହିକ ଭାବରେ ସେମାନଙ୍କର କାର୍ଯ୍ୟ ପଦ୍ଧତିକୁ ଉନ୍ନତ କରିବା ସହିତ କର୍ମଯୋଗୀ କାର୍ଯ୍ୟ ଶୈଳୀ ଗ୍ରହଣ କରିବା ପାଇଁ ଉପାୟଗୁଡ଼ିକ ଉପରେ ଅନୁଧ୍ୟାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଏକ ଟିମ ଡିଜାଇନ୍ ଅଭ୍ୟାସ ମଧ୍ୟ ସମ୍ପନ୍ନ ହୋଇଥିଲା । ଏହି କାର୍ଯ୍ୟକ୍ରମ ଅଂଶ ଗ୍ରହଣକାରୀମାନଙ୍କୁ ସେମାନଙ୍କର ବର୍ତ୍ତମାନର ଭୂମିକା ତଥା ନିଜନିଜ ବିଭାଗରେ ସେମାନଙ୍କର ଅବଦାନର ମୂଲ୍ୟାଙ୍କନ ବୁଝିବାରେ ସାହାଯ୍ୟ କରିଥିଲା । ଏହା ସହିତ ସେମାନଙ୍କର ପ୍ରୟାସ କିପରି ସଂଗଠନାତ୍ମକ ଉଦ୍ଦେଶ୍ୟ ସହିତ ଜାତୀୟ ବିକାଶର ବ୍ୟାପକ ଲକ୍ଷ୍ୟ ସହିତ ସମନ୍ୱିତ ତାହା ଦର୍ଶାଯାଇଥିଲା ।




# ସହରର ୩ ଛକରୁ କେବିନ୍ ତାଡି ଛେଗଲେ ଚୋର

କେନ୍ଦ୍ରାପଡା, ୨୭/୧୦ (ନି.ପ୍ର): କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ କଜଳା ୩ ଛକୁ ବିଳମ୍ବିତ ରାତିରେ ଏକ କେବିନ ତାଡି ଚୋର କଳାକନା ବୁଲାଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ କଜଳା ୩ ଛକ ଉପରେ ଥିବା ମିର ଅବଦୁଲ ରହେମାନଙ୍କ କେବିନ ତାଡି ବିଳମ୍ବିତ ରାତିରେ ଚୋର ନଗଦ ଟଙ୍କା ଜିନିଷପତ୍ର ନେଇ ଯାଇଥିବା ଜଣାପଡିଛି । ଖବରପାଇ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ କରୁଥିବା ଜଣାପଡିଛି । ତେବେ ସହରରେ ଚୋରୀ ବଢୁଥିବାରୁ ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ସାଧାରଣରେ ଦାବି ହେଉଛି ।

# କାଲିମେଲା ବିଜେପି କାର୍ଯ୍ୟାଳୟଠାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ମାଲକାନଗିରି, ୨୭/୧୦ (ନି.ପ୍ର): କାଲିମେଲା ବିଜେପି କାର୍ଯ୍ୟାଳୟ ଠାରେ ନବରଙ୍ଗପୁର ସାଂସଦ ଇଂ ବଳଭଦ୍ର ମାଝିଙ୍କ ନିର୍ଦ୍ଦେଶ କ୍ରମେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସାଂସଦଙ୍କୁ ଯେକୌଣସି ଅଭିଯୋଗ ଡିଜିଟାଲ ମାଧମରେ ଅନଲାଇନରେ କିପରି ଜଣେଇ ପାରିବେ ସେଇଥିଁ ପାଇଁ କାଲିମେଲା ବ୍ଲକର ୨୩ଟି ପଂଚାୟତରେ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି ।ଉକ୍ତ ବୈଠକରେ ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ସମ୍ପାଦକ ଭବାନୀ ଶଙ୍କର ମୁଖାର୍ଜୀ, କାଲିମେଲା ମଣ୍ଡଳ ସଭାପତି ରାମ ଚନ୍ଦ୍ର ବେଟି, ମାଲାଭରମ ମଣ୍ଡଳ ସଭାପତି ଜୟନ୍ତ ମଜୁମଦାର, ଗମ୍ପାକୋଣ୍ଡା ମଣ୍ଡଳ ସଭାପତି ନିଖିଲ ଦାସ ଓ ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

# ନୂଆପଡା ଉପ-ନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବି ଉପରେ ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ : ପ୍ରମୋଦ ମିଶ୍ର

ବଲାଙ୍ଗିର, ୨୭/୧୦ (ନି.ପ୍ର): ସଂପ୍ରତି ନୂଆପଡା ଉପ ନିର୍ବାଚନ ଓଡିଶା ରାଜନୀତିରେ ହଟଚମଟ ସୃଷ୍ଟି କରିଛି । ନୂଆପଡା ଏବେ ରାଜ୍ୟର ରାଜନୈତିକ ରାଜଧାନୀ ଭଳି ପ୍ରତୀୟମାନ ହେଉଛି । ଗୋଟିଏ ପଟରେ ଆଦିବାସୀ ଭୋଟ ଓ ବିଗତ ବିଧାନସଭା ନିର୍ବାଚନର ରାଜନୈତିକ ପରିସଂଖ୍ୟାନକୁ ନେଇ କଂଗ୍ରେସ ଦଳ ବାହାସ୍ଫୋଟ ମାରୁଥିବା ବେଳେ ଦିବଂଗତ ବିଧାୟକଙ୍କ ପାଳିତ ପୁତ୍ରଙ୍କୁ ପ୍ରାର୍ଥୀ କରି ଓ ଶାସନ କଳ, ଶାସନ ତନ୍ତ୍ର ଓ ପେକେଜ ଘୋଷଣାକୁ ଭିତି କରି ବିଜେପି ଦଳ ଜିତିବାର ଦମ୍ଭ ଦେଖାଉଛି । ବିଳମ୍ବରେ ହେଉ ବରଂ ଅତାବିରାର ପୂର୍ବତନ ବିଧାୟିକା ଓ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପ୍ରାର୍ଥୀପତ୍ର ଦାଖଲ କଲା ପରେ ବିଜେଡିର ସାଂଗଠନିକ ଭିତିକୁ ପୁନର୍ଗଠନ କରି ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବଂଚିଥିବା ବ୍ୟକ୍ତିତ୍ୱକୁ ଭିତି କରି ବିଜେଡି ମଧ୍ୟ ଜିତିବାର ହୁଂକାର ଦେଇଛି । ପ୍ରାର୍ଥୀ ହିସାବରେ ବିଜେପି ପ୍ରାର୍ଥୀ ନବାଗତ ଓ ସଂପୂର୍ଣ୍ଣ ରୂପେ ତାଙ୍କର ବିଜେପିକରଣ ହୋଇନାହିଁ, କଂଗ୍ରେସ ପ୍ରାର୍ଥୀ ଉକ୍ତ ନିର୍ବାଚନ ମଣ୍ଡଳୀରେ ୪/୫ ଥର ହାରି ସାରିଛନ୍ତି ତଥା ବିଜେଡି ପ୍ରାର୍ଥୀନୀ ଅଭିଜ୍ଞ ଓ ଉଚ୍ଚ ଶିକ୍ଷିତା ହୋଇଥିଲେ ମଧ୍ୟ ଉକ୍ତ ନିର୍ବାଚନ ମଣ୍ଡଳୀ ପାଇଁ ନୂଆ ପ୍ରାର୍ଥୀ ତେଣୁ ଲଢେଇ ରୋଚକ ହେଉଛି । କିଛି ସ୍ୱାଧିନ ପ୍ରାର୍ଥୀ ମଧ୍ୟ ଅଛନ୍ତି ଓ ସେମାନେ ମଧ୍ୟ କିଛି ଭୋଟ ପାଇପାରନ୍ତି । କିନ୍ତୁ, ଆଲୋଚ୍ୟର ବିଷୟ ହେଲା ଯେ ଆଦିବାସୀ ଭୋଟ ଏଥରକ ଆଉ ଏକତରଫା ଭାବରେ ପଡିବ ନାହିଁ ବୋଲି ସର୍ଭେ ଅକଳନ କରୁଛନ୍ତି । ସାଧାରଣତଃ ଉପନିର୍ବାଚନମାନଙ୍କରେ ଶାସକ ଦଳ ସୁବିଧାରେ ରହନ୍ତି, କିନ୍ତୁ ଶାସନକୁ ଆସିଲା ପରେ ବିଜେପି ଗତ ୧୫/୧୬ ମାସ ମଧ୍ୟରେ ଯେଭଳି ଭାବରେ ଶାସନ ବିହୀନତାର ଅଭିଯୋଗରେ ଅଭିଯୁକ୍ତ ହେଉଛି, ତା ପାଇଁ ଏହି ନିର୍ବାଚନ ଏସିଡ ଟେଷ୍ଟ ଭଳି ହୋଇଛି । ଶାସନରୁ ଗଲା ପରେ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା କେତେ ଅଛି ତାହା ଏହି ନିର୍ବାଚନରେ ପ୍ରମାଣିତ ହେବ । ଠିକ୍ ସେହିଭଳି କଂଗ୍ରେସ ଦଳକୁ ଲୋକେ ଗ୍ରହଣ କରିବାକୁ କେତେ ଚାହୁଁଛନ୍ତି ତାହା ମଧ୍ୟ ଏହି ନିର୍ବାଚନରେ ପ୍ରମାଣିତ ହେବ । କିନ୍ତୁ କଥା ତାହା ନୁହେଁ । ସବୁ ଦଳ ଓ ସବୁ ପ୍ରାର୍ଥୀ ନିର୍ବାଚନ ପ୍ରଚାରରେ କେବଳ ପ୍ରତିଶୃତି ଦିଆ, ମିଶ୍ରଣ ପର୍ବ ଓ ବାହାସ୍ଫୋଟ ମାରିବାରେ ବ୍ୟସ୍ତ ଅଛନ୍ତି । ଲୋକଙ୍କ ମୌଳିକ ସମସ୍ୟା ଓ ପ୍ରଶ୍ନ ଏହି ନିର୍ବାଚନରେ ଆଲୋଚିତ ହେଉ ନାହିଁ । ଗତ ୩ ଦଶକ ହେଲା କୋଶଳାଂଚଳରେ ସଂବିଧାନର ଧାରା ୩ ଅନଯାୟୀ ସ୍ୱତନ୍ତ୍ର ରାଜ୍ୟ ଆନ୍ଦୋଳନ ଚାଲିଛି । ଦୁଇ ଦଶକ ଧରି କୋଶଳାଂଚଳରେ ହାଇକୋର୍ଟର ସ୍ଥାୟୀ ବେଂଚ ଦାବି ଆନ୍ଦୋଳନ ଚାଲିଥିଲା । ଚାଷୀ ଆତ୍ମହତ୍ୟା, ଅଭାବୀ ବିକ୍ରି, ଦାଦନ ସମସ୍ୟା, ଟୋକନ ସମସ୍ୟା ଇତ୍ୟାଦି ଯେଉଁ ଅବସ୍ଥାକୁ ସେହି ଅବସ୍ଥାରେ ରହିଛି । ବିଶେଷ କରି ନୂଆପଡା ଏକ ଦାଦନ ପ୍ରବଣ ଜିଲ୍ଲା । ସେହି ଜିଲ୍ଲାର ଅନେକ ସମସ୍ୟା ରହିଛି । ତେଣୁ ଏହି ପ୍ରସଙ୍ଗ ସବୁ ନିର୍ବାଚନରେ ଆଲୋଚିତ ହେବା କଥା । ତାହା ନ କରି କେବଳ କ୍ଷମତା ପାଇଁ ଦଳମାନେ ପାଗଳ ହେବା ବିଡମ୍ବନାର ବିଷୟ । ବିଭିନ୍ନ ସମୟରେ ନିଜର କିମ୍ବା ନିଜ ପରିବାରର ରାଜନୈତିକ ପତିଆରା ପାଇଁ କିଛି ନେତା କୋସଳ ନାଁ ଧରି ଦେଉଛନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ଦଳର ନେତା ବିଗତ ଦିନରେ କୋସଳ ଆନ୍ଦୋଳନକୁ ବିଭାଜିତ କରିବାକୁ ମଧ୍ୟ ପ୍ରୟାସ କରିଥିଲେ । କିନ୍ତୁ କେହି ହେଲେ କୋସଳ ରାଜ୍ୟ ସପକ୍ଷରେ କିଛି କରୁନାହାନ୍ତି କିମ୍ବା ବୈଧାନିକ ପଦକ୍ଷେପ ନେଉନାହାନ୍ତି । ଏଣୁ ନୂଆପଡାର ଭୋଟର ଭାଇ ଭଉଣୀମାନେ ଭୋଟ ପୂର୍ବରୁ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କୁ କୋସଳ ରାଜ୍ୟ ଦାବୀ ସଂପର୍କରେ ସ୍ପଷ୍ଟୀକରଣ ମାଗନ୍ତୁ ବୋଲି କୋସଳବାଦୀ ନେତା ପ୍ରମୋଦ ମିଶ୍ର ଆହ୍ୱାନ ଦେଇଛନ୍ତି ।

# ବିଜ୍ଞାନ, କଳା ଓ ହସ୍ତକଳାର ଚିତ୍ତାକର୍ଷକ ପ୍ରଦର୍ଶନୀ

କେନ୍ଦ୍ରାପଡା, ୨୭/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଉପକଣ୍ଠରେ ଅବସ୍ଥିତ ଏହି ଜିଲ୍ଲାର ଏକମାତ୍ର ଆଇ.ସି.ଏସି.ଇ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ସେଂଟଯୋସେଫ୍ ସ୍କୁଲର ବାର୍ଷିକ ବିଜ୍ଞାନ, କଳା ଓ ହସ୍ତକଳାର ଚିତ୍ତାକର୍ଷକ ପ୍ରଦର୍ଶନୀ ଗତ ଶନିବାର ଦିନ ଅନୁଷ୍ଠିତ ହୋଇଥିଲା । ଏହା ପୂର୍ବାହ୍ନ ୧୦ଘଟିକା ଠାରୁ ଅପରାହ୍ନ ୪ଘଟିକା ପର୍ଯ୍ୟନ୍ତ ବିଦ୍ୟାଳୟର ବିଭିନ୍ନ କକ୍ଷ ମଧ୍ୟରେ ଆୟୋଜିତ କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷ ଫାଦର ନବକିଶୋର ଦିଗାଲ୍, ବିଦ୍ୟାଳୟର ମ୍ୟାନେଜର ଫାଦର ରମେଶ ବଲିଆର ସିଂହ ଏବଁ ବିଦ୍ୟାଳୟର ଉପଦେଷ୍ଟା ସିଷ୍ଟର ମାନସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଦର୍ଶନୀ ଉଦଘାଟିତ ହୋଇଥିଲା । ଏହି ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବରେ ମେହେନ୍ଦିପୁର ସ୍ଥିତ ଲାଲ୍ ବାହାଦୁର ହାଇସ୍କୁଲର ଇଂରାଜୀ ବିଭାଗ ମୁଖ୍ୟ ସମ୍ମାନନୀୟ ପ୍ରକାଶ କୁମାର ବେହେରା ଉପସ୍ଥିତ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ବିଜ୍ଞାନ, କଳା ଓ ହସ୍ତକଳା ସମ୍ପର୍କିତ ମୂଲ୍ୟବାନ ଓ ସାରଗର୍ଭକ ଉପଦେଶ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ବିଭାଗ ଯଥା ବିଜ୍ଞାନ ବିଭାଗ, ଫିଜିକ୍ସ, କେମେଷ୍ଟ୍ରି, ବାୟଲୋଜି, କଳା ବିଭାଗ, ଇଂରାଜୀ, ଗଣିତ, ସାମାଜିକ ବିଜ୍ଞାନ, ଇତିହାସ, ଭୂଗୋଳ ତଥା କମ୍ପ୍ୟୁଟର ଏବଂ ଚିତ୍ରାଙ୍କନ ଓ ବିଭିନ୍ନ ହସ୍ତକଳାର ସର୍ବମୋଟ ୧୧୮ଟି ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା । ଏହି ପ୍ରଦର୍ଶନୀରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ସମେତ କଟକ ଓ ଭୁବନେଶ୍ୱର ସ୍ଥିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୨୫ ଜଣ ଶିକ୍ଷକ, ଶିକ୍ଷୟତ୍ରୀ, ଅଧାପକ ଓ ଅଧାପିକାମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରଦର୍ଶନୀ ଗୁଡିକର ମୂଲ୍ୟାଙ୍କନ କରିଥିଲେ । କୋମଳମତି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ରାଙ୍କନ ଓ ହସ୍ତକଳା ଗୁଡିକ ବେଶ୍ ଚିତ୍ତାକର୍ଷକ ଥିଲା । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଛାତ୍ରଛାତ୍ରୀ ମାନଙ୍କ ପ୍ରଦର୍ଶନୀରେ ସନ୍ତୋଷତା ପ୍ରକାଶ କରିଥିଲେ । ପ୍ରଦର୍ଶନୀର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା । ବିଜ୍ଞାନ, କଳା ଓ ହସ୍ତକଳା ପ୍ରଦର୍ଶନୀର ମୁଖ୍ୟ ଆୟୋଜିକା ସୁସ୍ମିତା ମିଶ୍ର, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ସଭ୍ୟସଭ୍ୟାଙ୍କ ମିଳିତ ଉଦ୍ୟମରେ ସେଂଟଯୋସେଫ୍ ବିଦ୍ୟାଳୟରେ ଚଳିତ ବର୍ଷର ବାର୍ଷିକ ବିଜ୍ଞାନ, କଳା ଓ ହସ୍ତକଳା ପ୍ରଦର୍ଶନୀ ଉଚ୍ଚକୋଟିର ମାନ୍ୟତା ପାଇବା ସଙ୍ଗେ ସଫଳତା ଲାଭ କରିଥିଲେ । କେନ୍ଦ୍ରାପଡା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ପ୍ରଫେସର୍ ରଞ୍ଜିତ କୁମାର ଦାସ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଭୁବନେଶ୍ୱର କେ.ଟି ଗ୍ଲୋବାଲ ସ୍କୁଲ ପଦାର୍ଥ ବିଜ୍ଞାନ ଅଧାପକ ପି.ଚନ୍ଦ୍ରଶେଖର, କେନ୍ଦ୍ରାପଡା ବାରୋ ନବୋଦୟ ସ୍କୁଲ ପି.ଜି.ଟି ଶିକ୍ଷକ ପି. ଘଡେଇ ଓ ରସାୟନ ବିଜ୍ଞାନ ପି.ଜି.ଟି ଶିକ୍ଷକ ଜି.ଏସ୍. ସାହୁ, କେନ୍ଦ୍ରାପଡା ମହାବିଦ୍ୟାଳୟ ଅଧାପକ ଆକାଶ କୁମାର ପଣ୍ଡା, ଭୁବନେଶ୍ୱର କେ.ଟି ଗ୍ଲୋବାଲ ସ୍କୁଲ ଜିବ ବିଜ୍ଞାନ ଅଧାପକ ଶଶାଙ୍କ ଶେଖର ସିଂ ଓ କେନ୍ଦ୍ରାପଡା ମହାବିଦ୍ୟାଳୟ ଅଧାପକ ପ୍ରଶାନ୍ତ କୁମାର ସାହୁ, କମ୍ପ୍ୟୁଟରରେ ଭୁବନେଶ୍ୱର କେ.ଟି ଗ୍ଲୋବାଲ ସ୍କୁଲ ଶିକ୍ଷକ ମନୋରଞ୍ଜନ ସାହୁ ଓ କେନ୍ଦ୍ରାପଡା ମୁଖ୍ୟଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଆର୍ଥିକ ପରିବହନ ସହାୟକ ବିଦ୍ୟାଧର ବେହେରା, ଗଣିତରେ କେନ୍ଦ୍ରାପଡା ଅଙ୍କୁର ଶିକ୍ଷା ନିକେତନର ପୂର୍ବତନ ଉପାଧକ୍ଷ ଗଣେଶ୍ୱର ସାହୁ, ସେଂଟଯୋସେଫ ସ୍କୁଲର କିଶୋର କୁମାର ସାହୁ, ବିଜ୍ଞାନରେ ଜିଲ୍ଲା କମିଶନର ସ୍କାଉଟ୍ ପୂର୍ବତନ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପିତବାସ ପଣ୍ଡା ଓ ସେଂଟଯୋସେଫ ସ୍କୁଲର ପ୍ରହ୍ଲାଦ ପାତ୍ର, ସାମାଜିକ ବିଜ୍ଞାନରେ ବାରିମୂଳ ପଂଚାୟତ ଉଚ୍ଚବିଦ୍ୟାଳୟ କଳା ସାମାଜିକ ବିଜ୍ଞାନର ଟି.ଜି.ଟି ଶିକ୍ଷକ ରେଖାଞ୍ଜଳି ବେହେରା ଓ ସେଂଟ ଜୋସେଫ ସ୍କୁଲ ମାନସ ରଞ୍ଜନ ମହାପାତ୍ର, ହସ୍ତଶିଳ୍ପରେ କେନ୍ଦ୍ରାପଡା ବ୍ଲକ୍ କ୍ଲଷ୍ଟର କୁଡିଆଳ ଶ୍ରୀ ଜଗନ୍ନାଥ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଜୟଶ୍ରୀ ସାହୁ, କଳାରେ ଏଣ୍ଡର ଯୁଜିୟୁପି ସ୍କୁଲ କଳା ଶିକ୍ଷକ ହିମାଂସୁ କୁମାର ଦାସ, ଇଂରାଜୀରେ ମେହେନ୍ଦିପୁର ଲାଲ ବାହାଦୁର ଉଚ୍ଚ ବିଦ୍ୟାଳୟର ଟି.ଜି.ଟି ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା, ସେଂଟ ଯୋସେଫ ସ୍କୁଲର ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ପୁରୀ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ

ପୁରୀ, ୨୭/୧୦ (ନି.ପ୍ର): ପୁରୀ ଶିଶୁମଙ୍ଗଳ ସମିତିର ଅଧକ୍ଷ ରାଜ୍ୟପାଳ ଡ଼ଃ. ହରିବାବୁ କମ୍ଭମପଟିଙ୍କୁ ସାକ୍ଷାତ କରିଛନ୍ତି । ଗତକାଲି ରାଜଭବନରୁ ଡାକରା ପାଇବା ପରେ ପୁରୀ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଅଜିତ୍ କୁମାର ମହାପାତ୍ର, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ରୁଦ୍ଧିସୁନ୍ଦର ମିଶ୍ର, ଦେବଯାନୀ ହିମାଂଶୁ ଓ ଲକ୍ଷ୍ମୀପ୍ରିୟା ପାତ୍ର ରାଜଭବନରେ ପହଂଚି ରାଜ୍ୟପାଳଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ଶିଶୁ ମାନେ ଆମର ଭବିଷ୍ୟତ ଓ ଦେଶର ଆଗାମୀ କାଲିର ସମ୍ବଳ । ସେମାନଙ୍କ ସୁରକ୍ଷା, ସର୍ବାଙ୍ଗୀନ ବିକାଶ ଓ ପ୍ରତିଭାର ଉନ୍ମେଷ କ୍ଷେତ୍ରରେ ଶିଶୁ ମଙ୍ଗଳ ସମିତି ସହାୟକ ହେବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ପୁରୀ ଶିଶୁମଙ୍ଗଳ ସମିତି ସର୍ବ ଭାରତୀୟ ସ୍ତରରେ ଦୁଇ ଦୁଇ ଥର ପୁରସ୍କୃତ ହୋଇଥିବାରୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ ।

# ନିଅନ୍ତୁ ଖାସ୍ ଯତ୍ନ



**ସମାଜ ପୂର୍ବାପେକ୍ଷା ବହୁତ ବଦଳିଛି ଏକ କଥା ସତ। କିନ୍ତୁ ଏବେ ବି ବଦଳି ନାହିଁ ଆମର ମାନସିକତା। ସେକ୍ସ ଓ ଯୌନାଙ୍ଗକୁ ନେଇ ସର୍ବାସାଧାରଣ ସ୍ଥାନରେ ଚର୍ଚ୍ଚା ହେଲେ ଆମକୁ ଲାଜ ଲାଗେ। ଅବଶ୍ୟ ଲାଜ କରିବା ଭୁଲ ନୁହେଁ, ମାତ୍ର ମହିଳାଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ ହେବା ଜରୁରୀ। ମହିଳାମାନେ ବାହ୍ୟ ସୌନ୍ଦର୍ଯ୍ୟର ବେଶ୍ ଯତ୍ନ ନେଇଥାନ୍ତି। କିନ୍ତୁ ଯୌନାଙ୍ଗରେ ସ୍ୱଚ୍ଛତା ପ୍ରତି ସେତେଟା ଯତ୍ନବାନ ହୁଅନ୍ତି ନାହିଁ।। ଏହା ବ୍ୟତୀତ ମହିଳାମାନେ ନିଜକୁ ପାରିବାରିକ ଏବଂ ବୃ ିଗତ ଜୀବନରେ ବ୍ୟସ୍ତ ରଖୁଥିବା ବେଳେ ଶରୀରର ଉପଯୁକ୍ତ ଯତ୍ନ ନେଇପାରନ୍ତି ନାହିଁ। ଫଳରେ ଯୌନାଙ୍ଗରେ ବିଭିନ୍ନ ସଂକ୍ରମଣ ଦେଖାଯିବା ସହ ସର୍ଭିକାଲ କ୍ୟାନସର ହେବାର ସମ୍ଭାବନା ରହିଛି।**

- ଅନେକ ସମୟରେ ମହିଳାମାନଙ୍କ ଯୌନାଙ୍ଗ କୁଣ୍ଡାଇ ହୁଏ। ଏଥିପାଇଁ ମହିଳାମାନେ ଅନେକ ଅପ୍ରୀତିକର ପରିସ୍ଥିତିରେ ସମ୍ମୁଖୀନ ହୁଅନ୍ତି। ଜୀବାଣୁ ଜନିତ ସଂକ୍ରମଣ, ମାସିକ ଋତୁସ୍ରାବ ବନ୍ଦ ହେବା ସମୟରେ ହରମୋନ ପରିବର୍ତ୍ତନ, ଯୌନାଙ୍ଗ ନିକଟ ଓଦା ରହିବା ଅଥବା ଓଦା ପୋଷାକ କାରଣରୁ ଏହା ହୋଇଥାଏ।

- ଯୌନାଙ୍ଗ ସଫା କରିବା ପାଇଁ ସାଧାରଣ ସାବୁନ୍ ବା କୌଣସି କ୍ଲିନଜର ବ୍ୟବହାର କରନ୍ତୁ ନାହିଁ। ଏହାଦ୍ୱାରା ଭଲ ବ୍ୟାକ୍ଟେରିଆ ନଷ୍ଟ ହେବା ସହ ସଂକ୍ରମଣ ଆଶଙ୍କା ବଢ଼ିଥାଏ। ପିଏଚଯୁକ୍ତ ଲୋସନ ଯେପରିକି 'ଭି ୱାସ' ଭଳି ଉତ୍ପାଦ ବ୍ୟବହାର କଲେ ସଂକ୍ରମଣ କମ୍ ହୁଏ। ସାବୁନରେ ଏକ ପିଏଚ ଫ୍ୟାକ୍ଟର ୫.୫ରହିଛି ଯାହା ଚର୍ମ ପିଏଚ ଫାକ୍ଟର ସହ ସମାନ। ଯୌନାଙ୍ଗ ଚର୍ମ ଅତ୍ୟନ୍ତ ସମ୍ବେଦନଶୀଳ, ତେଣୁ ସେ କ୍ଷେତ୍ରରେ ପିଏଚ୍ ସ୍ତର ୩.୮ରୁ ୪.୫ ପର୍ଯ୍ୟନ୍ତ ରହିଥାଏ। ସର୍ବଦା ଯୌନାଙ୍ଗ ପିଏଚ ସ୍ତର ଠିକ୍ ରଖନ୍ତୁ।

- ଯୌନାଙ୍ଗକୁ ସର୍ବଦା ଶୁଖିଲା ଏବଂ ସଫା ରଖନ୍ତୁ। ଗାଧୋଇବା କିମ୍ବା ଶୌଚାଳୟରୁ ଆସିବା ପରେ ଉକ୍ତ ସ୍ଥାନକୁ ଶୁଖିଲା ସୂତା କପଡ଼ା ଅଥବା ଟିସୁରେ ଭଲ ଭାବେ ପୋଛି ଟାଲକମ ପାଉଡ଼ର ବ୍ୟବହାର କରନ୍ତୁ।

- ଟାଇଟ ଅନ୍ତବସ୍ତ୍ର ପିନ୍ଧିବା ଦ୍ୱାରା ବେଳେବେଳେ ଏହି ସ୍ଥାନ କୁଣ୍ଡାଇ ହୋଇଥାଏ।

- ଋତୁସ୍ରାବ ସମୟରେ ବ୍ୟବହାର କରୁଥିବା ନାପକିନକୁ ୫ରୁ ୭ ଘଣ୍ଟା ମଧ୍ୟରେ ପରିବର୍ତ୍ତନ କରନ୍ତୁ। କାରଣ ଏହା ଅଧିକ ସମୟ ରହିଲେ ସଂକ୍ରମଣ ଆଶଙ୍କା ଥାଏ।

- ମହିଳାମାନେ ସହବାସ ପରେ ଯୌନାଙ୍ଗକୁ ପରିଷ୍କାର କରିବା ଏକାନ୍ତ ଆବଶ୍ୟକ। ନିୟମିତ ପ୍ରଚୁର ପରିମାଣରେ ପାଣି ପିଇଲେ ଏହା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ସହ ସଂକ୍ରମଣରୁ ଦୂରେଇ ରଖିଥାଏ। ଯୌନାଙ୍ଗ ସଂକ୍ରମଣ ହେବା ଦ୍ୱାରା ସର୍ଭିକାଲ କର୍କଟ ହେବାର ଭୟ ରହିଛି। ତେଣୁ ଯଥା ସମ୍ଭବ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଅନ୍ତୁ।

# ମାନସିକ ଚାପ ଓ କର୍କଟ



ମାନସିକ ଚାପରେ ରହୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଆଜିକାଲି ଅନେକ। ଚାପ ଅଣାୟତ ହେଲେ, ଶରୀର ଗୁରୁତର ପ୍ରଭାବିତ ହୁଏ। ଏପରିକି ଏହା କର୍କଟର ଏକ କାରଣ ହୋଇପାରେ। ଉପଯୁକ୍ତ ଆହାର କିମ୍ବା ରକ୍ତ ଶୋଧନ ନିମନ୍ତେ ଆବଶ୍ୟକ ଉପଚାର କଲେଏ ମଧ୍ୟ ସୁଫଳ ମିଳେନାହିଁ। ଏଥିପାଇଁ ମନ ବିଷାଦମୁକ୍ତ ହେବା ଦରକାର। ମନ ଓ ଶରୀର ପରସ୍ପର ପରିପୂରକ, ସନ୍ତୁଳନ ଦ୍ୱାରା ମନ ପ୍ରଫୁଲ୍ଲ ଓ ଶରୀର ସୁସ୍ଥ ରହେ। ଚିନ୍ତା, ଭାବନା, ଉଦବେଗ, ଭାବପ୍ରବଣତା ଆଦି ଜାତହୁଏ ମନରୁ। ତତକ୍ଷଣାତ୍ ତାହା ଆମ ଶରୀରର କୋଟି କୋଟି କୋଷକୁ ସଂଚରିଯାଏ। ନକାରାତ୍ମକ ଚିନ୍ତା, ଭୟ, କ୍ରୋଧ, ଦୋଷ, ଘୃଣା



କିମ୍ବା କ୍ଷମା ଦେବାରେ ଅସମର୍ଥତା ଆଦି ମାନସିକ ବିଲକ୍ଷଣ ଦ୍ୱାରା କୋଷ ପ୍ରଭାବିତ ହୁଏ। ରୋଗପ୍ରତିରୋଧ ଶକ୍ତି ଦୁର୍ବଳ ହୋଇଉପଡ଼େ। କୋଷରୁ କର୍କଟର ଜନ୍ମ, ଏକଥା ସମସ୍ତେ ଜାଣିବା ଉଚିତ। ଏଣୁ କୋଷକୁ ଶକ୍ତିଶାଳୀ କରାଇବା, ସବୁବେଳେ ସକ୍ରିୟ ରଖିବାର ଉପାୟ ଦ୍ୱାରା ଏଭଳି ରୋଗକୁ ପ୍ରତିହତ ସମ୍ଭବମ। ଦୀର୍ଘକାଳୀନ ଚାପରେ ରହିବା ଦ୍ୱାରା କର୍କଟ ସମେତ ଅନ୍ୟାନ୍ୟ ଦ୍ରରୋଗରେ ପଡ଼ିବା ଆଶଙ୍କା ରହିଛି। ଯେତେବଳେ ଆମେ ଏ ପରି ଦୀର୍ଘକାଳୀନ ଚାପର ସମ୍ମୁଖୀନ ହେଉ, କୋର୍ଟିସଲ ନାମକ ଏକ ପ୍ରକାରା ହର୍ମନ ଅଧିକ ମାତ୍ରାରେ ଶରୀରରୁକ୍ଷରଣ ହୁଏ। ଏହାଦ୍ୱାରା ପ୍ରତିରୋଧକ ଶକ୍ତି ଓ ଶରୀର ପ୍ରଭାବିତ ହୁଏ। କର୍କଟ ଆକ୍ରମଣ କଲେ, ରୋଗୀର ମନକୁ ଯାବତୀୟ ନକାରାତ୍ମକ ଭାବନା ଗ୍ରାସେ। ଏହାଦ୍ୱାରା ରୋଗ ପ୍ରତିରୋଧକ କିମ୍ବା ରୋଗରୁ ଆରୋଗ୍ୟ ଲାଭ ସହଜ ହୁଏନାହିଁ। ଶାରୀରିକ ଭାବେ ପୁରା ସୁସ୍ଥ ଥିବା ବ୍ୟକ୍ତି ମଧ୍ୟ କର୍କଟ ଦ୍ୱାରା ପୀଡ଼ିତ ହେଉଥିବାର ଦେଖାଯାଏ। ଏପରି କାହିଁକି ହୁଏ, କେବଳ ଶାରୀରିକ ଭାବେ ନୁହେଁ, କର୍କଟ ଠାରୁ ଦୂରେଇ ରହିବାକୁ ହେଲେ ଉଭୟ ଶରୀର ଓ ମନ ସୁସ୍ଥ ରହିବା ବାଂଛନୀୟ।

- ଯୋଗ, ଧ୍ୟାନ, ଏକାଗ୍ରତା, ନୀରବତା, ପ୍ରାଣାୟାମ, ପ୍ରାର୍ଥନା ମନକୁ ସୁସ୍ଥ ଓ ସତେଜ ରଖିବାର ଉପାୟ। ପ୍ରଶ୍ୱାସ ଓ ନିଃଶ୍ୱାସର ଗତି ଉପରେ ନିୟନ୍ତ୍ରଣ ରଖନ୍ତୁ। ଏହା ଦ୍ୱାରା ଶରୀର-ମନ ସନ୍ତୁଳନ ରହେ। ବିଷାଦ ଚାଲିଯାଏ ନକାରାତ୍ମକ ଚିନ୍ତା ଆସେନାହିଁ। କୋର୍ଟିସଲ୍ ହର୍ମନ କ୍ଷରଣ କମେ। ପ୍ରତିରୋଧକ ଶକ୍ତି ବଢ଼େ।

- ଖାଦ୍ୟ ଓ ଜଳ ବିନା କିଛି ସମୟ ଜୀବନ ବଂଚିବା ସମ୍ଭବ, କିନ୍ତୁ ଅମ୍ଳଜାନ ବିନା ମୁହୂର୍ତକରେ ପ୍ରାଣ ଯିବା ନିଶ୍ଚିତ। ଅମ୍ଳଜାନ ଶରୀରର ଆଲକାଲାଇନ ମାତ୍ରାକୁ ସନ୍ତଳିତ ରଖେ। ପାଚନ ଶକ୍ତି ବଢ଼ାଏ। ଚାପ କିମ୍ବା ମାନସିକ ବ୍ୟଗ୍ରତା କମାଏ। ଜୋରରେ ପ୍ରଶ୍ୱାସ ନିଅନ୍ତୁ। ଏହାଦ୍ୱାରା କୋର୍ଟିସଲ ମାତ୍ରା କମେ। କର୍କଟ କୋଷ ବଢ଼ିପାରେ ନାହିଁ।। ଉପଯୁକ୍ତ ପରିମାଣରନିର୍ମଳ ଅମ୍ଳଜାନ କର୍କଟ ପ୍ରତିରୋଧୀ।

-ଚାପରେ ରହବାର କାରଣ ଜାଣି, ମୁକୁଳିବାର ବାଟ ଖୋଜନ୍ତୁ। ଏହା ଦ୍ୱାରା ଦୀର୍ଘକାଳୀନ ଚାପରେ ରହିବେ ନାହିଁ। ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିବ ନାହିଁ। ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଦ୍ୱାରା ଚାପର ମାତ୍ରାକୁ କମାଇହେବ। ଚିନ୍ତା, ବ୍ୟବହାର ଓ ଭାବପ୍ରବଣତା ମଧ୍ୟରେ ସନ୍ତୁଳନ ରକ୍ଷା କରନ୍ତୁ।



# ସୁଖୀ ଦାମ୍ପତ୍ୟ ପାଇଁ ଆପଣାନ୍ତୁ ଏହି ୫ଟି କଥା



ଦାମ୍ପତ୍ୟ ଜୀବନର ଦେବତା ହେଉଛନ୍ତି ଶିବ। ଝିଅମାନେ ଭଲ ବର ପାଇବା ପାଇଁ ତ ସ୍ତ୍ରୀମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଦେବେଦେବ ମହାଦେବଙ୍କର ଉପାସନା କରିଥାନ୍ତି। ୧୨ମାସ ଭିତରୁ ଶ୍ରାବଣ ମାସ ଶିବଙ୍କର ସବୁଠାରୁ ପ୍ରିୟମାସ ଭାବରେ ଜଣାଯାଏ। କାରଣ ଏହି ମାସରେ ପ୍ରଭୁ ଶିବ ପାବର୍ତୀ ମାଙ୍କୁ ବିବାହ କରିଥିଲେ। ତେବେ ଏହି ଶ୍ରାବଣ ମାସରେ ପ୍ରତ୍ୟେକ ଦମ୍ପତୀଙ୍କୁ ସୁଖୀଦାମ୍ପତ୍ୟ ଜୀବନ ପାଇଁ ଭଗବାନ ଶିବଙ୍କ ଠାରୁ ଏହି ୫ଟି କଥା ଶିଖିବା ଦରକାର।

ସମାନତାର ଅଧିକାର:- ଭଗବରନ ଶିବଙ୍କୁ ଅର୍ଦ୍ଧନାରୀଶ୍ୱର ବୋଲି କୁହାଯାଏ। କାରଣ ଶିବଙ୍କ ପ୍ରତିମୂର୍ତ୍ତିରେ ଭଗବାନ ଅଧା ନାରୀ ଓ ଅଧା ପୁରୁଷ ସ୍ୱରୂପ ରେ ଦେଖାଯାନ୍ତି। ଏହି ସ୍ୱରୂପ ମାଧ୍ୟମରେ ଭଗବାନ ଶିବ ସବୁ ବିବାହିତ ଯୋଡ଼ିଙ୍କୁ କହିବାକୁ ଚାହଁଛନ୍ତି କି ସ୍ୱାମୀ ସ୍ତ୍ରୀ ଶରୀରିକ ରୂପେ ଭିନ୍ନ ଭିନ୍ନ ହେଲେ ମଧ୍ୟ ସେମାନେ ମନ ଭିତରେ ଏକ ବା ଅଭିନ୍ନ।

ଭଲପାଇବା:- ଶିବଙ୍କ ବେକରେ ସାପ ଥାଇ ମଧ୍ୟ ପାର୍ବତୀ ତାଙ୍କୁ ବିବାହ କରିଥିଲେ ଏଥିରୁ ଜଣାଯାଇଛି ସୁଖୀ ଦାମ୍ପତ୍ୟ ପାଇଁ ସୁନ୍ଦରତା କୌଣସି ପ୍ରକାରେ ମାନେ ରଖେନାହିଁ। ସୁଖୀ ଦାମ୍ପତ୍ୟ ପାଇଁ କେବଳ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଭଲପାଇବା ଓ ସମର୍ପଣଭାବର ହିଁ ଆବଶ୍ୟକତା ଥାଏ।

ଶଚୋଟପଣିଆ:- ଯେତେବେଳେ ଶିବଙ୍କର ଅପମାନରେ ମାଁ ପାର୍ବତୀ ଶତୀ ହୋଇଯାଇଥିଲେ ସେହି ସମୟରେ ଶିବ ନିଜର ତାଣ୍ଡବ ରୂପ ଧାରଣ କରି ସଂସାର ଧ୍ୱଂସ କରିବାକୁ ବସିଥିଲେ। ପରେ ଦେବତାମାନଙ୍କ ଅନୁରୋଧ କ୍ରମେ ଶିବ ଶାନ୍ତ ହୋଇଥିଲେ ଏଥିରୁ ଯଣା ଯାଉଛି କି ଶିବଙ୍କର ପାର୍ବତୀଙ୍କ ପ୍ରତିଥିବା ଅଗାଧ ପ୍ରେମ ଓ ପ୍ରେମରେ ଥିବା ସଚ୍ଚୋଟ ପଣିଆ।

ଜଣେ ଭଲ ମୁଖିଆ:- ପରିବାରର ମୁଖ୍ୟଲେଶକ ଯେପରି ପରିବାରର ସମସ୍ତ ଦାୟୀତ୍ୱ ସୁଚାରୁ ରୂପେ ତୁଲେଇଥାନ୍ତି। ଭଗବାନ ଶିବ ନିଜ ପରିବାରକୁ ସଠିକ ଭାବେ ଚଳାଇଥାନ୍ତି। ଭଗବାନ ଶିବଙ୍କ ବାହନ ଓ ମାଁ ପାର୍ବତୀଙ୍କ ବାହନ ମଧ୍ୟରେ ଶତୃତାର ସମ୍ପର୍କ ଥିଲେ ମଧ୍ୟ ସେମାନେ କେବେ ୟାକୁ ନେଇ ମତଭେଦର ଶୀକାର ହୋଇନାହାନ୍ତି। ଦାମ୍ପତ୍ୟ ଜୀବନର ବିଶମ ପରିସ୍ଥିତରେ ଶିବ ସବୁବେଳେ ପରିବାରକୁ ସାଥିରେ ନେଇ ଯାଇଥାନ୍ତି।

# ବ୍ରତ-ଉପବାସର ଉପକାର




ହିନ୍ଦୁ ଧର୍ମର ପ୍ରମୁଖ ବିଶେଷତ୍ୱ ହେଉଛି ପର୍ବପର୍ବାଣିରେ ଉପବାସ-ବ୍ରତ ପାଳନ କରିବା। କାହିଁ କେଉଁ କାଳରୁ ଭାରତୀୟ ପରମ୍ପରାରେ ଏସବୁ ପାଳିତ ହୋଇ ଆସୁଛି। ବିଦେଶୀ ରାଷ୍ଟ୍ରର ଲୋକେ ଭାରତର ଏହି ନିୟମକୁ ଅନେକ ବର୍ଷ ପରେ ଗ୍ରହଣ କରିଛନ୍ତି। ଆମେରିକୀୟ ବିଶେଷଜ୍ଞଙ୍କ ମତରେ ବ୍ରତ ଉପବାସ ପାଳନ କରିବା ଶରୀର ପାଇଁ ଖୁବ୍ ଆବଶ୍ୟକ। ପରୀକ୍ଷାରୁ ଜଣାପଡ଼ିଛି ଯେ ଉପବାସ ରହିଲେ ପାଚନ ତନ୍ତ୍ରକୁ କିଛି ସମୟ ଆରାମ ମିଳେ। ଅମ୍ଳ ରୋଗୀଙ୍କ ପାଇଁ ଏହା ଖୁବ୍ ଲାଭଦାୟକ। ଅରୁଚି, ମୁଣ୍ଡବିନ୍ଧା, ଅମ୍ଳ, ଜ୍ୱର, ଅଜୀର୍ଣ୍ଣ, ମୋଟାପଣ ଆଦି ରୋଗରୁ ଉପବାସ କଲେ ରକ୍ଷା ମିଳେ। ଭାରତୀୟ ପଣ୍ଡିତଙ୍କ ମତରେ ବ୍ରତ-ଉପବାସ କରିବା ଦିନ ମନରେ ହିଂସାଭକାବ ଆଣିବା ଅନୁଚିତ। ଏହିଦିନ ମିଛ ନକହି ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପି ଦେବା ପ୍ରାର୍ଥନା କରିବା ଭଲ। ଉପବାସରେ ଦିନବେଳା ଶୋଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ମାସକୁ ଅନ୍ତତଃ ଥରୁଟିଏ ଉପବାସ କରିବା ଉଚିତ।

ଭାରତୀୟ ପରମ୍ପରାରେ ପ୍ରତ୍ୟେହ ସ୍ନାନ କରିବା ପ୍ରମୁଖ ନିତ୍ୟକର୍ମ ଭାବରେ ବିବେଚନା କରାଯାଏ। କାହିଁ କେଉଁକାଳରୁ ଲୋକେ ଦିନର ପ୍ରାରମ୍ଭ ସ୍ନାନ କରିବା ପରେ ପୂଜାପାଠ କରିଥାନ୍ତି। ଆୟୁର୍ବେଦ ଉପଚାରରେ ସ୍ନାନର ବିଭିନ୍ନ ନୀତିନିୟମ ତଥା ବିଧି ଉଲ୍ଲେଖ ରହିଛି। ସକାଳର ପ୍ରଥମ ପ୍ରହରରେ ସ୍ନାନ କଲେ ଆଳସ୍ୟ ଦୂର ହୋଇଥାଏ।



# ସ୍ନାନର ଉପାୟ

ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି ଯେ ଭାରତୀୟମାନେ ସକାଳେ ସ୍ନାନ କରିବା କାରଣର ଅବସାଦ ରୋଗ ସେମାନଙ୍କୁ ଆକ୍ରାନ୍ତ କରିନଥାଏ। ପ୍ରତ୍ୟେକ ଋତୁରେ ଥଣ୍ଡା ପାଣିରେ ସ୍ନାନ କଲେ ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ। ନଖ ଉଷୁମ ପାଣିରେ ସ୍ନାନ କଲେ ଶରୀର ଜୀବାଣୁମାନ ନଷ୍ଟ ହୋଇଥାନ୍ତି। ଛାତ୍ରଛାତ୍ରୀମାନେ ଉଷୁମ ପାଣିରେ ସ୍ନାନ କରିବା ଅନୁଚିତ। ଏହା ସେମାନଙ୍କ ସବାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ। ଅତ୍ୟଧିକ ପରିଶ୍ରମୀମାନେ ନଖ ଉଷୁମ ପାଣିରେ ସ୍ନାନ କରିବା ଉପକାରୀ।

# ଆଖି ସମ୍ପର୍କିତ ତଥ୍ୟ



ମନୁଷ୍ୟ ଶରୀରର ଏକ ପ୍ରମୁଖ ଅଙ୍ଗ ଭାବେ ଚକ୍ଷୁକୁ ବିବେଚନା କରାଯାଏ। ଚକ୍ଷୁ ସମ୍ପର୍କିତ କିଛି ତଥ୍ୟ ଏକ ଜାପାନୀ ପତ୍ରିକାରେ ପ୍ରକାଶ ପାଇ, ଲୋକଙ୍କ ଦ୍ୱାରା ଆଦୃତ ହେଲା ପରେ ସୋସିଆଲ ସାଇଟରେ ମଧ୍ୟ ଏସବୁ ତଥ୍ୟ ପ୍ରକାଶିତ ହେଲା।

- ମନୁଷ୍ୟର ଚକ୍ଷୁ ଏକ ଡିଜିଟାଲ କ୍ୟାମେରା ହୋଇଥିଲେ, ତାହାର କ୍ଷମତା ୫୭୬ ମେଗାପିକ୍ସେଲ ହୋଇଥାନ୍ତା।

- ବର୍ତ୍ତମାନ ଠାରୁ ୧୦ ହଜାର ବର୍ଷ ପୂର୍ବେ ମନୁଷ୍ୟ ଡୋଳାରେ ରଙ୍ଗ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ପରିବେଶ ପରିବର୍ତ୍ତନ ସହିତ ବଂଶାନୁକ୍ରମିକ କାରଣରୁ ଏବେ ମନୁଷ୍ୟର ଆଖି ଡୋଳାରେ ରଙ୍ଗ ଭିନ୍ନତା ପରିଲକ୍ଷିତ ହେଉଛି।

- ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଗାଜର ପ୍ରଚୁର ପରିମାଣରେ ଉପଲବ୍ଧ ହେଉଥିଲା। ସୈନିକମାନଙ୍କୁ ଏହା ଚକ୍ଷୁ ପାଇଁ ଏକ ଚମତ୍କାର ଖାଦ୍ୟ ଭାବେ ଅବଗତ କରାଯାଇ ନିୟମିତ ସକାଳ-ସନ୍ଧ୍ୟାରେ ୧ କିଲୋ ଲେଖାଏଁ ଗାଜର ଖାଇବାକୁ ଦିଆଯାଉଥିଲା। ସେ ପର୍ଯ୍ୟନ୍ତ କୌଣସି ପରୀକ୍ଷା କିମ୍ବା ଗବେଷଣାରୁ ଏହି ତଥ୍ୟ ଉନ୍ମୋଚନ ହୋଇଥିଲା। ପରେ ବିଶେଷଜ୍ଞମାନେ ପ୍ରକାଶ କଲେ ଯେ ଆଖି ପାଇଁ ଗାଜର ଏକ ଉତ୍ତମ ଖାଦ୍ୟ।

# ସ୍ୱାସ୍ଥ୍ୟ ପାଇଁ ସୁନିଦ୍ରା-ଅଦା

ବଲିଉଡ୍ ଅଭିନେତ୍ରୀ ଅଦା ଶର୍ମାଙ୍କ ସୁନ୍ଦର ସ୍ୱାସ୍ଥ୍ୟ ରହସ୍ୟ ଜାଣନ୍ତୁ। ତାଙ୍କ ମତରେ ଶରୀର ପାଇଁ ଗାଢ଼ ନିଦ୍ରା ଅତି ଜରୁରୀ। ଏହା ଦ୍ୱାରା ଶରୀରକୁ ବିଶ୍ରାମ ମିଳେ। ଫୁର୍ତ୍ତି ଓ ସତେଜ ଲାଗେ। ସାରା ଦିନ ଯେତେ କ୍ାମ କଲେବି ହାଲିଆ ଲାଗେନାହିଁ। ଚାପ ଦୂର ପାଇଁ ଗଭୀର ନିଦ୍ରାହିଁ ଏକମାତ୍ର ବିକଳ୍ପ। ଜଣେ ଅଭିନେତ୍ରୀ ପାଇଁ ଏସବୁ ଅବଶ୍ୟ କଷ୍ଟ। କାରଣ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ଶୋଇବାରୀ ତାଳମେଳ ରହେନାହିଁ। ତଥାପି ଗଲା ଦୁଇବର୍ଷ ହେଲା ସେ ସ୍ୱାସ୍ଥ୍ୟ ପାଇଁ ସଚେତନ ଅଛନ୍ତି। ନିଦ୍ରାକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ରାତିରେ ଥଣ୍ଡାପାଣିରେ ସ୍ନାନ କରି ବିଛଣାକୁ ଯାଉଛନ୍ତି। ଶୋଇବା ପୂର୍ବରୁ ମେକଅପ-ଛଡ଼ାଇ ଦୁଇ ଗିଲାସ ପାଣି ପିଅନ୍ତି ଆରାମ ଲାଗେ ଓ ସହଜରେ ନିଦ ଆସିଯାଏ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୁପ୍ରିମକୋର୍ଟରେ ନୂଆ ନେତୃତ୍ୱ

ଭାରତୀୟ ଗଣତନ୍ତ୍ରର ସ୍ତମ୍ଭ ଭାବେ ବିବେଚିତ ନ୍ୟାୟପାଳିକା ଏକ ନୂତନ ନେତୃତ୍ୱକୁ ସ୍ୱାଗତ କରିବାକୁ ଯାଉଛି । ବର୍ତ୍ତମାନର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର. ଗଭାଇଙ୍କ ପରେ, ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଦେଶର ୫୩ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ସ୍ପଷ୍ଟ ହୋଇଛି । ପରମ୍ପରା ଅନୁଯାୟୀ, ବର୍ତ୍ତମାନର ପ୍ରଧାନ ବିଚାରପତି ନିଜର ବରିଷ୍ଠତମ ସହଯୋଗୀଙ୍କ ନାମ ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ସୁପାରିଶ କରିଥାନ୍ତି ଏବଂ ଏହି ପ୍ରକ୍ରିୟାରେ ଜଷ୍ଟିସ୍ ଗଭାଇ, ଜଷ୍ଟିସ୍ କାନ୍ତଙ୍କ ନାମ କେନ୍ଦ୍ର ଆଇନ ମନ୍ତ୍ରଣାଳୟକୁ ପଠାଇଛନ୍ତି । ଏହି ନିଯୁକ୍ତି କେବଳ ଏକ ପଦବୀର ପରିବର୍ତ୍ତନ ନୁହେଁ, ବରଂ ଏହା ଭାରତୀୟ ନ୍ୟାୟ ବ୍ୟବସ୍ଥାର ଭବିଷ୍ୟତ ଦିଗ ନିର୍ଣ୍ଣୟ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । ଜଷ୍ଟିସ୍ କାନ୍ତଙ୍କ ଆଗମନ ଏକ ଏପରି ସମୟରେ ହେଉଛି, ଯେତେବେଳେ ନ୍ୟାୟପାଳିକା ସମ୍ମୁଖରେ ମାମଲାର ପଞ୍ଜିକରଣ, ବିଚାରପତି ନିଯୁକ୍ତିରେ ସ୍ୱଚ୍ଛତା, କାର୍ଯ୍ୟପାଳିକା ସହ ସମ୍ପର୍କ ଏବଂ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ଭଳି ଅନେକ ଜଟିଳ ଆହ୍ୱାନ ରହିଛି ।

ଜଷ୍ଟିସ୍ ସୂର୍ଯ୍ୟ କାନ୍ତଙ୍କ ଯାତ୍ରା ହରିୟାଣାର ଏକ ଛୋଟ ଗାଁରୁ ଆରମ୍ଭ ହୋଇ ଦେଶର ସର୍ବୋଚ୍ଚ ନ୍ୟାୟିକ ପଦବୀ ପର୍ଯ୍ୟନ୍ତ ପହଞ୍ଚିଛି, ଯାହା ଅତ୍ୟନ୍ତ ପ୍ରେରଣାଦାୟକ। ୧୯୬୨ ମସିହା ଫେବୃଆରୀ ୧୦ ତାରିଖରେ ହିସାର ଜିଲ୍ଲାର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ୍ କାନ୍ତ, ୧୯୮୪ ମସିହାରେ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ହିସାର ଜିଲ୍ଲା କୋର୍ଟରୁ ନିଜର ଓକିଲାତି ଜୀବନ ଆରମ୍ଭ କରି ପରେ ସେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ନିଜର କାର୍ଯ୍ୟକ୍ଷେତ୍ରକୁ ସ୍ଥାନାନ୍ତର କରିଥିଲେ। ନିଜର ଆଇନଗତ ଜ୍ଞାନ ଏବଂ ଦକ୍ଷତା ବଳରେ ସେ ମାତ୍ର ୩୮ ବର୍ଷ ବୟସରେ ହରିୟାଣାର ସର୍ବକନିଷ୍ଠ ଆଡଭୋକେଟ୍ ଜେନେରାଲ୍ ହେବାର ଗୌରବ ଅର୍ଜନ କରିଥିଲେ । ୨୦୦୪ ମସିହାରେ ସେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତ ହେଲେ ଏବଂ ପରେ ୨୦୧୮ରେ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କଲେ । ମେ ୨୦୧୯ରେ ତାଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ମିଳିଥିଲା । ତାଙ୍କର ଏହି ଦୀର୍ଘ ଏବଂ ବହୁମୁଖୀ ଅଭିଜ୍ଞତା ତାଙ୍କୁ ଭାରତୀୟ ନ୍ୟାୟ ବ୍ୟବସ୍ଥାର ମୂଳ ସମସ୍ୟାଗୁଡ଼ିକୁ ବୁଝିବାରେ ଏକ ଗଭୀର ଅନ୍ତର୍ଦୃଷ୍ଟି ପ୍ରଦାନ କରିଛି ।

ଜଷ୍ଟିସ୍ କାନ୍ତଙ୍କ ବିଚାରଧାରା ତାଙ୍କର ରାୟଗୁଡ଼ିକରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥାଏ । ସେ ନାଗରିକ ସ୍ୱାଧୀନତା, ସରକାରୀ ଉତ୍ତରଦାୟିତ୍ୱ ଏବଂ ସାମାଜିକ ନ୍ୟାୟର ଜଣେ ଦୃଢ଼ ସମର୍ଥକ ଭାବେ ପରିଚିତ । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ବେଞ୍ଚର ଅଂଶ ହୋଇଛନ୍ତି । ଧାରା ୩୭୦ ଉଚ୍ଛେଦକୁ କାଏମ ରଖିବା, ପେଗାସସ୍ ଗୁପ୍ତଚର ମାମଲାରେ ତଦନ୍ତ ପାଇଁ ଏକ ବୈଷୟିକ କମିଟି ନିଯୁକ୍ତ କରିବା ଏବଂ ଦେଶଦ୍ରୋହ ଆଇନ (ଆଇପିସିର ଧାରା ୧୨୪ଏ) ଉପରେ ରୋକ୍ ଲଗାଇବା ଭଳି ଐତିହାସିକ ନିଷ୍ପତ୍ତିରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଏହା ବ୍ୟତୀତ, ପରିବେଶ ସୁରକ୍ଷା କ୍ଷେତ୍ରରେ ତାଙ୍କର ଯୋଗଦାନ ଉଲ୍ଲେଖନୀୟ । ଏକ ମାମଲାରେ ସେ ରାୟ ଦେଇଥିଲେ ଯେ ପୋଖରୀ ଏବଂ ଜଳାଶୟଗୁଡ଼ିକ ହେଉଛି ସାର୍ବଜନୀନ ସମ୍ପତ୍ତି ଏବଂ ଏଗୁଡ଼ିକୁ ବିକଳ୍ପ ଦେଇ ମଧ୍ୟ ନଷ୍ଟ କରାଯିବା ସମ୍ବିଧାନର ଧାରା ୨୧ (ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର)ର ଉଲ୍ଲଂଘନ ଅଟେ । ସେହିପରି, କାରାଗାର ସଂସ୍କାର କ୍ଷେତ୍ରରେ, ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ଥିବା ସମୟରେ ସେ କଏଦୀମାନଙ୍କ ପାଇଁ ପାରିବାରିକ ଏବଂ ଦାମ୍ପତ୍ୟ ସାକ୍ଷାତର ସୁବିଧା ପାଇଁ ଏକ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ରାୟଗୁଡ଼ିକରୁ ସ୍ପଷ୍ଟ ହୁଏ ଯେ ତାଙ୍କର ନ୍ୟାୟିକ ଦର୍ଶନ କେବଳ ଆଇନର ଶୁଷ୍କ ବ୍ୟାଖ୍ୟାରେ ସୀମିତ ନୁହେଁ, ବରଂ ଏହା ମାନବିକ ଅଧିକାର ଏବଂ ସାମାଜିକ କଲ୍ୟାଣର ଗଭୀର ଚିନ୍ତାଧାରା ଉପରେ ଆଧାରିତ। ନୂତନ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ୍ କାନ୍ତଙ୍କୁ ଅନେକ ଗମ୍ଭୀର ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ । ଏଥିମଧ୍ୟରୁ ସବୁଠାରୁ ବଡ଼ ସମସ୍ୟା ହେଉଛି ଲକ୍ଷ ଲକ୍ଷ ମାମଲାର ପଞ୍ଜିକରଣ, ଯାହା ନ୍ୟାୟ ପ୍ରଦାନରେ ଅହେତୁକ ବିଳମ୍ବର କାରଣ ପାଲଟିଛି । ଦେଶର ବିଭିନ୍ନ ଅଦାଲତରେ ପ୍ରାୟ ପାଞ୍ଚ କୋଟି ମାମଲା ବିଚାରାଧୀନ ଥିବାବେଳେ, ଏହି ସମସ୍ୟାର ସମାଧାନ ପାଇଁ ଟେକ୍ନୋଲୋଜିର ବ୍ୟବହାର, ବିଚାରପତିଙ୍କ ଖାଲି ପଦବୀ ପୂରଣ ଏବଂ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥାକୁ ମଜବୁତ କରିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ପଡ଼ିବ । ଏହା ସହିତ, ବିଚାରପତି ନିଯୁକ୍ତି ପାଇଁ ପ୍ରଚଳିତ କଲେଜିୟମ୍ ବ୍ୟବସ୍ଥାର ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ନେଇ ବାରମ୍ବାର ପ୍ରଶ୍ନ ଉଠୁଛି। ନ୍ୟାୟପାଳିକାର ସ୍ୱାଧୀନତା ଏବଂ କାର୍ଯ୍ୟପାଳିକା ସହ ଏହାର ସମ୍ପର୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଏକ ନିରନ୍ତର ଆହ୍ୱାନ । ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଏହି ଦୁଇ ସ୍ତମ୍ଭ ମଧ୍ୟରେ ସମ୍ମାନଜନକ ସହଭାଗିତା ଅପରିହାର୍ଯ୍ୟ । ଜଷ୍ଟିସ୍ କାନ୍ତଙ୍କ ନେତୃତ୍ୱରେ ସୁପ୍ରିମକୋର୍ଟ ଏହି ସମ୍ବେଦନଶୀଳ ସନ୍ତୁଳନକୁ କିପରି ବଜାୟ ରଖିବ, ତାହା ଦେଖିବା ଗୁରୁତ୍ୱପୂର୍ଣ୍ଣ ହେବ ।

ଜଷ୍ଟିସ୍ କାନ୍ତଙ୍କ ପାଇଁ ଏକ ବଡ଼ ସୁବିଧା ହେଉଛି ତାଙ୍କର କାର୍ଯ୍ୟକାଳ । ସେ ପ୍ରାୟ ୧୫ ମାସ ପାଇଁ ପ୍ରଧାନ ବିଚାରପତି ପଦରେ ରହିବେ, ଯାହା ଫେବୃଆରୀ ୯, ୨୦୨୭ ପର୍ଯ୍ୟନ୍ତ ଚାଲିବ । ଏହି ଦୀର୍ଘ କାର୍ଯ୍ୟକାଳ ତାଙ୍କୁ ନ୍ୟାୟିକ ଏବଂ ପ୍ରଶାସନିକ କ୍ଷେତ୍ରରେ ଦୀର୍ଘମିଆଦୀ ସଂସ୍କାର ଆଣିବା ପାଇଁ ପର୍ଯ୍ୟାପ୍ତ ସମୟ ଏବଂ ସୁଯୋଗ ଦେବ । ଆଶା କରାଯାଏ ଯେ ସେ ମାମଲାର ତ୍ୱରିତ ବିଚାର ପାଇଁ ଏକ ସୁଚିନ୍ତିତ ରୋଡମ୍ୟାପ୍ ପ୍ରସ୍ତୁତ କରିବେ। ନ୍ୟାସନାଲ୍ ଲିଗାଲ୍ ସର୍ଭିସେସ୍ ଅଥରିଟି (NALSA)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ତାଙ୍କର ଅଭିଜ୍ଞତା ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ନ୍ୟାୟକୁ ସୁଲଭ କରିବା ଦିଗରେ ସହାୟକ ହେବ । ଡିଜିଟାଲ୍ ଅଧିକାର, ତଥ୍ୟ ଗୋପନୀୟତା ଏବଂ କୃତ୍ରିମ ବୁଦ୍ଧିମତା ଭଳି ନୂତନ ଆଇନଗତ ପ୍ରସଙ୍ଗଗୁଡ଼ିକ ଉପରେ ତାଙ୍କର ନେତୃତ୍ୱ ନ୍ୟାୟିକ ଦିଗ୍ଦର୍ଶନ ପ୍ରଦାନ କରିବ ବୋଲି ଆଶା କରାଯାଏ । ଦେଶର ପ୍ରଧାନ ବିଚାରପତିଙ୍କ ପଦବୀ କେବଳ ଏକ ନ୍ୟାୟିକ ପଦ ନୁହେଁ, ଏହା ଏକ ନୈତିକ କର୍ତ୍ତବ୍ୟ ମଧ୍ୟ । ଏହି ପଦରେ ଥିବା ବ୍ୟକ୍ତିଙ୍କ ଉପରେ ସମ୍ବିଧାନର ସୁରକ୍ଷା ଏବଂ କୋଟି କୋଟି ନାଗରିକଙ୍କ ନ୍ୟାୟ ଉପରେ ବିଶ୍ୱାସକୁ ବଜାୟ ରଖିବାର ଗୁରୁ ଦାୟିତ୍ୱ ନ୍ୟସ୍ତ ଥାଏ । ଜଷ୍ଟିସ୍ ସୂର୍ଯ୍ୟ କାନ୍ତଙ୍କ ପୃଷ୍ଠଭୂମି, ତାଙ୍କର ନ୍ୟାୟିକ ଦର୍ଶନ ଏବଂ ତାଙ୍କର ଦୀର୍ଘ ଅଭିଜ୍ଞତାକୁ ଦେଖିଲେ ମନରେ ଏକ ଆଶା ସଞ୍ଚାର ହୁଏ ଯେ ତାଙ୍କ ନେତୃତ୍ୱରେ ଭାରତୀୟ ନ୍ୟାୟପାଳିକା ନିଜର ସ୍ୱାଧୀନତା ଏବଂ ଗାରିମାକୁ ବଜାୟ ରଖିବ ଏବଂ ସାଧାରଣ ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଦିଗରେ ଆହୁରି ଅଧିକ ସକ୍ରିୟ ହେବ । ସମଗ୍ର ଦେଶ ତାଙ୍କ କାର୍ଯ୍ୟକାଳକୁ ବହୁତ ଆଶା ଏବଂ ଉତ୍କଣ୍ଠାର ସହ ଅପେକ୍ଷା କରିଛି ।



# ଭଗିନୀ ନିବେଦିତାଙ୍କ ଦୃଷ୍ଟିରେ ଭାରତର ରାଷ୍ଟ୍ରୀୟତା

### ଡ. ସମନ୍ୱୟ ନନ୍ଦ

ଭଗିନୀ ନିବେଦିତା ଭାରତୀୟ ମାନଙ୍କ ପାଇଁ ଆଦୌ ଅପରିଚିତ ନୁହନ୍ତି। ଅଧିକାଂଶ ଭାରତୀୟ ତାଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ପରମ ଶିଷ୍ୟା ରୂପେ ଜାଣନ୍ତି । ତେବେ ତାଙ୍କ ବିଷୟରେ ଆଲୋଚନା କରାଗଲା ବେଳେ ଗୋଟିଏ କଥାକୁ ନିସନ୍ଦେହରେ କୁହା ଯାଇ ପାରେ ଓ ତାହା ହେଲା ଯେ ଇତିହାସ ଓ ଐତିହାସିକ ମାନେ ତାଙ୍କ ସହ ନ୍ୟାୟ କରି ନାହାନ୍ତି । ଜଣେ ବିଦେଶିନୀ ଯିଏ ଭାରତକୁ ଭଲ ପାଇ ତାର ସମସ୍ତ ଜୀବନ ସନାତନ ଧର୍ମ ଓ ଭାରତ ମାତାଙ୍କ ଚରଣରେ ଅର୍ପିତ କରି ଦେଇଥିଲେ ତାଙ୍କର ବ୍ୟକ୍ତିତ୍ୱ ଓ କୃତିତ୍ୱ ସମ୍ପର୍କିତ ବିଭିନ୍ନ ଆୟାମ ସମ୍ପର୍କରେ ସେତେ ଆଲୋଚନା ହୁଏ ନାହିଁ ଯେତିକିର ସେ ହକଦାର ଅଟନ୍ତି ।

ସେ ଏକ ଏପରି ସମୟର ଦାସତ୍ୱର ବେଡିରେ ବନ୍ଧା ଭାରତର ଅଜଣା ଲୋକ ମାନଙ୍କ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଆଦି କ୍ଷେତ୍ରରେ ସେବା କରିଥିଲେ । ତତ୍କାଳୀନ ଶାସକ ଇଂରେଜ ମାନଙ୍କର ଭାରତୀୟ ମାନଙ୍କ ପ୍ରତି କ୍ରୁରତାକୁ ଦେଖି ସେ ସହ୍ୟ କରି ପାରି ନ ଥିଲେ । ସ୍ୱାଧୀନତା ଆନ୍ଦୋଳନରେ ସାମିଲ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସହ ଇଂରେଜ ମାନଙ୍କ ବିରୁଦ୍ଧରେ କାର୍ଯ୍ୟ କରିଥିଲେ । ଭଗିନୀ ନିବେଦିତା ତାଙ୍କ ଜୀବନରେ କରିଥିବା ସମସ୍ତ ସେବା କାର୍ଯ୍ୟ ନିସ୍ୱାର୍ଥ ଭାବ ନେଇ କରିଥିଲେ । ଭାରତରେ ସେବା କାର୍ଯ୍ୟ କରୁଥିବା ବେଳେ ସେ କନଭର୍ଜନ ମାଫିଆ ମାନଙ୍କୁ କଡା ବିରୋଧ କରିଥିଲେ । ସେ ଭାରତରେ ଆସି ସାରିବା ପରେ ଆଉ ଆଇରିଶ ରାଷ୍ଟ୍ରୀୟତାର ହୋଇ ରହି ନ ଥିଲେ । ତାଙ୍କୁ ଭାରତୀୟତାର ରଙ୍ଗରେ ସଂପୂର୍ଣ ଭାବେ ରଙ୍ଗାୟିତ ହୋଇଥିବା ଦେଖିବାକୁ ମିଳିଥିଲା ।

ଜଣେ ବିଶିଷ୍ଟ ବିଚାରକ ତାଙ୍କ ସମ୍ପର୍କରେ କହିଥିଲେ, ''ସେ ଭାରତରେ ଯଦିଓ ଜନ୍ମ ଗ୍ରହଣ କରି ନ ଥିଲେ, ହେଲେ ଏହା ନିଶ୍ଚିତ ଯେ ସେ ଭାରତ ପାଇଁ ଜନ୍ମ ହୋଇଥିଲେ ।'' ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିପିନ ଚନ୍ଦ୍ର ପାଲ ଭଗିନୀ ନିବେଦିତାଙ୍କ ସମ୍ପର୍କରେ କହିଥିଲେ ଯେ '' ଭଗିନୀ ନିବେଦିତା ଯେଉଁ ପ୍ରକାରରେ ଭାରତକୁ ଭଲ ପାଆନ୍ତି, ଭାରତବାସୀ ମାନେ ମଧ୍ୟ ଭାରତକୁ ସେତିକି ଭଲ ପାଆନ୍ତି – ଏଥିରେ ସନ୍ଦେହ ଅଛି ।'' ସେ ଭାରତକୁ କେତେ ଭଲ ପାଉଥିଲେ ତାହା ତାଙ୍କର ପୁସ୍ତକ ''କାଳି – ଦି ମଦର'', ''ଦି ୱେବ ଅଫ ଇଣ୍ଡିଆନ୍ସ ଲାଇଫ'', '' କ୍ରେଡିଲ ଟେଲ୍ସ ଅଫ ହିନ୍ଦୁଇଜମ'', ଏନ ଇଣ୍ଡିଆନ ଷ୍ଟଡି ଅଫ ଲାଇଫ ଏଂଡ ଡେଥ'', '' ଫୁଟଫଲ୍ସ ଅଫ ଇଣ୍ଡିଆନ ହିଷ୍ଟ୍ରି, '' , '' ରିଲିଜିୟନ ଏଣ୍ଡ ଧର୍ମ'' , ''ସିଭିକ ଏଂଡ ନ୍ୟାସନାଲ ଆଇଡିଆଲ୍ସ '' ଆଦି ପଢି ବୁଝା ଯାଇ ପାରେ ।

ଯେପରିକି ଉପରେ ଉଲ୍ଲେଖ କରାଯାଇଛି ଯେ ଭଗିନୀ ନିବେଦିତାଙ୍କ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ ଭୂମିକା ଥିଲା । ସେ ଜଣେ ପ୍ରଖର – ଓଜସ୍ୱୀ ବକ୍ତା ଥିବା ସହିତ ଜଣେ ଉଚ୍ଚ କୋଟିର ଲେଖିକା ଥିଲେ । ତାଙ୍କର ଲେଖା ଗୁଡିକ ସେତେବେଳେ ହଜାର ହଜାର ଯୁବକଙ୍କୁ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ପ୍ରେରଣା ଦେଉଥିଲା । ଏହି କାରଣରୁ ବ୍ରିଟିଶ ସରକାରଙ୍କ ଅଧିକାରୀ ମାନେ ତାଙ୍କର ଗୁପ୍ତଚରୀ କରୁଥିଲେ ଓ ତାଙ୍କ ଦ୍ୱାରା ଲେଖା ଯାଉଥିବା ପତ୍ର ଗୁଡିକୁ ପଢୁଥିଲେ।

ଭଗିନୀ ନିବେଦିତା ନିଜରୀ ଲେଖନୀରେ ରାଷ୍ଟ୍ରୀୟତାକୁ କେବଳ ରାଜନୀତି ବା ଷ୍ଟେଟର ଅବଧାରଣା ନୁହେଁ ବରଂ ଏକ ଆଧାତ୍ମିକ ଓ ସାଂସ୍କୃତିକ ଚେତନା ରୂପେ ପରିଭାଷିତ କରିଥିଲେ । ତାଙ୍କର ସ୍ପଷ୍ଟ ମତ ଥିଲା ଯେ ଭାରତର ରାଷ୍ଟ୍ରୀୟତାର ଉତ୍ସ ଧର୍ମ, ସଂସ୍କୃତି ଓ ଆତ୍ମାର ଏକତାରେ ରହିଛି, ଏକ ଏପରି ଚେତନା ଯାହା ଲୋକ ମାନଙ୍କ ମଧ୍ୟରେ ଦେଶ ପ୍ରତି ଜୀବନ୍ତ ନିଷ୍ଠା ଓ ଆତ୍ମ ତ୍ୟାଗର ଭାବନା ଉତ୍ପନ୍ନ କରିଥାଏ ।

ସେ କହୁଥିଲେ ଯେ ଭାରତର ରାଷ୍ଟ୍ରୀୟତା କୌଣସି ଭୌଗଳିକ ବା ରାଜନୈତିକ ନିର୍ମାଣ ନୁହେଁ ବରଂ ଏକ ଆତ୍ମିକ ଅନୁଭୂତି ଅଟେ । ତାଙ୍କର ମତ ଥିଲା ଯେ ଭାରତର ରାଷ୍ଟ୍ରୀୟତାର ମୂଳ ଧର୍ମ ଓ ସଂସ୍କୃତିରେ ନିହିତ ରହିଛି ଯାହା ସମାଜକୁ ଗୋଟିଏ ସୂତ୍ରରେ ବାନ୍ଧିଥାଏ । ଭାରତର ରାଷ୍ଟ୍ରୀୟତା ସନାତନ ଧର୍ମରୁ ଉତ୍ପନ୍ନ ହୋଇଛି, ସେହି ସନାତନ ଜୀବନ ଦୃଷ୍ଟି ଯାହା ବିଭିନ୍ନତା ମଧ୍ୟରେ ଏକତା ଦେଖିଥାଏ ।

ଭଗିନୀ ନିବେଦିତାଙ୍କ ଦୃଷ୍ଟିରେ ରାଷ୍ଟ୍ରୀୟତା ହେଉଛି ସେହି ଭାବ, ଯାହା ଦେଶବାସୀ ମାନଙ୍କ ମଧ୍ୟରେ ଆତ୍ମଚେତନା, ସମର୍ପଣ, କରୁଣା, ଓ ସେବା ମାଧ୍ୟମରେ ମାତୃଭୂମି ପ୍ରତି ଦିବ୍ୟତାର ବୋଧ କରାଇଥାଏ । ଏହା କୌଣସି ରାଜନୈତିକ ଏକକ ନୁହଁ ବରଂ ଏକ ଜୀବନ୍ତ ଆତ୍ମା ଯାହା ନିଜର ଅତୀତର ଗୌରବଗାଥା ଓ ଭବିଷ୍ୟତର ଆଦର୍ଶ ସହ ପ୍ରେରିତ ହୋଇ ସମାଜକୁ ଏକତାର ସୂତ୍ରରେ ବାନ୍ଧିଥାଏ ।

ସିଭିକ ଏକ ନ୍ୟାସନାଲ ଆଇଡିଆଲ୍ସ ରେ ସେ ରାଷ୍ଟ୍ରୀୟତାକୁ କର୍ତବ୍ୟ ଓ ଆତ୍ମବଳିଦାନର ଭାବନା ବୋଲି ବର୍ଣନା କରିଛନ୍ତି । ସେ କହିଛନ୍ତି ଯେ କୌଣସି ରାଷ୍ଟ୍ର ସେତେବେଳେ ଜାଗ୍ରତ ହୋଇ ପାରିବ ଯେତେବେଳେ ସେହି ଦେଶର ନାଗରିକ ମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପରିବର୍ତେ ସମାଜ ଓ ମାତୃଭୂମିର ସ୍ୱାର୍ଥକୁ ଅଗ୍ରାଧିକାର ଦେବେ ।

ତାଙ୍କର ଜୀବନୀ ଲେଖିଥିବା ପ୍ରବ୍ରାଜିକା ଆତ୍ମପ୍ରାଣା ଲେଖିଛନ୍ତି ଯେ ବାସ୍ତବରେ ନିବେଦିତାଙ୍କ ଜୀବନ ତାଙ୍କର ଦୃଢ ସଂକଳ୍ପ ବିଶିଷ୍ଟ ପ୍ରାର୍ଥନାର ପୂର୍ଣତା ଥିଲା । ଭଗିନୀ ନିବେଦିତାଙ୍କ ପ୍ରାର୍ଥନା ଏପରି ଥିଲା – "ହେ ଇଶ୍ୱର, ଗୁରୁଙ୍କ ସ୍ମରଣ କରି ମୋତେ ନିର୍ଭୟପୂର୍ବକ, ଯାହା ସତ୍ୟ, ତାକୁ କହିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ମୋର ଗୋଟିଏ ଗୋଟିଏ ଶବ୍ଦ ଦ୍ୱାରା ମୋ ଗୁରୁଙ୍କ ପବିତ୍ର, ନିର୍ମଳ ତଥା ନିଷ୍କଳଙ୍କ ଜୀବନ ପ୍ରବାହ ଅଖଣ୍ଡ ରୂପରେ ପ୍ରବାହିତ ହେଉ ଥାଉ । ଯଦ୍ୱାରା ମୃତ୍ୟୁ ସମୟରେ ମୋତେ ଏହି କଥାକୁ ନେଇ କୌଣସି ଦୁଃଖ ରହିବ ନାହିଁ ଯେ ମୁଁ ତାଙ୍କର ଆକାଂକ୍ଷାକୁ ପୂର୍ଣ କରି ନାହିଁ । ମୁଁ ତାଙ୍କ ଚେହେରାରେ ସେହି ବିଶ୍ୱାସ ପୁଣି ଥରେ ଦେଖିବାକୁ ଚାହୁଁଛି ଯେ ଯଦ୍ୱାରା ମୃତ୍ୟୁ ପୂର୍ବରୁ ମୋ ମନରେ ଦୁଃଖ ନ ରହୁ ଯେ ମୁଁ ତାଙ୍କୁ ନିରାଶ କଲି । ଏହା ହେଉଛି ମୋର ପ୍ରାର୍ଥନା ।" ଭଗିନୀ ନିବେଦିତା ଭାରତର ପୁନର୍ଜାଗରଣରେ ନିଜ ଭୂମିକା ନିର୍ବାହ କରିବା ସହ ତାଙ୍କ ଗୁରୁଙ୍କ ପ୍ରତି ଦୃଢ ସଂକଳ୍ପ ବିଶିଷ୍ଟ ଏହି ପ୍ରାର୍ଥନାକୁ ଜୀବନର ଶେଷ ଯାଏ ଜୀଇଁ ଥିଲେ ।

ନିଜର ସମ୍ପୂର୍ଣ ଜୀବନ ଭାରତ ପ୍ରତି ଉତ୍ସର୍ଗ କରିବା ପରେ ଭଗିନୀ ନିବେଦିତା ଅକ୍ଟୋବର ୧୩, ୧୯୧୧ ରେ ତାଙ୍କର ଜୀବନ ଯାତ୍ରା ପୂରା କରିଥିଲେ । ହିମାଳୟର କୋଳରେ ଦାର୍ଜିଲିଂ ସହରରେ ତାଙ୍କର ଅନ୍ତିମ ସଂସ୍କାର କରା ଯାଇଥିଲା । ତାଙ୍କର ସ୍ମୃତିରେ ଭାରତୀୟ ମାନେ ସେହି ସ୍ଥାନରେ ଏକ ସମାଧି ତିଆରି କରିଛନ୍ତି । ଭାରତୀୟ ମାନେ ସେଠାରେ ଏକ ଶିଳାଲେଖରେ ଲେଖିଛନ୍ତି – "ଯିଏ ନିଜର ସର୍ବସ୍ୱ ଭାରତ ପାଇଁ ସମର୍ପିତ କରି ଦେଇଥିଲେ, ସେହି ଭଗିନୀ ନିବେଦିତା ଏଠାରେ ଚୀର ବିଶ୍ରାମ କରୁଛନ୍ତି ।" ବାସ୍ତବରେ ଏହି ଶିଳାଲେଖରେ ଏପରି ଉଲ୍ଲେଖ କରି ତାଙ୍କ ପ୍ରତି ଉଚିତ ଶ୍ରଦ୍ଧାଂଜଳି କୃତଜ୍ଞତା ଜ୍ଞାପନ କରିଛନ୍ତି ।



# ପଢ଼ିବା, ଗଢ଼ିବା : ଓଡ଼ିଶାର ଶୁଭାରମ୍ଭ

### ସତ୍ୟ ମହାପାତ୍ର

ଆଜିକାଲି ବିଭିନ୍ନ କ୍ଷେତ୍ରରେ ସୁଯୋଗ ସୀମିତ। ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରନ୍ତୁ। ପିଲାମାନଙ୍କୁ ନିଜ ଇଚ୍ଛାରେ ଉଡିବାକୁ ଦିଅନ୍ତୁ, ସ୍ୱପ୍ନ ଦେଖିବାକୁ ସୁଯୋଗ ଦିଅନ୍ତୁ ଏବଂ ସ୍ୱପ୍ନକୁ ପୂରଣ କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ କାମ କରନ୍ତୁ ବୋଲି ନିକଟରେ ଓଡ଼ିଶା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଆଜିର ଶିକ୍ଷା ପଦ୍ଧତିରେ ଆମ ପାଇଁ ସବୁଠାରୁ ବଡ଼ ଦୁଇଗୋଟି ଆହ୍ୱାନ ରହିଛି। ପ୍ରଥମଟି ହେଲା ଡ୍ରପଆଉଟ ହାରକୁ ଆଶାତୀତ ଭାବେ ହ୍ରାସ କରିବା ଏବଂ ଦ୍ୱିତୀୟଟି ହେଉଛି ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ବ୍ୟବସ୍ଥା। ଡ୍ରପ ଆଉଟ ହାରକୁ ରୋକିବା ପାଇଁ ମିଡ ଡେ ମିଲ ବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏକ ସଫଳ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି। ବର୍ତ୍ତମାନ ଆମେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଛୁ ଏବଂ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟର ମଧ୍ୟ ବ୍ୟବସ୍ଥା କରିଛୁ। ଜନଜାତି ବର୍ଗର ପିଲାମାନଙ୍କୁ ମଧ୍ୟ ମେଧା ସିଂ ହାତଖର୍ଚ୍ଚ ଯୋଜନା ଜରିଆରେ ସହାୟତା ପ୍ରଦାନ କରାଯାଉଛି। ଏହି ସବୁ ଯୋଜନା ଆଗାମୀ ଦିନରେ ଡ୍ରପଆଉଟ ହାର କମ କରିବାରେ ନିଶ୍ଚିତ ରୂପେ ସଫଳ ହେବ। ସେହିଭଳି ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମ ଶିକ୍ଷା ପ୍ରଦାନ ପାଇଁ ଲୋକପ୍ରିୟ ମୋହନ ମାଝୀଙ୍କ ସରକାର ନୂତନ ଶିକ୍ଷାନୀତି ଲାଗୁ କରିଛନ୍ତି।

ନୂତନ ଶିକ୍ଷା ନୀତି ଅଧୀନରେ ଛାତ୍ରଛାତ୍ରୀ ମାନଙ୍କୁ ସୃଜନଶୀଳ ଓ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ କରିକୁଲମ ଫ୍ରେମୱାର୍କ ଆରମ୍ଭ କରାଯାଇଛି। ପିଲମାନଙ୍କ ପାଇଁ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟ ମାଧ୍ୟମରେ ଭାଷା ସମ୍ପର୍କିତ ଦକ୍ଷତା ବୃଦ୍ଧି ପାଇଁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଗତବର୍ଷ ଠାରୁ ଆରମ୍ଭ ହୋଇଛି। ଆଜି ଠାରୁ ପଢ଼ିବା, ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହେଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗୁଡ଼ିକୁ ସୁନ୍ଦର ଓ ଆକର୍ଷଣୀୟ ପଠନ ସ୍ଥାନରେ ପରିଣତ କରି ସରଳ କାହାଣୀ ପୁସ୍ତକ ମାଧ୍ୟମରେ ପିଲାମାନଙ୍କର ପଢ଼ିବା ଓ ବୁଝିବା ଶକ୍ତିକୁ ବିକଶିତ କରାଯିବ। ସରକାର ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ୫ରୁ ୭କୋଟି ଟଙ୍କା ଖର୍ଚ୍ଚରେ ୮୩୫ଟି ବିଦ୍ୟାଳୟ ନିର୍ମାଣ ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥି ସହିତ ତିନି ବର୍ଷ ମଧ୍ୟରେ ପ୍ରାଥମିକ ସ୍ତରରେ ୪୫ ହଜାର ଶିକ୍ଷକ ପଦବୀ ମଧ୍ୟ ପୂରଣ କରାଯିବ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଓଡ଼ିଶାର ମୋହନ ଚରଣ ମାଝୀଙ୍କ ନେତୃତ୍ୱର ଡବଲ ଇଞ୍ଜିନ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ପ୍ରତିଭା ଉପରେ ଆମ ସମୃଦ୍ଧ ଓଡ଼ିଶାର ଭିତ୍ତି ନିର୍ଭରଶୀଳ। ପିଲାମାନଙ୍କୁ କିପରି ଗାଇଡ଼ କରି ଭଲ ମଣିଷ କରିବେ ତାହାର ଦାୟିତ୍ୱ କେବଳ ବିଦ୍ୟାଳୟ ବା ଶିକ୍ଷକ ଶିକ୍ଷୟିତ୍ରୀଙ୍କର ନୁହେଁ ବରଂ କହିବାକୁଗଲେ ବଣମଲ୍ଲୀ ପରି ଅନେକ ପ୍ରତିଭାବାନ ବିକଶିତ କଳିକା ମାନଙ୍କୁ ଆଗେଇ ନେବା ସହ ସେମାନଙ୍କୁ ସୁଚାରୁରୂପେ ଶିକ୍ଷାବ୍ରତୀ ହେବା ଦାୟିତ୍ୱ ଆମ ସମସ୍ତଙ୍କର।

ସୂଚନାଥାଉକି ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରି ପ୍ରଥମ ସ୍ଥାନରେ ଥିବା ଝାରସୁଗୁଡ଼ା ଜିଲ୍ଲାକୁ ୩ କୋଟି ଟଙ୍କା, ଦ୍ୱିତୀୟ ସ୍ଥାନରେ ଖୋର୍ଦ୍ଧା ଜିଲ୍ଲାକୁ ୨ କୋଟି ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ଜଗତସିଂହପୁର ଜିଲ୍ଲାକୁ ୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ୭୦ଜଣ ଶିକ୍ଷକଙ୍କ ସମେତ ତିନୋଟି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ତିନି ଜଣ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ୧୦ଜଣ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଧାରିତ Odisha Curriculumk Frame work for school Education-୨୦୨୫ ପୁସ୍ତକ, ନିପୁଣ ଓଡ଼ିଶା ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କଫି ଟେବୁଲ ବୁକ ନିକଟରେ ଉନ୍ମୋଚନ ହେବାସହ ମୁଖ୍ୟମନ୍ତ୍ରୀ ପଢ଼ିବା, ଗଢ଼ିବା ଓ ଓଡ଼ିଶା ଅଭିଯାନର ଶୁଭାରମ୍ଭ କରିଥିଲେ। ଆମ ସମାଜରେ ଗୁରୁ ଶିଷ୍ୟର ପରମ୍ପରା ଆଦିମ କାଳରୁ ରହି ଆସିଛି। ଶିକ୍ଷକମାନେ ବିଦ୍ୟାର୍ଥୀ ମାନଙ୍କୁ ବ୍ୟକ୍ତିତ୍ୱ ନିର୍ମାଣ, ଶୃଙ୍ଖଳା, ଆଦର୍ଶ ସମାଜ ନିର୍ମାଣ ଆଦି ବିଷୟରେ ଶିକ୍ଷାଦେଇ ସେମାନଙ୍କୁ ଗଢ଼ି ତୋଳିଥାନ୍ତି। ରାଜ୍ୟରେ ସର୍ବୋତ୍ତମ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଲୋକପ୍ରିୟ ମୋହନ ଚରଣ ମାଝୀଙ୍କ ସରକାର ଆମ ସରକାର ପ୍ରଚେଷ୍ଟା କରୁଛନ୍ତି। ଜୀବନ କୌଶଳ, ଏଆଇ, ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ଦକ୍ଷତା ବିକାଶ କରାଯାଉଛି ଯାହାଫଳରେ ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ପାଠପଢ଼ା ଶେଷ କରିବା ପରେ ଆତ୍ମ ନିର୍ଭର ହୋଇପାରିବେ।

ରାଜ୍ୟରେ ଡ୍ରପ ଆଉଟ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଚାଇଲ୍ଡ ଟ୍ରାକିଂ ସର୍ଭେ ମାଧ୍ୟମରେ ଅଧାରୁ ପାଠ ଛାଡ଼ିଥିବା ପିଲମାନଙ୍କୁ ପୁଣି ଥରେ ବିଦ୍ୟାଳୟକୁ ଫେରେଇ ଆଣିବା ପାଇଁ ଉଦ୍ୟମ କରାଯାଉଛି। ଯାହା ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛି। ଶିକ୍ଷା ବିଭାଗର ବଜେଟରେ ସର୍ବାଧିକ ୩୧ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବଭାରତର ବିକାଶ କେନ୍ଦ୍ର ଓଡ଼ିଶା ହୋଇଥିବାବେଳେ ଶିକ୍ଷା କ୍ଷେତ୍ରରେ ଓଡ଼ିଶାରେ ନୂଆ ସୋପାନରେ ପହଞ୍ଚିଛି।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
ମୋ: ୯୬୫୮୧୦୫୫୩୨


## କବିତା କୋଣାର୍କ

### ଶୀତଦିନ ଆସି ପହଞ୍ଚିଗଲାଣି

**ଦୀପକ କୁମାର ନାୟକ**

ଚାଲ୍ ଯିବା ଆମେ ବୁଲି
ଦୁବାଇ ହେଉକି ଖପ୍ରାଖୋଲ ଯିବା
ବାହାରି ପଡ୍ ତୁ କାଲି ।
ମହା ଆନନ୍ଦରେ ବୁଲିବା ଉଭୟ
ହୋଇ କେତେ ଖୁସି ବାସି
ଯେତେଦିନ ଯାଏଁ ମନ ଭରି ନାହିଁ
ସେହିଠାରେ ଥିବା ଫସି ।
ନିରୋଳାରେ ଆମେ ରହିବା ଉଭୟ
ନଥିବେ ପାଖରେ କେହି
ଉଭୟେ ଉଭୟଙ୍କୁ ସମୟ ଦେବା
ଦିନରାତି ଭୂଲିଯାଇ ।
କୋଳରେ ବସେଇ ଗେଲ କରୁଥିବି
ମୁହଁକୁ ତୋହର ଚାହିଁ
ଭିଡି ଧରିଥିବୁ ତୋ ବାହୁ ବନ୍ଧନେ
କେତେ କଣ ସ୍ୱପ୍ନ ନେଇ ।
ଏମିତି ମଜ୍ଜିବା ପ୍ରେମରେ ଉଭୟ
ନିଅଣ୍ଟିଆ ହେବ ରାତି
ସତେକି ଲାଗିବ ଫେରିଆସିଛି କି
ଆମର ଚାନ୍ଦିନୀ ରାତି
ଆମର ଚାନ୍ଦିନୀ ରାତି ।


ଗଣ୍ଡାନାଳୀ, ହିନ୍ଦୋଳ, ଢ଼େଙ୍କାନାଳ
ମୋ: ୮୬୩୭୨୬୧୮୨୮


### ଏମିତି ବି ଇଚ୍ଛାହୁଏ

**ନିରଞ୍ଜନ ସାହୁ**

ଭାରି ଇଚ୍ଛାହୁଏ ବାଟ ଚାଲିବାକୁ
ତୁମ ହାତ ମୁହିଁ ଧରନ୍ତି
ଭାରି ଇଚ୍ଛାହୁଏ ତୁମରି ସହିତ
ମଧୁର ଆଳାପ କରନ୍ତି ।

ଭାରି ଇଚ୍ଛା ହୁଏ ତୁମରି ସହିତ
ସାରା ଜୀବନ ମୁଁ ରହନ୍ତି
ଭାରି ଇଚ୍ଛାହୁଏ ସୁଖଦୁଃଖ କଥା
ତୁମରି ଆଗରେ କହନ୍ତି
ଭାରି ଇଚ୍ଛାହୁଏ ତୁମରି କୋଳରେ
ଜୀବନ ଶେଷେ ମୁଁ ମରନ୍ତି ।

ଭାରି ଇଚ୍ଛାହୁଏ ତୁମ ଲେଖା ଗୀତ
ବଡ଼ ଶରଧାରେ ଗାଆନ୍ତି
ଭାରି ଇଚ୍ଛାହୁଏ ତୁମ ହାତ ରନ୍ଧା
ସାରା ଜୀବନ ମୁଁ ଖାଆନ୍ତି
ଭାରି ଇଚ୍ଛାହୁଏ ତୁମରି ମନରେ
ସବୁଜ ସ୍ୱପ୍ନ ମୁଁ ଭରନ୍ତି ।

ଭାରି ଇଚ୍ଛାହୁଏ ତୁମେ କହୁଥିଲେ
ମନ ଦେଇ ସବୁ ଶୁଣନ୍ତି
ଭାରି ଇଚ୍ଛାହୁଏ ସଭିଙ୍କ ଆଗରେ
ତୁମରି ଗୁଣ ମୁଁ ବୁଣନ୍ତି
ଭାରି ଇଚ୍ଛାହୁଏ ତୁମ ସାନ୍ନିଧ୍ୟରେ
ଜୀବନରୁ କଷ୍ଟ ହରନ୍ତି ।


+ନିହଲ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩


### ଅବୋଧ ତୁମ ପ୍ରେମ

**ଦୀପ୍ତି ମିଶ୍ର**

ତୁମେ ଏମିତି ଅବଧୋ କେମିତି ଯେ !!!
କେତେବେଳେ ନାରୀ ତମର ସଖୀ ,
କେତେବେଳେ ତୁମ ମନ
ଆକାଶର ପକ୍ଷୀ,
କେତେବେଳେ ତୁମ ବ୍ୟବହୃତ
ପରର ବର୍ଜ୍ୟବସ୍ତୁ,
କେବେ ପୁଣି ତୁମ ମନଗଢା
କାହାଣୀର ଅବୁଝା ନାୟିକା...
କେବେ ସାଗର ବେଳାଭୂମିରେ
ବାଲିଘର କରି ଖେଳୁଥିବା କିଶୋରୀଟିଏ
ଏକା ଏକା....
ଜମା ବି ବୁଝି ହୁଏନା...
ତୁମ ହୃଦୟର ପ୍ରତିଫଳନରେ
କଣ ଗୋଟେ ନାରୀର ରୂପରେଖ ।

କେତେବେଳେ ନାରୀ ସତେ ଅବା
ତୁମ କବିତା କୋଣାର୍କର ନଗ୍ନ ମୂର୍ତ୍ତିରୂପ,
କେବେ ତୁମ ମନର ତପ୍ତ
ଆଗ୍ନେୟଗିରିର ଭଗ୍ନ ଶିଳାସ୍ତୁପ,
କେବେ ତୁମ ପଥର ହୃଦୟର
ମୁଗ୍ଧା ଝରଣା,
କେବେ ତୁମ ମନର
ସବୁଜ ଉପତ୍ୟକାରେ
ଖିଲି ଖିଲି ହସୁଥିବା ନୀଳ ନୟନା ।

ନାରୀ କେବେ ତୁମ ଇଚ୍ଛାର ସାମ୍ରାଜ୍ଞୀ
ରଚିଦିଅ ତା ପାଇଁ ସ୍ୱପ୍ନର ନଗରୀ,
ତୋଳିଦିଅ ଜହ୍ନ ରାଇଜରେ
ସୁରମ୍ୟ ଅଟ୍ଟାଳିକା,
କେବେ ଭାବନଗରୀର ସଫେଦ
କ୍ୟାନ୍ ଭାସରେ
ଆଙ୍କିଦିଅ ତାର ଭୁଲାଣିଆ ରୂପ....
କେବେ ଛଳନା ରଙ୍ଗ ରେ
ତା ମନକୁ ଧୋଇଦେଇ ପକାଅ
ପ୍ରେମର ଥୋପ ।

କିନ୍ତୁ କେବେ ବୁଝନାହିଁ ନାରୀର
ସରଳ ହୃଦୟ...
ତାର ନିଃସ୍ୱ ଆତ୍ମାରୁ ନିଗୁଡୁ ଥିବା
ଅସରନ୍ତି କୋହ,
ଶୁଣିପାର ନାହିଁ ତାର ନିଃଶବ୍ଦ କ୍ରନ୍ଦନ...
ଦେଖିପାର ନାହିଁ ତାର
ହୃଦୟ ଲହୁର ଅବାଧ ନିର୍ଗମନ,

ଆଶାର ସୌଧ ନିର୍ମାଣ କରୁ କରୁ
ଭାଙ୍ଗି ପଡ଼େ ମୁଖଶାଳା ....
ଆଉ ଅଭିଶପ୍ତ ଭଗ୍ନ କୋଣାର୍କ ତୁଲ୍ୟ
ତୁମେ ଛାଡ଼ି ଚାଲିଯାଅ କାହିଁ
କେତେ ଦୂରେ
ପଥ ପ୍ରାନ୍ତେ ରଚି ଦେଇ ଆଉ
ଏକ ଲୁହର ନଗରୀ ।

ସତରେ କେତେ ଅବୋଧ ତୁମେ !
ଆଉ କେତେ ଦୁର୍ବୋଧ
ତୁମର ସେ ରଙ୍ଗୀନ ପ୍ରେମ !!!


+ ବାରିପଦା


### ପ୍ରେମର ଆୟୁଷ

**ସ୍ୱାଗତ ମିଶ୍ର**

ବୟସର ପୂର୍ବାହ୍ନରେ ଛୁଏଁ ଯେବେ
ଅଜାଣତେ ଯୌବନର ଋତୁ,
ଏ ଦେହର ଅଗଣାରେ
ଅଗଣିତ ଫୁଲ ଫୁଟେ
ହସୁଥାଏ ଗୋଲାପ ପାଖୁଡ଼ା ମେଲାଇ ।

ମନ ପ୍ରଜାପତି ଉଡ଼ି ବୁଲୁଥାଇ
ରଙ୍ଗ ମାଖି ତା' ଦୁଇ ଡେଣାରେ,
ହାତେ ପ୍ରେମ ପ୍ରସ୍ତାବ ଧରି
ଚତୁର ଭଅଁର ଅଗଣାରେ ଡିଆଁ ମାରେ
ଫୁଲରୁ ମହୁ ଶୋଷିବା ଆଶାରେ ।

ପାଗଳ ଭଅଁର ବୁଝେନା କିଛି
ପ୍ରେମର ସଂଜ୍ଞା, ସ୍ୱରୂପ, ମୂଲ୍ୟବୋଧ,
ବୁଝିଛି କେବଳ ଏତିକି ସେ
ଦୁଇ ମନର ମିଳନରେ
ପ୍ରେମ ହୋଇପଡ଼େ ମୋହଗ୍ରସ୍ତ
କିନ୍ତୁ ଦେହର ମିଳନେ
ମିଳେ ମୋକ୍ଷପ୍ରାପ୍ତ।

କିଏ ତାକୁ କହିଦେବ ଥରେ
ଏ ମହୀ ମଣ୍ଡଳେ କିଛି ନୁହେଁ ଚିରସ୍ଥାୟୀ,
ଅଗଣାରୁ ଦିନେ ଯୌବନର
ଋତୁ ଫେରିଯିବ
ଫୁଲ ପାଖୁଡ଼ାର ରଙ୍ଗ ଫିକା ପଡ଼ିଯିବ
ଡେମ୍ଫରୁ ଛିଡ଼ିବ ଗୋଲାପ
ବାସହୀନ ହୋଇ
ମିଛ ଏ ପ୍ରେମର ଆୟୁଷ କ୍ଷଣସ୍ଥାୟୀ ।


+ପଦ୍ମାଦେଈପୁର, ନୟାଗଡ଼

## ତମେ ତ ବଦଳାଇ ଦେଲ ଠିକଣା

### ବିଶ୍ୱନାଥ କର



ତମେ ତ ବଦଳାଇ ଦେଲ ଠିକଣା ନିଜର
ସୂର୍ଯ୍ୟମୁଖୀ ଭଳି ମୁହଁ ଫେରାଇ ନେଲ
ସଞ୍ଜ ନଉଁ ନଉଁ, ବିଛନ୍ଦ କବିତା ଭଳି
ଜୀବନର ଛନ୍ଦ ଚୋରିନେଲ
ଝାଞ୍ଜି ଖରାଟାରେ
ଏକାକୀ ଠିଆ ହୋଇ ସିଝୁଛି ମୁଁ
ସ୍ୱପ୍ନର ଫେରନ୍ତା ବାଟକୁ ମୋର ନେଇଗଲ
ମୃଗୟା ବାହାନାରେ ।

ଥୁଣ୍ଟା ବରଗଛ ତଳେ ଛାଇ ଟିକେ ନାହିଁ
ଖସ୍ ଖସ୍ ଶୁଖିଲା ପତର ଶବ୍ଦେ
ବେସୁରା ମଧୁପର ସୁର
ତମଠୁ ଉଧାରରେ ଆଣିଥିବା ସପନ
ଧାଏଁ ମିଛ ମରୀଚିକା ପଛେ
ମୁମୁର୍ଷୁ କୃଷ୍ଣଚୂଡ଼ା ବିରହ ଆତୁରେ
ମଉଳି ତଳକୁ ଖସେ ।

ଥରେ ଭାବିଲ ନାହିଁ ଯେ
ମୋ ଆଖିର ଆକାଶରେ ବସା ବାନ୍ଧିଛ ତମେ
ଏମିତି ଅଜସ୍ର ସ୍ମୃତିର ମହକ
କେମିତି ନେଇଗଲ ନିଜ ସାଥୀରେ
ବିଞ୍ଚିଦେଇ ମୋ ଚାରିପାଖେ ସାରା
ପୃଥିବୀର ନିର୍ଜନତା ।

ବସିଛି ଏକା ଏକା ପଶାପାଲି ଧରି
ବାଜିରଖି ମୋ ହୃଦୟର ଭଗ୍ନ ଅବଶେଷ
ତମେ ନେଇ ଯାଇଛ ମୋ ଛାଇକୁ
ଅଲଗା କରି ମୋତେ
ତମ ନିଃଶ୍ୱାସର ତତଲା ବାମ୍ଫରେ
ଇତିହାସର ଫର୍ଦ୍ଦ ଲେଉଟୁଛି
ତମ ଠିକଣା ଖୋଜି ଖୋଜି
ବେଳାଭୂମିରେ ଡେରା ପକାଇଛି ।

ତମେ କେମିତି ଜାଣିବ
ମୋ ଡାଏରୀର ଶେଷ ପୃଷ୍ଠା
ଭିଜି ଗଲାଣି ବର୍ଷାରେ
ତମ ବାଟକୁ ଅନିଷା କରି କରି
ଲମ୍ବି ଲମ୍ବି ଗଲାଣି ଅସରନ୍ତି କାହାଣୀ
ସଞ୍ଜର ଅନ୍ଧାରରେ ଜମାଟ ପୃଥିବୀ
ପୋହଳା ଦ୍ୱୀପରୁ ପରୀମାନେ
ମାଗନ୍ତି ମେଲାଣି।

ତମ ଠିକଣା ପାଉନି ଖୋଜି ମୁଁ
ପାଇବିକି ନା ଅଦିନିଆ ପଶ୍ଚିମା ଝଡର ମୁହଁରୁ,
କବାଟ ଝର୍କା ସବୁ ବନ୍ଦ ଅଛି
ଯେଉଁଠି ଲୁଚିଛି ତମ ଠିକଣା
ଲେଖା ହୋଇଛି ତମ ଦ୍ୱାର ଦେଶରେ ଝୁଲୁଥିବା
ନାମ ଫଳକରେ
ଯାତ୍ରାର ଯନ୍ତ୍ରଣା ହିଁ ରାସ୍ତା
ବୁଝୁଛି ଏବେ ତମ ଠିକଣାରେ ଯୁଗ ଯୁଗର
ବ୍ୟଥା ।


♥ସାଇ କଲୋନୀ, ଦେଉଳସାହି, ତୁଳସୀ
ପୁର, କଟକ୭୫୩୦୦୮
ମୋ:୯୭୭୬୩୩୨୬୩୯


## ଦଧୀଚି

### ପ୍ରଶାନ୍ତ କୁମାର ଦାଶ



ଭାଗ୍ୟ ଆକାଶର ତୁମେ ରବି ଶଶୀ
ତ୍ୟାଗର ଉଚ୍ଛୁଳା ସିନ୍ଧୁ
ତୁମେ ଢାଳିପାର ଶୁଖିଲା ମାଟିରେ
କରୁଣାର ବାରି ବିନ୍ଦୁ ।

ମାନ ଅପମାନ ସହିଯାଅ ସବୁ
ମୌନ ମୂର୍ତ୍ତିଟିଏ ସାଜି
ଅମଡ଼ା ବାଟର କଣ୍ଟାର ଆଘାତେ
ପଡ଼ନାହିଁ ଟିକେ ଭାଜି ।

ସହଣୀର ତୁମେ ମୁଗ୍ଧ ଚିତ୍ରକର
ପ୍ରତିମାରେ ଦିଅ ପ୍ରାଣ
ଦରଦୀ ଦଧୀଚି ସାଜି କରି ପାର
ଜୀବନକୁ ପରିତ୍ରାଣ ।

ପେଟର ଭୋକକୁ ତଡିପାର ପୁଣି
ଦୁଃଖେର ସାଥୀ ସାଜି
ସ୍ମୃତିର ପାଷାଣ ଅବୟବ ନେଇ
ଅତୀତକୁ ପାର ଖୋଜି ।

ଶୁଖିଲା ମାଟିରେ ଗଢିପାର ଏକ
ସୁନ୍ଦର ମୂରତିଟିଏ
ବିନ୍ଦୁ ବିନ୍ଦୁ ଭାବ ପ୍ରୀତି ଅନୁରାଗ
ତୁମପରି ଦେବ କିଏ ।

ନିଦାଘ ତାତିର ଦହନକୁ ସହି
କାଟିପାର ଦିନ ରାତି
ଗଢ଼ିବାକୁ ସୁନା ସଂସାର ପାଷାଣ
କରିଦେଇ ଥାଅ ଛାତି ।

ନିଜେ ନିଃସ୍ୱ ହେଇ ବାଣ୍ଟୁଥାଅ ନିତି
ନବୀନ ସପନ ସୁନା
ଜାଳିଦିଅ ପୁଣି ପ୍ରେରଣା ପ୍ରଦୀପ
ଅନ୍ଧକାର ହୁଏ ଚୂନା ।

ଶରତ ଆକାଶ ଚନ୍ଦ୍ରମା ତ ବାପା
ଚଳନ୍ତି ଠାକୁର ଆମ
ତାଙ୍କ ହାତଲାଗି ହୁଏ ଛୋଟ ଘର
ଶାନ୍ତିର ସରଗ ଧାମ ।


♥କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦


## ସନାତନୀ

### ବିପ୍ଳବ

ଏତେ ଧାଁ ଦଉଡ଼ ଭିତରେ ବି
ଘୋରିହେଇ ଯାଏନି ପାଦ
ଯେମିତି ବାଲ୍ଟି ବାଲ୍ଟି ପାଣି କଢ଼ାରେ
ଖାଲି ହେଇ ଯାଏନି କୂଅ

ଯେମିତି ଅହରହ ଧାଇଁବା ଭିତରେ
ଥକି ପଡ଼େନି ନଈ।

ସେମିତି ତମ ଆଦିମ ଘୃଣାରେ
ଘୋରି ହେଇ ଯାଇନି ମୁଁ
ଖାଲି ହେଇ ଯାଇନି ମୁଁ
ଥକି ଯାଇନି ମୁଁ ।




♥ମକୁନ୍ଦପୁର, ବାଙ୍କୀ


## କାର୍ତ୍ତିକ ମାସ ଆସିଲାଣି

### ଜୟକୃଷ୍ଣ ସାହୁ



ଅଳପ ଶୀତକୁ ଅଳପ ଗରମ
ପରଶ ଦିହକୁ ଲାଗୁଚି
ଶିରାବଣ ପରେ କାର୍ତ୍ତିକ ମାସଟା
ଆସିଗଲା ବୋଲି ଭାବୁଚି।
ଧରାରୁ ମୌସୁମୀ ନେଲାଣି ମେଲାଣି
ଭାସୁନାହିଁ କଳା ବଉଦ
ନିରିମଳ ନୀଳ ଆକାଶ ଦିଶଇ
ସଫା ଦିଶେ ବାଟ ସଉଧ।

ଶେଫାଳି କୁସୁମ ବାସି ମହ ମହ
ଗଛ ମୂଳେ ପଡ଼ି ଲୋଟଇ
ଗୁନ୍ଥିବା ପାଇଁକି ଫୁଲମାଳ,ପିଲେ
ନେଉଛନ୍ତି ତଳୁ ଗୋଟାଇ।
ହବିଷ କରିଛି ଜେଜେମାଆ ମୋର

ଚିତାଚଇତନ କରୁଚି
ସକାଳୁ ସକାଳୁ ଗାଧୋଇପାଧୋଇ
ଥୁରୁ ଥୁରୁ ହୋଇ ଥରୁଚି।
ତୁଳସୀ ଚଉରା ମୂଳରେ ନାତୁଣୀ
ସରାଗରେ ଝୋଟି ଆଙ୍କଇ
ରାଇ ଦାମୋଦର ପୂଜା ପାଇଁ ଜେଜୀ
ଫୁଲ ଫଳ ନିଏ ସଜେଇ।
ଦୀପାବଳି ପରେ କର୍ତ୍ତିକ ପୁନେଇଁ
ମାସ ଶେଷ ଦିନ ଆସିବ
ଓଡ଼ିଆ ଅତୀତ ଗଉରବ ଗାଥା
ଆମ ଆଗେ ହସି ଭାସିବ।


♥କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭


## ଚିତ୍ରରେଖା

### ସଂଜୀବ କୁମାର ସତପଥି



ତୁମେ ଏତେ ଶୀଘ୍ର ବଦଳିଯାଇପାର
ଏହା ମୋ ଭାବନାର ଉର୍ଦ୍ଧ୍ୱରେ ଚିତ୍ରରେଖା
ଥରକୁ ଥର ପ୍ରତିଥର ତୁମ ହୃଦୟକୁ ଦେଖ
ତୁମେ ଏତେ ମିଛେଇ ବି ହୋଇପାର ଚିତ୍ରରେଖା
ତମ ହୃଦୟ କୁଆଡେ ସମୁଦ୍ର ପରି ବିଶାଳ ଓ ଗଭୀର
ସେ ସମୁଦ୍ରର ଗଭୀରତାରେ ବିନା ମେଘରେ ଜୁଆର
ଚିତ୍ରରେଖା, ଏକ କାହାଣୀ ଗଳ୍ପ ଓ କବିତାର ଛନ୍ଦ ନୁହେଁ
ନିଜ କଥା ଓ ବାକ ଚାତୁରୀରେ ଆପଣାଇ ପାରୁଥିବା ଝିଅ
ଚିତ୍ର ରେଖା ପ୍ରେମର ଅଢେଇ ଅକ୍ଷର ତୁମ ପାଇଁ କଳଙ୍କିତ
ବାଇ ଚଢେଇର ବସାଭାଙ୍ଗି କି ଲାଭ ପାଇଲ କୁହ !
ଯଦି ଭାଙ୍ଗିବାର ଥିଲା ତେବେ
ଏ ଝାଟି ମାଟି ତାଳ ପତ୍ର କାଟି
କୁଟୀର ଯୋଗାଡ଼ ପ୍ରହସନ ନୁହେଁ ତ !
ଚିତ୍ରରେଖା ! ଶୁଣିଲି ଏବେ ତୁମେ ବହୁତ ବଡ଼ଲୋକ
ତମ ବଡ଼ଲୋକି ପଣ ମୋତେ ବେଶ୍ ଖୁସି ଦେଲା
ଆଉ ତୁମ ଉପାଧି ମୋ ପାଇଁ ପାଗଳ, ଛୋଟଲୋକ
ଦୁନିଆ ଅଗରେ ବଦନାମର ବତୁଲ ଥୋଇଦେଲ
ହେଲେ ମନେରଖ ଚିତ୍ରରେଖା, ସମୟ ଦାସତ୍ୱରେ
ଦିନେ ତୁମେ ବି ହଜିଯିବ ଅନ୍ୟ ଏକ ଜଗତରେ
ଏ ରୂପ ଯୌବନ ସବୁ ତୁମଠାରୁ ଦୂରେଇ ଯିବେ

ମାଘ ମାସ ଶୀତୁଆ ସକାଳରେ ନିଆଁର ତାତିରେ
ନିଜ ଦେହକୁ ଉଷୁମ କଲାବେଳେ ନା ତମର
ବୟସ ଥିବ ନା ଧଡ଼ ଧଡ଼ କରୁଥିବା ତୁମ ଦେହର ଚମଡା
ଠିକ ଏତକିବେଳେ ମୁଁ ହିଁ ମନେ ପଡିବି ଚିତ୍ରରେଖା !

ତୁମେ ହୁଏତ ମୋତେ ଭୁଲି ଯାଇଥିପାର ଯେମିତି
ନିଜ ଲୋକ ମାନେ ବି ଭୁଲି ଯାଆନ୍ତି ସ୍ୱାର୍ଥ ସରିଗଲେ
ମୁଁ କିନ୍ତୁ ସାଇତି ରଖିଛି ତୁମକୁ ତୁମ ମାନ ଓ ହୃଦୟକୁ
ମୋ ବାଇଚଢେଇର ବସାରେ ଝାଟିମାଟିର ଘରେ
ଦଲକାଏ ପବନ ଦୋହଲାଇ ପାରେ
ହେଲେ ତୁମ ପାଇଁ ଏ ବାଇ ଚଢେଇର ବସା
ରାଜମହଲ ଠାରୁ କମ ନୁହେଁ ଚିତ୍ରରେଖା
ଆସ ପୁଣି ଥରେ ଫେରିଯିବା ସେ ଚଗଲା ବୟସକୁ ।


♥କେନ୍ଦୁପାଟି, ଜୁନାଗଡ଼, କଳାହାଣ୍ଡି
ମୋ: ୮୪୫୫୦୪୧୪୦୭


## ପ୍ରେମ ଓ ପୃଥିବୀ

### ସୁଜିତ କୁମାର ମିଶ୍ର



ପ୍ରେମ ହିଁ ପୃଥିବୀ
ପୃଥିବୀ ହିଁ ପ୍ରେମ,
ବାକି ସବୁ ଭ୍ରମ,
ତା ଭିତରେ
ଆୟୁଷ୍ମାନ ଅକ୍ଷତ ଜୀବନ ।

ପ୍ରେମ ଉତୁରେ
ବିଶାଳ ବାଧାରେ
ଯେମିତିକି ମାଟି ମେଘର ମିଳନ
ଚମକେ ବୈଶାଖକୁ
ଭୋଗିଲା ପରେ ।

ବାତ୍ୟା ଆସିଲେ ଧାଇଁ
ପ୍ରେମ ହିଁ ତ
ପୃଥିବୀର ଆଶ୍ୱାସନା ଛାଇ
ବିଦେହର ଲୁହଧାର
ମନେ ହୁଏ ଭାବ ସର୍ବସ୍ୱ ନଇ ।

ପ୍ରେମ ଉଡେ ସବୁ ଆଡେ
ପକ୍ଷୀର ଉଡାଣ ନେଇ,
ବାତ୍ୟାମୟ ପୃଥିବୀ ହୁଏ

ବିମଳ ପ୍ରଶାନ୍ତ,
ହୃଦୟ କୁଞ୍ଜରୁ ଝଂକୃତ ହୁଏ
ଅନ୍ତରଗଂତାର ଆବାହନୀ,
ବିନାଶ କୁହାଟୁ ଥିବା ବେଳେ
ପ୍ରେମ ଓ ପୃଥିବୀ ଲାଗେ
ବଶୀଭୂତ ବିକାଶର ସରାଗ ସ୍ୟାହି।

ପୃଷ୍ଠା ପୃଷ୍ଠା ପ୍ରେମର ସ୍ୱାକ୍ଷର ଭିତରେ
ଜାଜ୍ୱଲ୍ୟମାନ ଏ ଭିଜା ପୃଥିବୀ,
ତା ଭିତରେ ମୁଖରିତ
ସୃଜନର ନବରବି,
ବର୍ଷାବିନ୍ଦୁ ପରି ମନ ପ୍ରାଣ
ରୋମାଞ୍ଚ ହୁଏ ବଧୂଲି ଓଠର
ଖୁସି ଗପରେ,
ସେପାଇଁ ତ ଏଠି ଜୀବନ ଅଗଣା

ପ୍ରେମମୟ ପୃଥିବୀର ଅନୁପମ ଶ୍ରଦ୍ଧାଛବି ।

ବେଶ୍ କାରୁକାର୍ଯ୍ୟ ଭରା
ଏ ପ୍ରେମ ଓ ପୃଥିବୀ,
ଗୋପନ ଭାବ ଦିବ୍ୟ ସଂଗୀତରେ
ଗୋଟିଏ ମଞ୍ଚରେ ଏକାଠି,
ଫିକା ପଡୁଥିବା ବେଳେ କାନ୍ଥ
ପ୍ରେମ ଆଙ୍କୁଥାଏ ପରମ ରଙ୍ଗଝୋଟି ।

ଅସରନ୍ତି ଭଗ୍ନଶିଳା ଭିତରେ
ପ୍ରେମ ହିଁ ତ ଯଜ୍ଞ
ଆହୂତିର ଅଶ୍ରୁବର୍ଷାରେ ।

ଆସ ଆଙ୍କିବା ପ୍ରେମ ପୃଥିବୀକୁ
ଛାତି ତଳ ସପନରେ,
ମେଘୁଆ ଆକାଶ ତଳେ,
କାଶତଣ୍ଡୀର ହସ ଧାରେ,
ଅପରୂପା ଲାସ୍ୟମୟୀର
ବିଭୋର ଚାହାଣୀରେ ।

ପ୍ରେମ ପୃଥିବୀ ବିନା
କଣ ସମ୍ଭବ ପ୍ରଗତିଶୀଳ ସର୍ଜନା ?


♥ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨


## ପ୍ରେମ କବିତା

### କନ୍ଦର୍ପ ବେହେରା



ଭାରି ମନେ ପଡେ ତୁମ କଥା ହେଲେ
ପ୍ରେମଠୁ ବିଚ୍ଛେଦ ଭାରି କଷ୍ଟ,
ଭୁଲ୍ ବୁଝାମଣା ଅବାଟକୁ ନେଲା
ତୁମଠୁ ବେଶି ମୁଁ ଥିଲି ଦୁଷ୍ଟ ।

କେତେ ଯେ ନିବିଡ ସଂପର୍କଟା ଥିଲା
ମରିବା ଯାଏ ମୁଁ ଭୁଲିବିନି,
ସନ୍ଦେହ ଭିତରେ ଘାଂଟି ହେଉଥିଲ
କ୍ଷତାକ୍ତ ମନଟା ବୁଝିଲାନି ।

ପ୍ରେମରେ ପାଗଳ ତୁମ ପାଇଁ ହେଲି
ଲୁହରେ ତିନ୍ତୁଛି ଛାତି ମୋର,

ଭଲ ପାଇ ସଖି ଛଳନା କଲକି
ହୃଦୟଟା ଖାଲି କାନ୍ଦେ ମୋର ।

ଭଲ ପାଇଥିଲି ସାଥି କରିବାକୁ
ସାକ୍ଷୀ ରଖି ପ୍ରିୟା ମନ୍ଦିରରେ,
ମନଟା ମୋହର ଜମା ବୁଝୁ ନାହିଁ
ଭାଙ୍ଗି ମୁଁ ପଡିଲି ଏକବାରେ ।

ଶାନ୍ତି ମିଳିବକି ଜାଣେନା ଏ ସବୁ
ପ୍ରେମ ପ୍ରଣୟର କଥା ଏଇ,
ନିମିଷକେ ସବୁଭାଙ୍ଗି ଯିବ ସାଥି
ପ୍ରିୟା ପ୍ରିୟା ବୋଲି ଖୋଜେ ମୁହିଁ ।

ତଥାପି ପ୍ରତିକ୍ଷା କରୁଛି ହେ ପ୍ରିୟା
ଆସିବ ମୋ କବି କୁଟୀରକୁ
ଭାଙ୍ଗିଥିବା ସେଇ ସଂପର୍କଟା ଆମ
ନିମିଷକ ମଧ୍ୟେ ଯୋଡିବାକୁ ।


♥ସଂପାଦକ ‘ସୁଚିତ୍ରା’
ସା/ପୋ- ଡଇଁଚା,
ଭାୟା-ରେଢାଖୋଲ,
ଜି- ସମ୍ବଲପୁର, ପିନ୍ -୭୬୮୧୦୬,
ମୋ- ୯୪୩୮୧୫୦୬୩୧


## ଅମୃତପଥକୁ ଆଦରିନେବା

### ଡାଃ ମନୋରଂଜନ ଦାଶ



ଛଳନାର ପାହାଡ ଉପରେ ବସି
ତପନାଂଶୁ ଭାବୁଚି, ତାକୁ
କିଏ ଆଙ୍ଗୁଳି ନିର୍ଦ୍ଦେଶ କରୁଚି କି
ହାତ ଦେଖାଉଚି ।
ଅନ୍ୟକୁ ଉପେକ୍ଷା କରିବାର କଳା
ତାକୁ ବେଶ୍ ଜଣା ।
ସୁଜନେ ! ଅନୀତିର ଚରମ ଦ୍ୱୋରେ
ମହାଭାରତର ଦୁର୍ଯ୍ୟୋଧନ ଭଳି ଦଶା
ଭୋଗିବାକୁ ହୁଏ ବୋଲି
ବୁଝେଇବ କିଏ ?
ସମୟ ତ ବଡ ବଳବାନ୍ !
ଭଲ ଛଡା ମନ୍ଦ କଲେ,

ପରିସ୍ଥିତି ଛାଡିବନି କେବେ !
କାହାର ସୁପ୍ତ ଅହଂକାର କେତେ ଦିନ, ସୁଜନେ !
ମିଛିମିଛିକା ବସନ୍ତର ଆବାହନୀ ସଙ୍ଗୀତ ସିଏ
ଗାଏ ସିନା,
ଅନୁଭବ ତା'ର ଆସିବ କୁଆଡୁ ?
କେତେଦିନ ମାଙ୍କଡ - କୁମ୍ଭୀର ଗପ ଶୁଣାଇ
ଭୂଲେଇ ରଖିବ,
ସ୍ୱାଭିମାନୀ ବ୍ୟକ୍ତି-ସତ୍ତାକୁ !
ପଢିଚ କି କେବେ ଅନ୍ୟର ଭାବାବେଗକୁ...

ଆଉ ବାଟବଣା କରନି କାହାକୁ ?
ସମୟ ତା ନିଷ୍ଠୁର ନିଆଁରେ ଜାଳି
ଛାରଖାର କରିଦେବ।
ମୁଁ ଅବା କ'ଣ କରିପାରିବି !
କେବଳ ସୃଜନୀସତ୍ତାର ଧାରାରେ
ସଚେତନ କରିବା ଛଡା ....
ମିଥ୍ୟା ଦମ୍ଭୋକ୍ତି ରହିନି କି
ରହିବନି କାହାରି ଏ ସଂସାରେ !
ଆଉ ତୁମେ ...
ଧ୍ୱଂସ ପଥକୁ ଛାଡି ଅମୃତପଥକୁ ଆଦରି
ନିଅ, ବଞ୍ଚିଯିବି ଆଉ ଯେତେ ଦିନ
ଓ ଜୀବନକୁ କରିବ ମଧୁମୟ ....


♥ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ ଜି :କେନ୍ଦ୍ରାପଡା
ମୋ - ୯୪୩୭୩୧୭୭୨୨


## ନିର୍ଜନ ରଜନୀ

### ସୁଶ୍ରୀ ସଙ୍ଗୀତା ସେଠୀ

ଶୀତର ଲହଡ଼ି ଘଡ଼ିର ଟିକ୍ ଟିକ୍ ଶବ୍ଦ
ଏ ନିର୍ଜନ ରଜନୀରେ ଆଖିଏ ସ୍ୱପ୍ନ
କେତେ ଯେ ନିଜ ସାଥେ ଜୀବନ ଗଳ୍ପ
ଏକାକୀ ଜୀବନର ଏକ ଲେଉଟା ଫର୍ଦ୍ଦ।

ଜୀବନ ଖାତାରେ କେତେ ହିସାବ କିତାବ
କେତେ ହସଲୁହର ମୂକସାକ୍ଷୀ

କେତେ ନିଶବ୍ଦ ଚିତ୍କାରର ଜନ୍ମ ତା ବକ୍ଷରେ
ଅନେକ ପୀଡ଼ାର ଏନ୍ତୁଡ଼ିଶାଳ ତା ରଜନୀ ଗର୍ଭ।

କିଏ ପୀଡ଼ାକୁ ପିଇଯାଏ ତ କିଏ ସାଜେ କବି
ଅନେକ ଜୀବନ ଦିଗ ବି ନିର୍ମାଣ ତା କୋଳରେ
ବେସାହାରା ମଣିଷର
ବୋଧ ହେବାର ପଣତକାନି
କେତେ ମଣିଷଙ୍କ ସଙ୍ଗିନୀ ସାଜି ସାଜେ ବାନ୍ଧବୀ।

ଗହନ ଅନ୍ଧକାର କାୟା ଭିତରେ ସୁଖର ନିଦ୍ରା

ପୁଣି କାହା କଷ୍ଟ ବ୍ୟକ୍ତ କରିବାର
ଉତ୍କୃଷ୍ଟ ପ୍ରହରୀ
କାହା ସ୍ୱପ୍ନକୁ ଡେଣା ଦେବାକୁ
ପ୍ରସ୍ତୁତ କରୁଥିବା ଦେବୀ
ପୁଣି ମାୟା ସେ ରାତ୍ରି
ରାଜମହଲର ଅପ୍ସରା।


♥ ଯାଜପୁର
(ମୋ) ୮୨୬୦୦୨୬୭୧୪


## ଭାରି ମନେ ପଡୁଛି

### ଶ୍ରୀ ସତ୍ୟବ୍ରତ ସାହୁ



ଆଜି କିଆଁ ପ୍ରିୟା ମୋର ଭାରି ମନେ ପଡୁଛି
ମଲା ଦିନ ସ୍ମୃତି ତାର ମୋତେ ଜାଳି ମାରୁଛି ।

ତା' ଆଖିର ଆଇନାରେ ଦେଖିଥିଲି ନିଜକୁ
ତା' ଜୀବନ ଇତିହାସେ ଭୁଲିଗଲି ନିଜକୁ
ମୋ' ଆଖିର ସୀମା ଠାରୁ ସେ ଆଜି ଅନେକ ଦୂରେ
ପ୍ରତିଶ୍ରୁତି ସବୁ ତାର ପାଣିଗାର ସାଜିଛି ।
ଆଜି କିଆଁ ପ୍ରିୟା ମୋର.....

ରଖି ତାର ଅନୁରୋଧ ଲେଖିଥିଲି କବିତା
ସେ କବିତା ସବୁ ଆଜି ମୋ' ହୃଦୟେ ସାଇତା
ମୁଁ ସିନା ଝୁରୁଛି ତାକୁ ସିଏ କିନ୍ତୁ ସବୁ ଭୁଲି
ନୂଆ ଏକ ସପନର ଝୁଲଣାରେ ଝୁଲୁଛି।
ଆଜି କିଆଁ ପ୍ରିୟା ମୋର....

ଆଜି କିଆଁ ପ୍ରିୟା ମୋର ଭାରି ମନେ ପଡୁଛି
ମଲା ଦିନ ସ୍ମୃତି ତାର ମୋତେ ଜାଳି ମାରୁଛି ।


♥ ପଲ୍ଲୀସାହି, କମାଳପୁର
ଅହିୟାସ, ଯାଜପୁର-୭୫୫୦୩୬
ମୋ-୮୯୧୭୨୭୩୫୪୫

# ରାଜ୍ୟ ଇଂଜିନିୟରିଂ ୱାର୍କ ଚାର୍ଜଡ଼୍ କର୍ମଚାରୀ ଫୋରମ ପକ୍ଷରୁ ସମାବେଶ

କେନ୍ଦ୍ରାପଡା, ୨୭/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ଇଂଜିନିୟରିଂ ବିଭାଗ ଯଥା ଜଳ ସମ୍ପଦ, ନଗର ଉନ୍ନୟନ, ଗୃହ ନିର୍ମାଣ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତ ରାଜ ବିଭାଗ ଅଧିନରେ କାର୍ଯ୍ୟ କରିଥିବା ୱାର୍କ ଚାର୍ଜଡ଼୍ /ନିୟମିତ/ସେବା ନିବୃତ୍ତ କର୍ମଚାରୀ ଫୋରମ ପକ୍ଷରୁ ଏକ ସମାବେଶ କେନ୍ଦ୍ରାପଡା ପୌରସଂସ୍ଥା ଟଉନ ହଲ ପରିସର ରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା, ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ କାର୍ଯ୍ୟକରି ଅବସର ନେଇଥିବା କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ସହ ସେବା ନିବୃତ୍ତ କାଳୀନ ସହାୟତା ପେନଶନ ପୁରୁଣା ହାରରେ ଦେବାପାଇଁ ଏହି ସମାବେଶ ରେ ଦାବି ଉପସ୍ଥାପନ କରାଯାଇଛି । ଗ୍ରାମ୍ୟ ନିର୍ମାଣ କର୍ମଚାରୀ ସଂଘ ସଭାପତି କୃଷ୍ଣଚନ୍ଦ୍ର ନାୟକ ସମାବେଶ ରେ ଅଧ୍ୟକ୍ଷତା କରିଥିବା ବେଳେ ନଗର ଉନ୍ନୟନ ବିଭାଗ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ସମାବେଶ ରେ ଯୋଗ ଦେଇଥିଲେ । ମୁଖ୍ୟ ସଂଯୋଜକ ରଂଜିତ ମହାନ୍ତି, କପିଳେଶ୍ୱର ବାରିକ, ଆଶିଷ କୁମାର ନନ୍ଦ, ଚିତ ରଂଜନ ମହାରଣା, କଲ୍ୟାଣ କୁମାର ମହାରଣା, ଜିଲ୍ଲା ସବାପତି ସୁଶାନ୍ତ କୁମାର ନାୟକ ପ୍ରମୁଖ ମଂଚାସୀନ ଥିବବେଳେ ଇଂଜିନିୟରିଂ ବିଭାଗର ବହୁ ସଂଖ୍ୟକ ନେତୃ ସ୍ଥାନୀୟ ବ୍ୟକ୍ତି , ସଂଗଠକ ଓ କର୍ମଚାରୀ ସଂଘ କର୍ମକର୍ତ୍ତା ମାନେ ବକ୍ତବ୍ୟ ରଖିଥିଲେ । କର୍ମଚାରୀଙ୍କ ସପକ୍ଷରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶନାମା କୁ ବିରୋଧ କରି ରାଜ୍ୟ ସରକାର ମାନ୍ୟବର ସୁପ୍ରିମ କୋର୍ଟରେ ଦଖଲ କରିଥିବା ୧୨୪ ଗୋଟି ପିଟିସନ ଖାରଜ ହୋଇଥିବାରୁ କର୍ମଚାରୀ ମାନଙ୍କୁ ଅବସର କାଳୀନ ପେନଶନ ପୁରୁଣା ହାରରେ ପ୍ରଦାନ କରିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା । ଜିଲ୍ଲା ସଂପାଦକ ପରୀକ୍ଷିତ ଦାସ କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିଲେ ।

# ଭଡ଼ା ଘରେ ରହୁଥିବା ଜଣେ ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କଲା ପୋଲିସ

ବଲାଙ୍ଗିର, ୨୭/୧୦ (ନି.ପ୍ର): ବଲାଙ୍ଗୀର ରୁଗୁଡିପଡାର ଏକ ଭଡା ଘରେ ରହୁଥିବା ଜଣେ ଯୁବତୀଙ୍କୁ ଶନିବାର ରାତିରେ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରିଛି । ସୂଚନା ଅନୁଯାୟୀ ସେହି ଭଡ଼ା ଘରେ ଦୁଇ ଭଉଣୀ ରହୁଥିଲେ । ଜଣେ ଘରେ ନ ଥିବା ବେଳେ ଅନ୍ୟ ଭଉଣୀ ଜଣକ ଘର ଭିତରୁ କବାଟ ଦେଇ ଘରେ ରହିଥିଲେ । ବଡ ଭଉଣୀ ଜଣକ ଘରକୁ ଆସି କବାଟ ଖୋଲିବାକୁ ଡାକିବାରୁ ଭଉଣୀ ଜଣକ ନ ଶୁଣିବାରୁ ସେ ଚିନ୍ତିତ ହୋଇପଡ଼ିଥିଲେ । ଏପରିକି ଫୋନ୍ କଲ କଲେ ମଧ ଯୁବତୀ ଜଣକ ଫୋନ୍ ଉଠାଇ ନ ଥିଲେ । ଏହାପରେ ପଡ଼ୋଶୀ ଲୋକେ ମଧ କବାଟ ଖୋଲିବାକୁ କହିଥିଲେ ମଧ ସେ କବାଟ ଖୋଲି ନ ଥିଲେ । ବାଧ ହୋଇ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଂଚି କବାଟ ବାଡେଇ ଖୋଲିବାକୁ ଡାକି ଥିଲେ । ଝିଅ କବାଟ ନ ଖୋଲିବାରୁ ପୋଲିସ ଅଗ୍ନିଶମ କୁ ଡାକିଥିଲେ । ଅଗ୍ନିଶମ ବିଭାଗର କର୍ମଚାରୀ ଆସି କବାଟ ଭାଙ୍ଗି ଝିଅକୁ ଉଦ୍ଧାର କରିଥିଲେ । ବଲାଙ୍ଗିର ଟାଉନ୍ ପୋଲିସ ଗୁରୁତର ଅବସ୍ଥାରେ ଝିଅକୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ଟାଉନ୍ ଥାନା ଆଇ ଆଇ ସି ଅବନୀ କୁମାର ସାହୁ ଘଟଣା କୁ ନେଇ ତଦନ୍ତ ଚାଲିଥିବା କହିଛନ୍ତି । ଅନ୍ୟପଟେ ସେଠାରେ ଘଟଣା ସମ୍ପର୍କ ଜାଣିବା ପାଇଁ ଶତାଧିକ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା ।

# ଜିଲ୍ଲା ବ୍ରାହ୍ମଣ ମହାସଭାର ପଦ ମଣ୍ଡନ ସମାରୋହ

ବଲାଙ୍ଗିର, ୨୭/୧୦ (ନି.ପ୍ର): ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିରର ନବନିଯୁକ୍ତ କର୍ମକର୍ତ୍ତାମାନଙ୍କର ପଦ ମଣ୍ଡନ ସମାରୋହ ମହାସଭାର ଅଧ୍ୟକ୍ଷ ଧନଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଆଜିକାର ସଭା ନବ ନିର୍ବାଚିତ ବ୍ରାହ୍ମଣ ସଭାର ପ୍ରଥମ ବୈଠକର ପ୍ରାରମ୍ଭ ଅଧ୍ୟକ୍ଷଙ୍କ ଓଁକାର ଧ୍ୱନୀ ସହିତ ଆୟୋଜିତ ହୋଇ ନବନିଯୁକ୍ତ ସଭ୍ୟମାନଙ୍କର ଶପଥପାଠ ମଂଚାସିନ ମୁଖ୍ୟ ଅତିଥି ମହନ୍ତ ଶ୍ରୀବ୍ରଜମୋହନ ଶରଣ ଦେବ, ଉପଦେଷ୍ଟା ଗିରିଧାରି ଶତପଥି, ଧର୍ମସିଂହ ମିଶ୍ର, ଗୋପବନ୍ଧୁ ପୁରୋହିତ ଙ୍କ ଗହଣରେ ଅନୁଷ୍ଠିତ ହୋଇଥିଲା । ସଂପାଦକ ଶ୍ୟାମ ସୁନ୍ଦର ଦାଶଙ୍କ ସଂଚାଳନ ରେ ହୋଇଥିବା ଏହି ସଭାରେ ସମସ୍ତ କର୍ମକର୍ତ୍ତାଙ୍କୁ ଉପଢୌକନ ଏବଂ ସମ୍ମାନ ସନନ୍ଦ ଶ୍ରୀ ଶ୍ରୀ ମହନ୍ତମହାରାଜ ଏବଂ ଉପଦେଷ୍ଟା ମଣ୍ଡଳିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ପରେ ଉପସ୍ଥିତ ସମସ୍ତ ସଭ୍ୟ ତଥା ବ୍ରାହ୍ମଣ ଦେବତାମାନଙ୍କର ଭଗବାନ ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହଙ୍କୁ ମନ୍ତ୍ର ପୁଷ୍ପାଞ୍ଜଳି ଏବଂ ଆରତି ସମର୍ପଣ ରେ ଗୁଞ୍ଜରିତ ହୋଇଥିଲା । କର୍ମକର୍ତ୍ତା ବୃନ୍ଦ ମଂଚାସିନ ହୋଇ ବ୍ରାହ୍ମଣ ମହାସଭାର ଉନ୍ନତି କଳ୍ପେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସଭାରେ ବିରଂଚି ନାରାୟଣ ତ୍ରିପାଠି, ଗୋପବନ୍ଧୁ ଶତପଥୀ, ପଂଚାନନ ବେଦବାକ, ଅଶୋକ ମିଶ୍ର, ଚନ୍ଦ୍ର କୁମାର ପୁରୋହିତ, ରାମ ଶଙ୍କର ଶତପଥୀ, ଅଶୋକ ମିଶ୍ର (ବି), ଷଡାନନ ହୋତା, ଶୁଶାନ୍ତ କୁମାର ପଣ୍ଡା, ଲକ୍ଷ୍ମୀ ପ୍ରସାଦ ଚାନ୍ଦ, ପ୍ରଭୁଦତ ଶତପଥି, ବିଶ୍ୱନାଥ ମିଶ୍ର, ବାଳକୃଷ୍ଣ ଷଡଙ୍ଗି, କବିରାଜ ହୋତା, ଜୟବିହାରି ବେଦବାକ, ଗୋପବନ୍ଧୁ ପୁରୋହିତ, ଗିରିଧାରି ଶତପଥୀ, ଧର୍ମସିଂହ ମିଶ୍ର, ଶ୍ୟାମ ସୁନ୍ଦର ଦାଶ ଓ ସଭାପତି ଧନଞ୍ଜୟ ମିଶ୍ର ନିଜ ନିଜ ବକ୍ତବ୍ୟ ରଖିଥିଲେ । ଆଗାମୀ ଦିନ ମାନଙ୍କରେ ମହାସଭା ତରଫରୁ ବ୍ରାହ୍ମଣ ସମାଜର ବିଭିନ୍ନ ଉନ୍ନତିମୂଳକ ଆଲୋଚନା ପରେ ସଂପାଦକଙ୍କ ଧନ୍ୟବାଦ ସହିତ ସଭାପତିଙ୍କ ସଭା ସାଙ୍ଗ କରାଗଲା ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ମୋନ୍ଥା ପ୍ରସ୍ତୁତି

ପୁରୀ, ୨୭/୧୦ (ନି.ପ୍ର): ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାଇ ବାତ୍ୟା ମୋନ୍ଥା ଓଡ଼ିଶାରେ ହେବାର ଆଶଙ୍କା ନଥିଲେ ମଧ ଏହାର ପ୍ରଭାବରେ ପ୍ରବଳ ବର୍ଷାର ଆଶଙ୍କା ରହିଛି । ସମ୍ଭାବ୍ୟ ବାତ୍ୟା ମୋନ୍ଥା ମୁକାବିଲା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି । ବାତ୍ୟା ପ୍ରଭାବ ପୁରୀରେ ନପଡ଼ିବା ସମ୍ଭାବନା ଥିବା ବେଳେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ସଦର ମହକୁମା ନଛାଡିବାକୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ନିର୍ଦ୍ଦେଶ ଦେଇଛନ୍ତି । ସତର୍କ ଓ ସଚେତନ ରହିବାକୁ କହିଛନ୍ତି ।

ବାତ୍ୟାକୁ ମୁକାବିଲା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ ପ୍ରସ୍ତୁତ ରହିଛି । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସବୁ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଘନ ଘନ ସମୀକ୍ଷା କରୁଛନ୍ତି । ବାତ୍ୟା ମୁକାବିଲାରେ କୌଣସି ଅଧିକାରୀ କାର୍ଯ୍ୟରେ ଅବହେଳା ନକରିବାକୁ ଜିଲ୍ଲାପାଳ ତାଗିଦ୍ କରିଛନ୍ତି । ଜିଲ୍ଲାର ସବୁ ତହସିଲରେ ୮୯୨୪ ଟି ପଲିଥିନ ପ୍ୟାକେଟ ରଖାଯାଇଛି । ଜିଲ୍ଲା ଗୋଦାମରେ ୩୧୭୬ ପଲିଥିନ ମହଜୁଦ ଅଛି । ୧୮୭ କୁଇଂଟାଲ ଚୁଡ଼ା, ୧୭୨ କୁଇଂଟାଲ ଗୁଡ, ୧୨୦ କୁଇଂଟାଲ ଅନ୍ୟ ଖାଦ୍ୟ ମହଜୁଦ ରହିଛି । ମୋଟ ୧୭୯ ଟି ଆଶ୍ରୟସ୍ଥଳୀ ବ୍ୟବସ୍ଥା ରହିଛି । କୌଣସି ସମସ୍ୟା ହେଲେ ୨୪ ଘଂଟିଆ କଂଟ୍ରୋଲ ରୁମ୍ ରହିଥିବା ବେଳେ ସମସ୍ୟା ବିଷୟରେ ୧୦୭୭ / ୦୬୭୫୨- ୨୨୩୨୩୭ ରେ ଯୋଗାଯୋଗ କରିବାକୁ ଲୋକଙ୍କୁ କୁହାଯାଇଛି ।

# ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ଶ୍ରୀ ହଂସରାଜ ଗଙ୍ଗାରାମ ଅହିର ଆସନ୍ତା ୨୯ ତାରିଖ ଦିନ ଓଡିଶା ଗସ୍ତରେ ଆସୁଛନ୍ତି

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଦେଶର ଅନ୍ୟ ରାଜ୍ୟଗୁଡିକ ସହ ଆମ ରାଜ୍ୟକୁ ତୁଳନା କଲେ, ଆମ ରାଜ୍ୟର ଅନେକ ପଛୁଆ ଜାତି ବର୍ଗ ଜାତୀୟ ତାଲିକାଭୁକ୍ତ ହୋଇ ପାରିନାହାନ୍ତି । ରାଜ୍ୟରେ ଯଦିଓ ପଛୁଆବର୍ଗଙ୍କ ସଂଖ୍ୟା ରାଜ୍ୟର ସମୁଦାୟ ଜନସଂଖ୍ୟାର ୫୪ ପ୍ରତିଶତ, ତଥାପି ଅନେକ ପଛୁଆ ଜାତି ବର୍ଗ ଜାତୀୟ ପଛୁଆବର୍ଗ ତାଲିକାଭୁକ୍ତ ହୋଇନାହାନ୍ତି । ଫଳରେ ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ଉଦ୍ଦିଷ୍ଟ ସମସ୍ତ ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି । ପୂର୍ବ ରାଜ୍ୟ ସରକାରମାନେ ପଛୁଆବର୍ଗଙ୍କୁ ଯୋଜନାବଦ୍ଧ ଭାବେ ସାମ୍ବିଧାନିକ ଅଧିକାରରୁ ବଂଚିତ ରଖିଥିଲେ । ୧୯୯୩ ମସିହାରେ ନବ ଦାସ କମିଶନ ସୁପାରିଶ ପରେ ଦୀର୍ଘ ଦିନ ଧରି ଓଡିଶାରେ ଓବିସି କମିଶନ ଗଠନ ନହେବା ଏହାର ଅନ୍ୟତମ ପ୍ରମୁଖ କାରଣ । ବିଜେପି ତରଫରୁ ବାରମ୍ବାର ଦାବୀ ପରେ ପୂର୍ବ ସରକାର ଚାପର ବଶବର୍ତ୍ତୀ ହୋଇ ଯେଉଁ ଓବିସି କମିଶନ ଗଠନ କରିଥିଲେ, କିନ୍ତୁ ତାଙ୍କୁ ସଂପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇନଥିଲା । ବଂଚିତ ଜାତି ବର୍ଗମାନଙ୍କୁ ଜାତୀୟ ପଛୁଆ ବର୍ଗ ତାଲିକାଭୁକ୍ତ କରିବା ପାଇଁ ବିଜେପି ଓବିସି ମୋର୍ଚ୍ଚା ତରଫରୁ ବାରମ୍ବାର କେନ୍ଦ୍ରୀୟ କମିଶନଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କିନ୍ତୁ ତତ୍କାଳୀନ ରାଜ୍ୟ ସରକାରାଙ୍କ ଚରମ ଉଦାସୀନତା କାରଣରୁ ଏହା କାର୍ଯ୍ୟକାରୀ ହୋଇପାରିନଥିଲା । ଏପରିକି ଅନ୍ୟ ରାଜ୍ୟମାନଙ୍କରେ ଶିକ୍ଷା କ୍ଷେତ୍ରରେ ନାମ ଲେଖା କ୍ଷେତ୍ରରେ ପଛୁଆବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ ପ୍ରାବଧାନ ଥିଲେ ମଧ ଓଡିଶାରେ ତାହା କାର୍ଯ୍ୟକାରୀ ହେଉନଥିଲା । ମାତ୍ର ୨୦୨୪ ମସିହାରେ ରାଜ୍ୟରେ ବିଜେପି ସରକାର ଶାସନକୁ ଆସିବା ପରେ ଶିକ୍ଷା କ୍ଷେତ୍ରରେ ପ୍ରଥମ ଥର ପାଇଁ ସଂରକ୍ଷଣ ପ୍ରଦାନ କରାଗଲା । ପଛୁଆ ବର୍ଗର ବିକାଶ ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏକ ଐତିହାସିକ ନିଷ୍ପତି ନେଇ ସାମାଜିକ ଓ ଆର୍ଥୀକ ଭାବେ ପଛୁଆ ବର୍ଗ (ଏସ୍ଇବିସି) ବର୍ଗର ଛାତ୍ରୀଛାତ୍ରୀଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି । । ପଛୁଆ ବର୍ଗର ବିକାଶ, ଡବଲ ଇଂଜିନ ସରକାରର ପ୍ରାଥମିକତା ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସୁରଥ ବିଶ୍ୱାଳ କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ; ଦେଶର ସାମଗ୍ରିକ, ସମନ୍ୱିତ ଓ ସନ୍ତୁଳିତ ବିକାଶକୁ ଦୃଷ୍ଟିରେ ରଖି ପଛୁଆବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ଅଧିକାର ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ଶ୍ରୀ ହଂସରାଜ ଗଙ୍ଗାରାମ ଅହିର ଆସନ୍ତା ୨୯ ତାରିଖ ଦିନ ଓଡିଶା ଗସ୍ତରେ ଆସୁଛନ୍ତି । ତାଙ୍କ ସହ କମିଶନ ସଦସ୍ୟ, ସଚିବ ଏବଂ କମିଶନରର ସମସ୍ତ ଅଧିକାରୀ ଉପସ୍ଥିତ ରହିବେ । ଏହି ଅବସରରେ କମିଶନ ଅଧ୍ୟକ୍ଷ ରାଜ୍ୟର ବିଭିନ୍ନ ଜାତିବର୍ଗଙ୍କଠାରୁ ସେମାନଙ୍କ ଦାବୀ ସଂପର୍କରେ ଶୁଣିବେ ଏବଂ ତଥ୍ୟ ସମ୍ବନ୍ଧିତ କାଗଜପତ୍ର ଗ୍ରହଣ କରିବେ । ତେଣୁ ଯେଉଁ ଜାତିବର୍ଗମାନେ ଏହି ସଂପର୍କରେ ସେମାନଙ୍କ ଦାବୀ ଜଣାଇବାକୁ ଆଗ୍ରହୀ, ସେମାନଙ୍କ ସମାଜର ପ୍ରତିନିଧିମାନେ ଆସନ୍ତା ୨୯ ତାରିଖ ଦିନ ପୂର୍ବାହ୍ନ ୧୧ ଘଟିକାରେ ରାଜ୍ୟ ଅତିଥି ଭବନଠାରେ ଉପସ୍ଥିତ ରହି କମିଶନଙ୍କ ନିକଟରେ ଦାବୀ ଉପସ୍ଥାପନ କରିବାକୁ ଶ୍ରୀ ବିଶ୍ୱାଳ ଅନୁରୋଧ କରିଛନ୍ତି ।

ଏହି ଅବସରରେ ରାଜ୍ୟ ମୁଖପାତ୍ର ଶ୍ରୀ ଅନୀଲ ବିଶ୍ୱାଳ, ରାଜ୍ୟ ଗଣମାଧମ ସଂଯୋଜକ ସୁଜିତ ଦାସ, ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିଲିକା ବୋଇତ ବନ୍ଦାଣ ମହୋତ୍ସବ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, ୨୬/୧୦ (ନି.ପ୍ର): ରବିବାର ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମିଳନୀ କକ୍ଷରେ ଚିଲିକା ବୋଇତ ବନ୍ଦାଣ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରା, ଐତିହ୍ୟ, ବୈଭବ ଓ ମରାଳ ମାଳିନୀ ନିଳାମ୍ବୁ ଚିଲିକାର ସମୃଦ୍ଧିଶାଳୀ ସାଂସ୍କୃତିକ ଚେତନାକୁ ପ୍ରତିଟି ବୀର ଓଡ଼ିଆଙ୍କ ହୃଦୟରେ ଉଜ୍ଜୀବିତ କରିବା ଉଦ୍ଦେଶରେ ଆସନ୍ତା ୪ ଓ ୫ ତାରିଖରେ ଦୁଇଦିନ ଧରି ବୋଇତ ବନ୍ଦାଣ ମହୋତ୍ସବ ଚିଲିକା କୂଳରେ ସୁରୁଖୁରୁରେ ପାଳନ କରାଯିବ । ଦୀର୍ଘ ୩୫ ବର୍ଷ ଧରି ପାଳିତ ହେଇଆସୁଥିବା ଐତିହ୍ୟ ମହୋତ୍ସବକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବାସହ ସଫଳ ରୂପାୟନ ପାଇଁ ଆଲୋଚନା କରାଯାଇଥିଲା । ବାଲୁଗାଁ ଏନଏସି ଓ ମତ୍ସ୍ୟଜୀବୀ ସଂଘ ସହଯୋଗରେ ଆୟୋଜିତ ବୋଇତ ବନ୍ଦାଣ ମହୋତ୍ସବରେ ବିଭିନ୍ନ ମହଲରୁ ସହଯୋଗ କରିବାକୁ ସହମତି ପ୍ରକାଶ ପାଇଥିଲା । ଏନଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଲୁଗାଁ ଏନଏସି ଉପାଧ୍ୟକ୍ଷ ଭଗବାନ ପ୍ରଧାନ, ସମସ୍ତ କାଉନସିଲର, ଚିଲିକା ବିଡ଼ିଓ ପୁନମ ମହାପାତ୍ର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସଞ୍ଜୟ କୁମାର ପଟ୍ଟନାୟକ, ବାଲୁଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ବିଭିନ୍ନ ସଙ୍ଘ ଓ ଅନୁଷ୍ଠାନର କର୍ମକର୍ତ୍ତା, ମୋଟର ବୋଟ ସଙ୍ଘ ସଭାପତି, ସମ୍ବାଦକଙ୍କ ସମେତ ବୁଦ୍ଧିଜୀବୀ, ସମାଜସେବୀ, ସିଡିଏ କର୍ମଚାରୀ, ପୋଲିସ ପ୍ରଶାସନ, ଅଗ୍ନିଶମ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ, ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଗୋହତ୍ୟା, ଇସ୍କନର ଅଦିନିଆ ରଥଯାତ୍ରା ଓ ପାଂଜିରେ ରହୁଥିବା ବିଭ୍ରାନ୍ତିକର ତିଥିକୁ ନେଇ ଚିନ୍ତା ପ୍ରକଟ କଲେ ଜଗଦଗୁରୁ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ସନାତନ ଧର୍ମର ସର୍ବୋଚ୍ଚ ଧର୍ମଗୁରୁ ଗୋବର୍ଦ୍ଧନ 10 ପୁରୀ ପୀଠାଧିଶ୍ୱର ଶ୍ରୀମଦ ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମତ ରଖିଛନ୍ତି । ଗୋ ହତ୍ୟା ପ୍ରସଙ୍ଗରେ କେନ୍ଦ୍ର ବିଜେପି ସରକାରକୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେତେବେଳେ ଗୁଜୁରାଟରେ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀ ଥିଲେ ସେତେବେଳେ ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିଲେ । ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ଗୋ ହତ୍ୟା ରୋକିବାକୁ ନାରା ଦେଇଥିଲେ । ବିଜେପି ବିରୋଧୀ ଦଳର ଭୂମିକାରେ ଥିଲା । ସେତେବେଳେ ଗୋ ହତ୍ୟା ରୋକିବାକୁ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଙ୍କୁ ଚା କାଇଥିଲେ । କିନ୍ତୁ ଏବେ ତାଙ୍କ କଥା ପ୍ରଧାନମନ୍ତ୍ରୀଙ୍କୁ ଖରା ଲାଗିପାରେ କିନ୍ତୁ ସତ କଥା ହେଉଛି ଏ ସରକାର ବି ଗୋ ହତ୍ୟାକରୀଙ୍କୁ ସପୋର୍ଟ କରୁଛନ୍ତି । ବାହାର ଦେଶକୁ ଗାଇ ଗୋରୁ ପଠାଉଛନ୍ତି କହି କଡ଼ା ସମାଲୋଚନା କରିଛନ୍ତି । ଇସ୍କନ ଅଦିନିଆ ରଥ ଯାତ୍ରା ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି । କହିଛନ୍ତି ଇସ୍କନକୁ ପ୍ରଥମେ ପ୍ରଶୟ ଦିଆଗଲା । ତେଣୁ ସେମାନେ ଏବେ ମୁଣ୍ଡରେ ବସିଛନ୍ତି । ପ୍ରଥମେ ପ୍ରଶଂସା କରାଯାଉଥିଲା । ଆଜି ତାର ପରିଣାମ ଦେଖିବାକୁ ମିଳୁଛି । ଏହାର ପ୍ରତିକାର ବି କରାଯିବା ଉଚିତ୍ ବୋଲି କହିଛନ୍ତି । ସେହିପରି ସୂର୍ଯ୍ୟୋପରାଗ ସମୟରେ ଶ୍ରୀମନ୍ଦିର ଖୋଲା ରହିବା ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମନ୍ଦିର ପ୍ରଶାସନ ମାନୁନଥିବା କହିଛନ୍ତି । ମନ୍ଦିର ତରଫରୁ କେହି ପରାମର୍ଶ ନେବାକୁ ତାଙ୍କ ପାଖକୁ ଆସୁନାହାଁନ୍ତି ବୋଲି କହିଛନ୍ତି । ଅନ୍ୟପଟେ ପାଞ୍ଜିରେ ରହୁଥିବା ବିଭ୍ରାନ୍ତିକର ତିଥିକୁ ନେଇ ମଧ ଚିନ୍ତା ପ୍ରକଟ କରିଛନ୍ତି । କହିଛନ୍ତି, ଜ୍ୟୋତିଷ ବି ବେଦର ଅଙ୍ଗ । ଏହାର ଗୁରୁତ୍ୱ ଅଛି । କିନ୍ତୁ କିଛି ଜ୍ୟୋତିଷ ବି ବାହାରୁ ଦେଶରୁ ଥାଇ ପାଞ୍ଜି ତିଆରି କରୁଛନ୍ତି । ଯେଉଁଥିପାଇଁ ଅସୁବିଧା ସୃଷ୍ଟି ହେଉଛି ବୋଲି ମତ ରଖିଛନ୍ତି । ଏହାଛଡା ଶହ ଶହ ବର୍ଷ ଧରି ଅନ୍ୟ ଧର୍ମର ଚାପରେ ନପଡ଼ି ଓ କଠିନ ପରିସ୍ଥିତିରେ ହିନ୍ଦୁ ଧର୍ମକୁ ବଦଳେଇ ନାହାଁନ୍ତି ତାଙ୍କୁ ଧନ୍ୟବାଦ୍ ଦେଇଛନ୍ତି । ହିନ୍ଦୁ ରାଷ୍ଟ୍ର କେବେ ହେବ ପ୍ରଶ୍ନର ଉତ୍ତର ରେ କହିଛନ୍ତି ଯେ ଭାରତ ନିର୍ଶ୍ଚିତ ହିନ୍ଦୁରାଷ୍ଟ୍ର ହେବ । ସମସ୍ତ ସନାତନିଙ୍କ ସହଯୋଗ ଆବଶ୍ୟକ ଅଛି ବୋଲି କହିଛନ୍ତି ।

# ରାଜ୍ୟରେ ସାଇବର ସୁରକ୍ଷା ସମ୍ପର୍କରେ ସଚେତନତା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ପରିକ୍ରମା କଲା ୧୬ଟି ରଥ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ରାଜ୍ୟରେ ସାଇବର ସୁରକ୍ଷା ସମ୍ପର୍କରେ ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଓଡ଼ିଶା ପୋଲିସର ୧୬ଟି ସାଇବର ରଥ ରାଜ୍ୟର ବିଭିନ୍ନ ସହରାଂଚଳ ଓ ଗ୍ରାମାଂଚଳରେ ପରିକ୍ରମା କରୁଛି । ଏହି ରଥରେ ଖଚିତ ଏଲଇଡି ପ୍ୟାନେଲ୍ ରେ ପ୍ରଦର୍ଶିତ ହେଉଥିବା ଭିଡିଓ ବାର୍ତ୍ତାକୁ ଜନସାଧାରଣ ବିଶେଷ କରି ଛାତ୍ର ଛାତ୍ରୀମାନଙ୍କୁ ଆକର୍ଷିତ କରିବା ସହ ସେମାନଙ୍କ ମନରେ ସାଇବର ସୁରକ୍ଷା ପ୍ରତି ବଢୁଥିବା ସଚେତନତା ଏବଂ ଆଗ୍ରହ ସ୍ପଷ୍ଟ ଭାବେ ପରିଲକ୍ଷିତ ହେଉଛି । ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ରାଲି, ସେମିନାର, କର୍ମଶାଳା ଏବଂ ସାଧାରଣ ସଭା ସମେତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ୨.୫ ଲକ୍ଷରୁ ଅଧିକ ସାଧାରଣ ନାଗରିକ ସକ୍ରିୟ ଭାବେ ଅଂଶଗ୍ରହଣ କରି ସାଇବର ସୁରକ୍ଷା କ୍ଷେତ୍ରରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଗତ ଅକ୍ଟୋବର ୧୮, ୨୦୨୫ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଥିଲା । ଏଥିରେ ୧୬ଟି ସାଇବର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । ଏହି ଅଭିଯାନରେ ଓଡ଼ିଶାର ୩୩ଟି ପୋଲିସ୍ ଜିଲ୍ଲା ସକ୍ରିୟ ଭାବେ ସାମିଲ ହୋଇ ଉଭୟ ସହରାଂଚଳ ଓ ଗ୍ରାମାଂଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ବିଭିନ୍ନ ଜିଲ୍ଲାମାନଙ୍କରେ ୫୦ରୁ ଅଧିକ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ସଚେତନତା କର୍ମଶାଳା ଆୟୋଜନ କରାଯାଇଛି । ଏଥି ସହିତ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ସାଇବର ସଚେତନତା ସମ୍ବଳିତ ପାମ୍ପଲେଟ୍ ବଂଟନ କରାଯାଇଛି ଏବଂ ଏଲଇଡି ପ୍ୟାନେଲ୍ ମାଧ୍ୟମରେ ସାଇବର ସୁରକ୍ଷା ସମ୍ପର୍କିତ ଭିଡିଓ ପ୍ରଦର୍ଶିତ ହେଉଛି । ପୁରୀ ଜିଲ୍ଲା ପୋଲିସ ତରଫରୁ ସାଇବର ସଚେତନତା ପ୍ରସାର ପାଇଁ ଏକ ଗବକ୍ଷଲବଶ୍ରୁଷକ୍ଟଭ ର ଆୟୋଜନ କରାଯାଇଥିବାବେଳେ ଏଥିରେ ହଜାର ହଜାର ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ । ସେହିପରି ମୟୂରଭଞ୍ଜ ଜିଲ୍ଲାରେ ସାଇବର ସୁରକ୍ଷା ସମ୍ପର୍କରେ ଏକ ବିଶାଳ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ସ୍ଥାନୀୟ କଳାକାରଙ୍କ ସହଯୋଗରେ ସାଇବର ସୁରକ୍ଷା ସମ୍ପର୍କିତ ପଥପ୍ରାନ୍ତ ନାଟକ ପରିବେଷଣ କରଯାଇଥିଲା ଯାହାକୁ ଦର୍ଶକ ମାନେ ଆଗ୍ରହର ସହ ଉପଭୋଗ କରିବା ସହ ସାଇବର ସୁରକ୍ଷା ସମ୍ପର୍କିତ ସଚେତନ ହୋଇଥିବା ପରିଲକ୍ଷିତ ହୋଇଥିଲା । ବାଲେଶ୍ୱର ଜିଲ୍ଲାରେ ଆୟୋଜିତ ହୋଇଥିବା ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସର୍ବାଧିକ ୨୦ ହଜାରରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହୋଇଥିବା ବେଳେ କଳାହାଣ୍ଡିରେ ୧୫ ହଜାରରୁ ଅଧିକ ଏବଂ ସମ୍ବଲପୁରରେ ୧୨ ହଜାରରୁ ଅଧିକ ନାଗରିକ ସାମିଲ ହୋଇ ସାଇବର ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ସହ ପୋଲିସର ଭୂମିକାକୁ ପ୍ରଶଂଶା କରିଥିଲେ ।

# ଗୋଦାବରୀଶ ସାହିତ୍ୟ ସଂସଦର ୬୮ତମ ବାର୍ଷିକୋତ୍ସବ ଓ ପଣ୍ଡିତ ଗୋଦାବରୀଶଙ୍କ ଜୟନ୍ତୀ ସମାରୋହ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ରାଜଧାନୀର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ ଗୋଦାବରୀଶ ସାହିତ୍ୟ ସଂସଦର ୬୮ତମ ବାର୍ଷିକ ଉତ୍ସବ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୮ତମ ଜୟନ୍ତୀ ଉତ୍ସବ ଅକ୍ଟୋବର ୨୬ ତାରିଖ ପୂର୍ବାହ୍ନରେ ଗୀତ ଗୋବିନ୍ଦ ସଦନରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅତିଥିମାନେ ଶ୍ରୀଜଗନ୍ନାଥ ଓ ପଣ୍ଡିତ ଗୋଦାବରୀଶଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳ କରିବା ପରେ ପାରମ୍ଭିକ ସଂଗୀତ 'ତୁଙ୍ଗ ଶିଖରୀ ଚୂଳ' ଗାନ କରାଯାଇଥିଲା । ସଂସଦର ବରିଷ୍ଠ ସଭ୍ୟ ପ୍ରଫେସର ଡକ୍ଟର ଉପେନ୍ଦ୍ର ପ୍ରସାଦ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂସଦର ସଂପାଦକ ଡକ୍ଟର ରାମଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପାଠ କରିବା ପରେ ସଂସଦର ମୁଖପତ୍ର 'ମୂର୍ଚ୍ଛନା-୨୦୨୫' ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ 'ଭିନ୍ନ ଦୃଷ୍ଟି ଭିନ୍ନ ଦିଗନ୍ତ' ଓ ଶ୍ରୀ କାଳନ୍ଦୀ ଚନ୍ଦ୍ର ଭଞ୍ଜଙ୍କର 'ମଧୁମତି' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ସ୍ୱନାମଧନ୍ୟ କବି ଡକ୍ଟର ଫନୀ ମହାଂତିଙ୍କୁ ଏ ବର୍ଷର ମର୍ଯ୍ୟାଦାଜନକ 'ଗୋଦାବରୀଶ ସମ୍ମାନ' ପ୍ରଦାନ କରାଯିବା ସହ କବିତା, ଗଳ୍ପ, ପ୍ରବନ୍ଧ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ କୃପାସାଗର ସାହୁ, ଶ୍ରୀ ଅଶ୍ୱିନୀ କୁମାର ମିଶ୍ର, ପ୍ରଫେସର ଶରତ ଚନ୍ଦ୍ର ରଥ, ଶ୍ରୀମତୀ ଇନ୍ଦିରା ଦାଶ, ଶ୍ରୀମତୀ ଅନିତା ରାୟ, ଶ୍ରୀ ପ୍ରିୟ ରଂଜନ ସାହୁ, ଓ ରାଉତରାୟ ମିନତି ଲେଙ୍କାଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଗୋଦାବରୀଶଙ୍କ କାବ୍ୟାଦର୍ଶ ସଂପର୍କରେ ତାଙ୍କର ସୁଚିନ୍ତିତ ମତ ପ୍ରଦାନ କରିଥିବାବେଳେ ସମ୍ମାନିତ ଅତିଥି ଡକ୍ଟର ସଙ୍ଘମିତ୍ରା ମିଶ୍ର ଗୋଦାବରୀଶ ସାହିତ୍ୟ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଡକ୍ଟର ମୃତ୍ୟୁଞ୍ଜୟ ରଥ ଗୋଦାବରୀଶଙ୍କ ସାମଗ୍ରିକ କୃତି, ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ପଣ୍ଡିତ ଗୋଦାବରୀଶଙ୍କ ସ୍ଥାନ ସଂପର୍କରେ ସାରଗର୍ଭକ ଭାଷଣ ଦେବା ସହ ଗୋଦାବରୀଶ ସାହିତ୍ୟ ସଂସଦର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ମର୍ଯ୍ୟାଦାବନ୍ତ ଗୋଦାବରୀଶ ସମ୍ମାନରେ ସମ୍ମାନିତ ଡକ୍ଟର ଫନୀ ମହାଂତି ତାଙ୍କ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂସଦର ସଭାପତି ଶ୍ରୀରାଧାମୋହନ ମହାପାତ୍ର ଏହି ସଭାରେ ସଭାପତିତ୍ୱ କରି ତାଙ୍କର ଅଭିଭାଷଣ ଦେବାପରେ ସଂସଦର ଯୁଗ୍ମ ସଂପାଦକ ଶ୍ରୀ ମହିମାପ୍ରସାଦ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ସଂସଦର କୋଷାଧ୍ୟକ୍ଷ ଶ୍ରୀ ଦେବେନ୍ଦ୍ର କୁମାର ଦାସଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ସମାରୋହରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସାହିତ୍ୟିକ ଓ ସାହିତ୍ୟାନୁରାଗୀ ଯୋଗ ଦେଇଥିଲେ । ସାହିତ୍ୟ ସଭା ଆରମ୍ଭ ପୂର୍ବରୁ କବିତା ପାଠୋତ୍ସବର ଆୟୋଜନ ହୋଇଥିଲା । ଏଥିରେ ଅତିଥି ଭାବେ ଶ୍ରୀ ଲାବଣ୍ୟ ଶବର ଓ ଶ୍ରୀ ଖଗେଶ୍ୱର ମହାତାବ ଯୋଗଦେଇଥିଲେ । ଶ୍ରୀମତୀ ଚମକ ଚାନ୍ଦିନୀ ଦାଶ ଓ ସନ୍ଧ୍ୟାରାଣୀ ପୃଷ୍ଟିଙ୍କ ସଂଯୋଜନାରେ ବହୁ କବି ସେମାନଙ୍କ କବିତା ପାଠ କରିଥିଲେ ।

# ଶଶୁର ଘରକୁ ଆସି ନିଖୋଜ ଯୁବକର ମୃତଦେହ କେନାଲରୁ ଉଦ୍ଧାର

ଧର୍ମଶାଳା, ୨୭/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ କାଏମା ଅରଖପଦା ନିକଟରେ ଥିବା ୧୪ ନମ୍ବର କେନାଲରୁ ପୁଲିସ ଆଜି ଏଜଣେ ଯୁବକର ମୃତ ଦେହକୁ ଉଦ୍ଧାର କରିଛି । ମୃତକ ଜଣଙ୍କ କୁଆଖିଆ ଥାନା ଅନ୍ତର୍ଗତ ଜାବରା ଗ୍ରାମର ସୁଦର୍ଶନ ବାରିକଙ୍କ ପୁଅ ସୁନାକର ବାରିକ (୪୫) ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଧର୍ମଶାଳା ଥାନା ଅନ୍ତର୍ଗତ ଚୋରମୁହାଁ ଗ୍ରାମସ୍ଥିତ ଶଶୁର ଘରକୁ ସୁନାକର ଗତକାଲି ନିଜ ପରିବାର ସହ ଆସିଥିଲେ । ଶଶୁର ଘରେ ପୂଜା ବସିଥିବାରୁ ମଧ୍ୟାହ୍ନ ଭୋଜନ କରି ଅପରାହ୍ନ ସମୟରେ ତାଙ୍କ ପୁଅର ଔଷଧ ଆଣିବା ପାଇଁ ମିର୍ଜାପୁର ଯାଉଥିବା କହି ଗତ କାଲି ଅପରହ୍ନରେ ଶ୍ୱଶୁର ଘରୁ ବାଇକରେ ଯାଇଥିଲେ । ହେଲେ ରାତିରେ ସେ ଆଉ ନଫେରିବାରୁ ଶ୍ୱଶୁରଘର ଲୋକେ ତାଙ୍କୁ ଫୋନ କରିବାରୁ ମୋବାଲ ବନ୍ଦଥିବା ଜଣାପଡିଥିଲା । ପରେ ଶ୍ୱଶୁରଘର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କର କୌଣସି ଖୋଜଖବର ପାଇନଥିଲେ । ହେଲେ ଆଜି ସକାଳୁ କେନାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ବେଳେ ସେଠାରେ ଏକ ବାଇକ ମଧ ପାଣିରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଜଣାଇଥିଲେ । ଖବର ପାଇ ଶ୍ୱଶୁରଘର ଲୋକେ ସେଠାରେ ପହଁଚି ମୃତଦେହକୁ ଚିହ୍ନଟ କରିବା ସହ ତାଙ୍କ ଘରକୁ ଜଣାଇ ବାକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା ଥାନାରେ ଲିଖିତ ଭାବେ ଜଣାଇଥିଲେ । ଏନେଇ ପୁଲିସ ୬୭୦/୨୫ରେ ଏକ ମାମଲା ରୁଜୁ କରି ମୃତଦେହକୁ ପାଣିରୁ ଉଦ୍ଧାର କରିବା ସହ ବାଇକକୁ ଉଦ୍ଧାର କରିଛି । ପୁଲିସ ଆଜି ମୃତଦେହକୁ ଧର୍ମଶାଳା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ତେବେ ଗତକାଲି ରାତିରେ ସେ ମିର୍ଜାପୁର ଅଂଚଳରୁ ଘରକୁ ଫେରୁଥିବା ବେଳେ କୌଣସି କାରଣ ବସତ ବାଇକରେ ଭାରସାମ୍ୟ ହରାଇ କେନାଲ ବିତରକୁ ପସିଯାଇ ମୃତ୍ୟୁ ମୁଖରେ ପଡିଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି । ତେବେ ଏନେଇ ଧର୍ମଶାଳା ପୁଲିସ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥିବା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି ।

# ବାଲିଆପାଳରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ବାଲିଆପାଳ , ୨୭/୧୦ (ନି.ପ୍ର): ସୁରଭି ପ୍ରତିଭା ଅନ୍ୱେଷଣ,କଳା ଓ ସଂସ୍କୃତିର ଅନନ୍ୟ କାର୍ଯ୍ୟକ୍ରମ ବୋଲି ବାଲିଆପାଳ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସ କହିଛନ୍ତି। ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ବାଲିଆପାଳ ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଓଷ୍ଟା ଶିକ୍ଷକ ସଂଘ ଜିଲ୍ଲା ସମ୍ପାଦକ ବିଜୟ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ସୁରଭି ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଆଗକୁ ଆସିବାରେ ସାହାଯ୍ୟ କରିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନମିତା ପ୍ରଭା ସାମଲ ଯୋଗଦେଇ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଭାତ ରଞ୍ଜନ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିବେକାନନ୍ଦ ଜେନା, ସିମୁଳିଆ କ୍ଲଷ୍ଟର ସିଆରସିସି ଯଶୋବନ୍ତ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ୧୭ଟି କ୍ଲଷ୍ଟରରୁ ୧୨ଟି ବିଭାଗରେ ୪୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବ୍ଲକ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ତେବେ ଏହି ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ସର୍ବାଧିକ ସଫଳତା ଅର୍ଜନ କରିଥିବା ଦେଖାଯାଇଥିଲା। ସେହିପରି ସଂଧ୍ୟାରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ସାମ୍ବାଦିକ ଅଜୟ କୁମାର ସାହୁ, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଓଷ୍ଟା ଶିକ୍ଷକ ସଂଘ ବ୍ଲକ ସମ୍ପାଦକ ବିନୋଦ କୁମାର ଜେନା,ଉପସଭାପତି ସମରଞ୍ଜନ ଜେନା, ଶିକ୍ଷକ ସମନ୍ୱୟ ସମିତି ସଭାପତି ବିଶ୍ୱମ୍ଭର ପାତ୍ର ପ୍ରମୁଖ ଯୋଗଦେଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ନିତାଇ ଚରଣ ରାଉଳ, ପୁର୍ଣ୍ଣେନ୍ଦୁ ଦାସ, ସୁବାସ ଚନ୍ଦ୍ର ଭଞ୍ଜ,ଗଣେଶ କିଙ୍କର ଆଚାର୍ଯ୍ୟ, ଶୁକଦେବ ମହାନ୍ତି,ଡ ରଶ୍ମିତା ପାଣିଗ୍ରାହୀ, ଜୟନ୍ତୀ ସାହୁ,ବ୍ୟୋମକେଶ ସାହୁ, ଅଭିମନ୍ୟୁ ପାତ୍ର,ଗଣେଶ ଦେ, ପୂର୍ବତନ ସିଆର ସିସି ଅଶୋକ କୁମାର ଗିରି,ସୁଶାନ୍ତ ଗିରି,ତଥା ସିଆର ସିସି, ପ୍ରଦୀପ୍ତ ପାତ୍ର,ବିଭିନ୍ନ ଶିକ୍ଷକ ସଂଘ ର ନେତୃମଣ୍ଡଳୀ, ସମସ୍ତ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ସହଯୋଗ କରିଥିଲେ। ହରପ୍ରସାଦ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀକାନ୍ତ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ସୋର-କୁପାରୀ ରାସ୍ତା ମରାମତିରେ ଦେଢକୋଟିର ମହାଘୋଟାଲା

## ଭିଜିଲାନ୍ସ ତଦନ୍ତ ଦାବି କଲେ ଯାତ୍ରୀ, ରାଜନୈତିକ ସଙ୍ଗଠନର ନେତୃବୃନ୍ଦ




ଖଇରା, ୨୭/୧୦ (ନି.ପ୍ର): ବାଲେଶ୍ୱର ଜିଲା କୁ କେନ୍ଦୁଝର, ଭଦ୍ରକ ଓ ମୟୁରଭଞ୍ଜ ଜିଲାକୁ ସଂଯୋଗ କରୁଥିବା ସୋର-କୁପାରୀ ରାଜ୍ୟ ରାଜପଥରେ ମରାମତି ନାମରେ ଦେଢ କୋଟି ଟଙ୍କା ହଡପ ପାଇଁ ଉଦ୍ୟମ କରାଯାଉଥିବା ନେଇ ଅଭିଯୋଗ ହେଇଛି । ଏଥିରେ ସଂପୃକ୍ତ ଥିବା କନିଷ୍ଠ ଯନ୍ତ୍ରୀ ବଦଳୀ ହୋଇ ଯାଇଥିବା ବେଳେ ସହକାରୀ ଯନ୍ତ୍ରୀ ଛୁଟିରେ ରହିବାରେ ଏଭଳି ଅଭିଯୋଗକୁ ସତ୍ୟତାରେ ପରିଣତ କରିଛି । ନୂତନ ଭାବେ ଯୋଗ ଦେଇଥିବା ସହକାରୀ ଓ କନିଷ୍ଠ ଯନ୍ତ୍ରୀ କିଛି ଜାଣିନଥିବା କହି ଦୁର୍ନିତିକୁ ଏଡାଇ ଯିବାକୁ ଚେଷ୍ଟା କରିଛନ୍ତି । ଭିଜିଲାନ୍ସ ତଦନ୍ତ ଲାଗି ବିଭିନ୍ନ ରାଜନୈତିକ,ସ୍ୱେଚ୍ଛାସେବୀ ସଙ୍ଗଠନ ତଥା ଏହି ରାସ୍ତାରେ ଯାଉଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି । ସୋର-କୁପାରୀ ରାସ୍ତାର ଉନ୍ନତିକରଣ ପାଇଁ ପାଖାପାଖି ୧୫କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଯିବା ପରେ ଟେଣ୍ଡରପରେ ଠିକାଦାରଙ୍କ ସହ ଚୁକ୍ତିପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ହୋଇଛି । ଏହି ସମୟରେ ମରାମତି ନାମରେ ୩୦ରୁ ଅଧିକ ଛୋଟ କଣ୍ଟ୍ରାକ୍ଟରଙ୍କୁ ୫ଲକ୍ଷ ଟଙ୍କା କରି ମରାମତି ଦାୟିତ୍ୱ ଦିଆଯାଇଛି । ନିୟମ ଅନୁଯାୟୀ ୫ଲକ୍ଷ ଟଙ୍କାରୁ ଅଧିକ ଅର୍ଥର କାର୍ଯ୍ୟପାଇଁ ଟେଣ୍ଡର ପ୍ରକ୍ରିୟାର ଆବଶ୍ୟକା ଅଛି । ଏଣୁ ଅର୍ଥ ହେରଫେର ପାଇଁ ୨୯ କିମି ରାସ୍ତା ପାଇଁ ୩୦ଜଣଙ୍କୁ ମରାମତି କାମ ଦିଆଯାଇଥିବା ଆଲୋଚନା ହେଉଛି । ଏହି କାମ ମଧ୍ୟ ନାମକୁ ମାତ୍ର ଚାଲିଛି । କାରଣ ମରାମତି ନସରଣୁ ପିଚୁ ରାସ୍ତାରୁ ଉଠିବା ନେଇ ଯାତ୍ରୀ ମାନେ ଅଭିଯୋଗ କରିଛନ୍ତି । ତେବେ ଆଉ ଅଳ୍ପ ଦିନ ବ୍ୟବଧାନରେ ଟେଣ୍ଡର କାମ ଆରମ୍ଭ ହେବାର ଥିବା ରୁ ଏଭଳି ମରାମତି କାମ ଉପରେ ପୁଣି ଥରେ ନୂଆକାମ ହେବ ଏବଂ ଠିକାଦାର ପୁଣିଥରେ ଏହା ଉପରେ ଦ୍ୱିତୀୟ ଥର ବିଲ ଉଠାଇବା ନେଇ ମ ମଧ୍ୟ ଚର୍ଚ୍ଚା ହେଉଚ୍ଛି । ଏଣୁ ପୁର୍ତ୍ତ ବିଭାଗ,ଟେଣ୍ଡର ନେଇଥିବା ଓ ମରାମତି କରୁଥିବା ଠିକାଦାର ଏବଂ ସର୍ବୋପରି କିଛି ରାଜନେତାଙ୍କ ମିଳିତ ପ୍ରୟାସରେ ଏଭଳି ଦୁର୍ନିତିର ନକ୍ସା ପ୍ରସ୍ତୁତ ହୋଇଛି । ଏବଂ ଏଭଳି ଢଙ୍ଗରେ ସବୁକିଛି ଯୋଜନା ପ୍ରସ୍ତୁତ କରାଯାଇଛି ଯେଭଳି କାହାରି ଦୃଷ୍ଟିଗୋଚର ହେବ ନାହିଁ । ବିଲପାଇଁ ପଛୁଆ ତାରିଖକୁ ଅଧିକାରୀ ମାନେ ବ୍ୟବହାର କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଛି । ଏବେ ମରାମତି ପୁର୍ବରୁ ଉଚ୍ଚସ୍ତରୀୟ କିମ୍ବା ଭିଜିଲାନ୍ସ ତଦନ୍ତ କରାଗଲେ ମହାଦୁର୍ନିତିକୁ ରୋକାଯାଇ ପାରନ୍ତା ବୋଲି ସିମୁଳିଆ ନିର୍ବାଚନ ମଣ୍ଡଳି ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା କହିଛନ୍ତି । ଏଭଳି ମରାମତି ନାମରେ ଆର୍ଥୀକ ଅନିମିତତା ବାଟ ପରିସ୍କାର ହୋଇ ଯାଇଛି । ଖୁବଶୀଘ୍ର ଏହା ବିରୋଧରେ ବିଜେଡି କର୍ମୀଙ୍କୁ ନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି । ଏ ଭଳି ଦୁର୍ନିତି ଅଭିଯୋଗ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଶ୍ରୀନିବାସ ଜେନାଙ୍କ ପ୍ରତିକ୍ରିୟା ନେବାରେ ରାସ୍ତା ଅତ୍ୟନ୍ତ ଖରାପ ହୋଇ ପଡିଥିବାରୁ ବିଧାୟକଙ୍କ ଅନୁରୋଧ କ୍ରମେ ସ୍ୱତନ୍ତ୍ର ଭାବେ ମୁଖ୍ୟଯନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଏହି ମରାମତି କାମ ହେଉଥିବା କଥା ଜାଣିଛନ୍ତି । ସେ ନୁତନ ଭାବେ ଯୋଗ ଦେଇଥିବାରୁ ଏହା ଠାରୁ ଅଧିକ କିଛି ଜାଣିନଥିବା କହିଛନ୍ତି ।

# ମହୋତ୍ସବ ସମସ୍ତଙ୍କ ମଧ୍ୟରେ ସମ୍ପର୍କ ଯୋଡେ, ନିବିଡତା ସୃଷ୍ଟି କରେ




ଜଳେଶ୍ୱର, ୨୭/୧୦ (ନି.ପ୍ର): ବାସ୍ତବରେ ଗାଁ ହେଉଛି ପୁରାତନ କଳା, ସଂସ୍କୃତି ଓ ପରମ୍ପରାର କେନ୍ଦ୍ରସ୍ଥଳ। ଯାହାକି ବ୍ୟକ୍ତିଗତ ପ୍ରତିଭା ତଥା ଗୁଣାବଳୀର ବିକାଶରେ ସହାୟକ ହୋଇଥାଏ। ସାଧାରଣତଃ ପ୍ରତ୍ୟେକଙ୍କ ଜ୍ଞାତସାରରେ ଏହି ଭାବନା ହିଁ ରହିଛି ଯେ ଗାଁରେ କେବଳ ଆଦିବାସୀ ଗରିବ ଓ ଅଭାବୀ ଲୋକମାନେ ବାସ କରନ୍ତି ଯେଉଁମାନେ କି ଖଟିଖିଆ ଓ ମୂଲିଆ ଶ୍ରେଣୀର। କଠିନ ପରିଶ୍ରମ କରି ସ୍ୱଳ୍ପ ରୋଜଗାରରେ ନିଜର ତଥା ପରିବାରର ଗୁଜୁରାଣ ମେଣ୍ଟାଇବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼େ। ଏଥିପାଇଁ ବ୍ୟବସ୍ଥିତ ବିକଳ୍ପ ପନ୍ଥା ଥିଲେ ମଧ ତା'କୁ କେବେ ବି ସେମାନେ ଆଦରି ନିଅନ୍ତି ନାହିଁ। କିନ୍ତୁ ଏହି ଆଦିବାସୀ ମହୋତ୍ସବ କରି ଦେଖେଇ ଦେଇଛନ୍ତି ଜଳେଶ୍ୱର ଅଞ୍ଚଳର ଆଦିବାସୀ ଭାଇ ଭଉଣୀ ମାନେ। ତେଣୁ ମହୋତ୍ସବ ସମସ୍ତଙ୍କ ମଧ୍ୟରେ ସମ୍ପର୍କ ଯୋଡେ। ନିବିଡତା ସୃଷ୍ଟି କରେ। ଆଗକୁ ବଢିବା ପାଇଁ ପ୍ରେରଣା ଦିଏ।ମହୋତ୍ସବ ମାଧ୍ୟମରେ ଗୋଟିଏ ଅଞ୍ଚଳର ସାମଗ୍ରିକ ବିକାଶ ସମ୍ଭବ ହୋଇଥାଏ। ପ୍ରାକୃତିକ ଉପାଦାନ ଗୁଡ଼ିକ ଆଜି ଆଧୁନିକତା ଓ ବିକାଶର ସ୍ପର୍ଶରେ ପ୍ରଦୂଷିତ ହୋଇସାରି ଥିବାରୁ ଆଦିବାସୀ ସଂସ୍କୃତିର ସମୃଦ୍ଧି, ବିବିଧତା ଏବଂ ମୌଳିକତା କ୍ଷୁଣ୍ଣ ହେବାରେ ଲାଗିଛି ବୋଲି ଜଳେଶ୍ୱର ଆଦିବାସୀ ମହୋତ୍ସବର ଉଦଘାଟନୀ ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବନ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରାକ୍ତନ ସାଂସଦ ରବିନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ତଥା ଉଦ୍ଘାଟକ ଓ ମୁଖ୍ୟ ବକ୍ତା ତହସିଲଦାର ସତ୍ୟଜିତ ମହାନ୍ତି ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।କାଉନସିଲର ଗୋବିନ୍ଦ ଚନ୍ଦ୍ର ସାହୁ, କମିଟିର ସଭାପତି ଗୀତା ହାସଦା, ଉପସଭାପତି ମାଇନ ମୁର୍ମୁ, ସମ୍ପାଦିକା ଗୀତା ମୁର୍ମୁ, ସହସମ୍ପାଦିକା ଲକ୍ଷ୍ମୀରାଣୀ ଟୁଡୁ, କୋଷାଧ୍ୟକ୍ଷା ଛିତା ମୁର୍ମୁ,ସହ କୋଷାଧ୍ୟକ୍ଷା ପାନ ହାସଦା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ପ୍ରାକ୍ତନ ସୈନିକ ରତ୍ନାକର ହାସଦା,ସୁନାଇ ହେମ୍ବ୍ରମ,ରଘୁ ମୁର୍ମୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ନେତା ସୁକୁମାର ମିଶ୍ର ମଞ୍ଚ ଆହ୍ୱାନ ବେଦପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ କରତକଲ ଉପରେ ଚଢ଼ାଉ

ନୀଳଗିରି , ୨୭/୧୦ (ନି.ପ୍ର): ଉଭୟ ବାଲେଶ୍ୱର ଏବଂ ମୟୂରଭଞ୍ଜ ବନଖଣ୍ଡ ଅଧିନସ୍ଥ ବନବିଭାଗର କର୍ମଚାରୀ ଏକ ବେଆଇନ କରତକଳ ଉପରେ ଚଢ଼ାଉକରିବା ସହିତ ମିଲଟିକୁ ବୁଲଡ୍ରୋଜର ଯୋଗେ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ରେମୁଣା ଥାନା ଗଣ୍ଡରଦା ପଞ୍ଚାୟତ ସିରାକୋଳି ଗ୍ରାମରେ ବେଆଇନ ଭାବେ ଚାଲିଥିବା କାଠ ସମିଲ୍ ଉପରେ ବାରିପଦା ଏବଂ ବାଲେଶ୍ୱର ଡିଭିଜନର ବନକର୍ମଚାରି ମିଳିତ ଚଢଉ କରିଥିଲେ। ଏହି ଚଢ଼ାଉରେ ନୀଳଗିରି ବନବିଭାଗର ରେଞ୍ଜ ଅଧିକାରୀ ମନୁଓ୍ୱର୍ ଖାଁ, ମିତ୍ରପୁର ଫରେଷ୍ଟର ମଞ୍ଜୁଲତା ପ୍ରଧାନ, ସଜନାଗଡ ଫରେଷ୍ଟର ପ୍ରତିମା ସ, ନୀଳଗିରି ଫରେଷ୍ଟର ରାମଚନ୍ଦ୍ର ଲେଙ୍କା, ଫରେଷ୍ଟଗାର୍ଡ ବବିସ୍ମିତା ସାହୁ, ବେତନଟୀ ରେଞ୍ଜଅଧିକାରୀ ଧୃବେନ୍ଦ୍ର ନାଥ ନାଏକ, ବେତନଟୀ ଫରେଷ୍ଟର ପ୍ରଦୀପ କୁମାର ନାଏକ, ଫରେଷ୍ଟ ଗାର୍ଡ ଜୟନ୍ତୀ ପାତ୍ର, ଉତ୍ତମ କୁମାର ଦାସ ଏବଂ ଅନ୍ୟ ବନକର୍ମଚାରୀ ସହଯୋଗ କରିଥିଲେ।

# ପ୍ରାକ୍ତନ ସେବା ସମବାୟ ସମିତି ସଭାପତିଙ୍କ ପରଲୋକ



ଖଇରା, ୨୭/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପଳସା ସେବା ସମବାୟ ସମିତିର ପୂର୍ବତନ ସଭାପତି ଗୋବିନ୍ଦ ବଲ୍ଲଭ ଜେନା(୭୧) ସୋମବାର ସକାଳେ ଇହଲିଳା ସମ୍ବରଣ କରିଛନ୍ତି । ଗତ ୨ବର୍ଷ ଧରି ସେ ଅସୁସ୍ଥ ଥିବା ବେଳେ ଏମ୍ସ ରୁ ଫେରି ଘରେ ରହି ଚିକିତ୍ସିତ ହେଉଥିଲେ । ତାଙ୍କ ଏଭଳି ଆକସ୍ମିକ ମୃତ୍ୟୁରେ ଆଜିକାଲିର ପ୍ରକାଶକ କିଶୋର ଦାସ,ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା, କୁପାରୀ ପଞ୍ଚାୟତ ସମିତିସଭ୍ୟ ଅକ୍ଷୟ କୁମାର ଜେନା,ସୁଣ୍ଡିରା ପଞ୍ଚାୟତ ସମିତିସଭ୍ୟ ନଳିନୀ ସାହୁଙ୍କ ସମେତ ବରିଷ୍ଠ ନାଗରିକ ମଞ୍ଚ,ଖଇରା ସାମ୍ବଦିକ ସଂଘ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଶୋକବ୍ୟକ୍ତ କରିଛନ୍ତି । ଶ୍ରୀ ଜେନା ପଳସା ସମବାୟ ସମିତିରେ ୩ଥର ସଭାପତି ଭାବେ ବିଜୟୀ ହୋଇ ଚାଷିମାନଙ୍କ ସ୍ୱାର୍ଥପାଇଁ ବହୁ କାର୍ଯ୍ୟ କରିଥିଲେ । ତାଙ୍କର ଶେଷକୃତ୍ୟ ଜନ୍ମିତ ଗ୍ରାମ ଅର୍ଜୁନପୁର ଠାରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମାଡ଼ିଆସୁଛି ବାତ୍ୟା...

ଏଥିସହ ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ସମ୍ବଲପୁର, ସୋନପୁର, ବରଗଡ଼, ବଲାଙ୍ଗୀର ଓ ନୂଆପଡ଼ାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ସେହିପରି ୨୮ରେ ଗଜପତି, ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଜିଲ୍ଲାରେ ୮୦ କିଲୋମିଟର ବେଗରେ ପବନ ବହିବ । ୨୯ରେ ଗଞ୍ଜାମ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁରରେ ପବନ ବେଗ ଅଧିକ ରହିବ ।

## ତ୍ରିମୁଖୀ ଲଢ଼େଇ...

୧୯୯୩ ମସିହାରେ ବିଜୁ ପଟ୍ଟନାୟକଙ୍କ ସରକାରବେଳେ ନୂଆପଡ଼ାକୁ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ମିଳିଥିଲା । ୨୦୦୦ ମସିହାରୁ କ୍ରମାଗତ ୨୪ବର୍ଷ ଧରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ରହିଥିଲେ ମଧ୍ୟ ନୂଆପଡ଼ାର ଭାଗ୍ୟରେ ଆଖିଦୃଶିଆ ସୁଧାର ହୋଇନାହିଁ କିମ୍ବା ପଛୁଆ ଓ ଦାଦନପ୍ରବଣ ଜିଲ୍ଲା ଟ୍ୟାଗରୁ ମୁକୁଳି ପାରିନାହିଁ । ଦାଦନ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଜଳସେଚନ ଭଳି ମୌଳିକ କ୍ଷେତ୍ରରେ ଅତ୍ୟନ୍ତ ପଛୁଆ ରହିଛି । ଅପର ଜଙ୍କ୍ ଜଳସେଚନ ପ୍ରକଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ବର୍ଷବର୍ଷ ଧରି ଅସମ୍ପୂର୍ଣ୍ଣ ରହିଛି, ଯାହା କୃଷି ଉପରେ ନିର୍ଭରଶୀଳ ଜନସଂଖ୍ୟାକୁ ପ୍ରବାସୀ ଶ୍ରମିକ ହେବାକୁ ବାଧ କରୁଛି । ରାଜ୍ୟ ସରକାରଙ୍କ ୨୦୨୪ ସର୍ଭେ ରିପୋର୍ଟ କହୁଛି ଯେ, ନୂଆପଡ଼ା ସମେତ ୧୧ଟି ଜିଲ୍ଲାର ପ୍ରାୟ ୭୦% ପରିବାର ବିଭିନ୍ନ ସମୟରେ ଦାଦନ ଖଟିବା ପାଇଁ ପଡ଼ୋଶୀ ରାଜ୍ୟକୁ ଯାଉଛନ୍ତି । ନୂଆପଡ଼ାରେ ଶିଳ୍ପ ଓ ଦକ୍ଷତା କେନ୍ଦ୍ରର ଅଭାବ ରହିଛି । ବେକାର ସମସ୍ୟା ଉତ୍କଟ ଥିବାରୁ ଦାଦନ ସମସ୍ୟାରୁ ସ୍ଥାନୀୟ ଯୁବକଯୁବତୀ ମୁକୁଳିପାରୁନାହାନ୍ତି ।

## ଛଟ୍ ପରେ ଜୋରଦାର...

ଜୋରଦାର ଟକ୍କର ଦେବାକୁ ପ୍ରସ୍ତୁତ । ଅକ୍ଟୋବର ୩୦ ଓ ନଭେମ୍ବର ୨ରେ ପ୍ରଧାନମନ୍ତ୍ରୀଙ୍କ ନରେନ୍ଦ୍ର ମୋଦୀଙ୍କର ପଟନାରେ ଦୁଇଟି ବିଶାଳ ରୋଡ୍ ଶୋ ରହିଛି । ପଛକୁ ପଛ ରାଜନାଥ ସିଂ, ଅମିତ ଶାହା ରାଲିରେ ଯୋଗଦେବେ । ସେହିପରି ଏନଡିଏ ସହଯୋଗୀ ଦଳ ଜେଡିୟୁ ପୂର୍ବରୁ ପ୍ରଚାର ମୈଦାନକୁ ଓହ୍ଲାଇସାରିଛି । ବିହାର ବିଧାନସଭା ନିର୍ବାଚନରେ ଏଥରକ ରୋଚକ ତ୍ରିକୋଣୀୟ ମୁକାବିଲା ଦେଖିବାକୁ ମିଳିବ । ଏନଡିଏ ଓ ମହାଗଠବନ୍ଧନ ଭିତରେ ସିଧାସଳଖ ଟକ୍କର ଭିତରେ ଟୁଇଷ୍ଟ ଆଣିବ ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ୍ ପାର୍ଟି । ନଭେମ୍ବର ୬ ଓ ୧୧ ଦୁଇଟି ପର୍ଯ୍ୟାୟରେ ପଡ଼ିବ ବିହାର ବିଧାନସଭା ନିର୍ବଚନ ପାଇଁ ଭୋଟ । ପ୍ରଥମ ପର୍ଯ୍ୟାୟରେ ୧୮ଜିଲ୍ଲାର ୧୨୧ ଆସନ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୦ ଜିଲ୍ଲାର ୧୨୨ ଆସନ ପାଇଁ ମତଦାନ କରାଯିବ । ମୋଟ ୨ ହଜାର ୬୧୬ ପ୍ରାର୍ଥୀଙ୍କ ଭାଗ୍ୟଫଳ ନଭେମ୍ବର ୧୪ ଜଣାପଡ଼ିବ ।

## ସମ୍ପତ୍ତି ବିବରଣୀ ନ ଦାଖଲ ...

ପରବର୍ତ୍ତୀ ବର୍ଷରେ ଅନୁପାଳନ ନ କଲେ ଡିପିସିରେ ବିଚାର ହେବ ନାହିଁ। ୨୦୨୫ ବର୍ଷର ବିବରଣୀ (୨୦୨୬ ଜାନୁଆରି ୧ରୁ ୩୧ ତାରିଖ ମଧ୍ୟରେ) ଏବଂ ଭବିଷ୍ୟତରେ ଡେଡ୍‌ଲାଇନ୍ କଡ଼ାକଡ଼ି ପାଳନ କରାଯିବ। ବିଭାଗୀୟ ମୁଖ୍ୟଙ୍କ ଦାୟିତ୍ୱରେ ୧୦୦% ଅନୁପାଳନ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଧର୍ମ ମାସରେ ଖାଉଟିଙ୍କୁ ...

ଫଳରେ ମଙ୍ଗଳବାର ଓ ବୁଧବାର ବନ୍ଦ ରହିବ ହାଟ । ଅର୍ବାନ ହାଟ ଟେଣ୍ଡର ପ୍ରକ୍ରିୟାକୁ ବ୍ୟବସାୟୀ ସଂଘ ବିରୋଧ କରୁଛି । ସେହିପରି ଛତ୍ର ବଜାରକୁ ସିଏମ୍‌ସି ଅଣଦେଖା କରୁଥିବା ଅଭିଯୋଗ ହୋଇଛି । ସରକାର ଦାବି ନଶୁଣିଲେ ଆଗକୁ ତୀବ୍ର ଆନ୍ଦୋଳନ ପାଇଁ ବ୍ୟବସାୟୀ ସଂଘ ଚେତାବନୀ ଦେଇଛି । ପ୍ରତ୍ୟେକ ଦିନ ଶହ ଶହ ଲୋକେ ଛତ୍ରବଜାରରୁ ପରିବାପତ୍ର କିଣିଥାନ୍ତି । ବହୁତ ଛୋଟ ଛୋଟ ଦୋକାନୀମନେ ମଧ୍ୟ ଏଠାରୁ ପରିବା ନେଇ ବିକ୍ରି କରିଥାନ୍ତି । ଛତ୍ରବଜାର ବନ୍ଦ ଯୋଗୁଁ କଟକ ସହର ଉପରେ ଏହାର ବଡ ପ୍ରଭାବ ପଡିବ ବୋଲି ଆଶଙ୍କା କରାଯାଉଛି ।

# ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ସତର୍କତା ସଚେତନତା ସପ୍ତାହ -୨୦୨୫ ଆରମ୍ଭ




ପାରାଦୀପ, ୨୭/୧୦ (ନି.ପ୍ର): ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁଙ୍କ ଦ୍ୱାରା ସତ୍ୟନିଷ୍ଠାର ପ୍ରତିଶ୍ରୁତି ସହିତ ଅକ୍ଟୋବର ୨୭, ୨୦୨୫ ରେ ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ସତର୍କତା ସଚେତନତା ସପ୍ତାହ ୨୦୨୫ ର ଆରମ୍ଭ ହୋଇଥିଲା ଓ ସମାବେଶକୁ ସମ୍ବୋଧିତ କରି ଶ୍ରୀ ବସୁ ସମସ୍ତ କର୍ମଚାରୀଙ୍କୁ ନିଜ ଜୀବନରେ ସଚ୍ଚୋଟତା ଏବଂ ସତ୍ୟନିଷ୍ଠା ଜାଗ୍ରତ କରିବାକୁ ଅନୁରୋଧ କରିଥିଲେ । ଏକ ଫଳପ୍ରଦ କାର୍ଯ୍ୟକ୍ଷେତ୍ର ପରିବେଶ ସୃଷ୍ଟି ପାଇଁ କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛ ପ୍ରଣାଳୀ ଏବଂ ପାରସ୍ପରିକ ବିଶ୍ୱାସ ଅତ୍ୟନ୍ତ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ ଓ ଏହି ଅବସରରେ ସତର୍କତା ସଚେତନତା ସପ୍ତାହର ପୋଷ୍ଟର ଗୁଡିକ, ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଦ୍ୱାରା ଉନ୍ମୋଚିତ ହୋଇଥିଲା । ନିକଟବର୍ତ୍ତୀ ଗ୍ରାମ ପଞ୍ଚାୟତରେ ସତର୍କତା ଉପରେ ସଚେତନତା ସୃଷ୍ଟି କରିବା ପାଇଁ, ପାରାଦୀପ ରିଫାଇନରୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଶ୍ରୀ ବସୁ ଏକ ସତର୍କତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସପ୍ତାହ ବ୍ୟାପୀ ଉତ୍ସବ ସମୟରେ 'ସତର୍କତା : ଆମର ମିଳିତ ଦାୟିତ୍ୱ' ର ବାର୍ତ୍ତା ପ୍ରଚାର କରିବା ପାଇଁ ନୁକ୍କଡ଼ ନାଟକ, ୱାଥନ୍, ବିଜନେସ୍ ଆସୋସିଏଟ୍ସ ମିଟ୍, ଚିତ୍ରକଳା ଏବଂ ସ୍ଲୋଗାନ ପ୍ରତିଯୋଗିତା, ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଯୋଜନା କରାଯାଇଛି।

# ଶହୀଦ ସ୍ମାରକୀ ପ୍ରଦର୍ଶନୀ ଉଦ୍‌ଘାଟିତ



ବାସୁଦେବପୁର, ୨୭/୧୦ (ନି.ପ୍ର): ବାସୁଦେବପୁର ସହରରେ ଶହୀଦ ସ୍ମୃତି ପାଠାଗାର ପରିସରରେ ଶହୀଦ ତୀର୍ଥଯାତ୍ରୀ ସଂଘ ପକ୍ଷରୁ ଶହୀଦ ସ୍ମାରକୀ ପ୍ରଦର୍ଶନୀ ଉଦଘାଟିତ ହୋଇ ଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ବିଶିଷ୍ଟ ଶିକ୍ଷାବିତ୍ ତଥା ମିରାକଲ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ ଦୁଃଶାସନ ରାଉତ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ପୌର ପାଳି କାର ଅଧ୍ୟକ୍ଷା ନିବେଦିତା ବେହେରା। ଶ୍ରୀମତୀ ନିବେଦିତା ବେହେରା ଏହି ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ ଓ ସ୍ୱାଧିନତା ସଂଗ୍ରାମ ସମୟର ବିଭିନ୍ନ ଫଟୋଚିତ୍ର ବୁଲି ଦେଖିଥିଲେ ଓ ଉଚ୍ଚ ପ୍ରଶଂସା କରିଥିଲେ। କୋଣାର୍କ ବରଫ କାରଖାନାର ନିର୍ଦ୍ଦେଶକ ଶିଳ୍ପପତି ମହେଶ ଦାସ, ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ କିଶୋର କୁମାର ମହାପାତ୍ର, ଅଧ୍ୟାପକ ବସନ୍ତ କୁମାର ଦାଶ, ଆଇନଜୀବୀ ସ୍ମୃତି ରଞ୍ଜନ ପଳିତା, ଶିକ୍ଷାବିତ୍ ବନମାଳି କୁଅଁର, କାହ୍ନୁ ଚରଣ ବେହେରା, ଶରତ ପଣ୍ଡା, ସ୍ୱଚ୍ଛ ସାଥୀ ସ୍ୱର୍ଣ୍ଣ ପ୍ରଭା ଦାସ ଓ ସଞ୍ଜୀବ ବାରିକ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବିଭିନ୍ନ ଐତିହାସିକ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉତ୍ସବର ମୁଖ୍ୟ ଆୟୋଜକ ତଥା ଶହୀଦ ତୀର୍ଥଯାତ୍ରୀର ପ୍ରତିଷ୍ଠାତା ବୈଲୋଚନ ଜେନା ଅତିଥି ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଦର୍ଶନୀରେ ରକ୍ତତୀର୍ଥ ଇରମ, ମହାତ୍ମା ଗାନ୍ଧୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଜାତୀୟ କବି ବାଞ୍ଛାନିଧି ମହାନ୍ତି,ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ,ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ସଂଗ୍ରାମୀ ନୀଳମଣି ରାଉତରାୟ, ଶହୀଦ ଭଗତ ସିଂହ, ଶହୀଦ ଲକ୍ଷ୍ମଣ ନାୟକ, ଶହୀଦ ବାଜି ରାଉତ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀ, ଅରୁଣା ଆସଫ ଅଲ୍ଲୀ, ବଙ୍ଗଳାଦେଶର ଜାତୀୟ କବି କାଜି ନଜ୍ ରୁଲ ଇସଲାମ୍, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ବ୍ୟାସ କବି ଫକୀର ମୋହନ ସେନାପତି, ବାସୁଦେବପୁର ଗାନ୍ଧୀ ତଥା ଓଡ଼ିଶାର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ବିଶିଷ୍ଟ କବି ସଚ୍ଚି ରାଉତରାୟ, କବି ରବି ସିଂହ, କବି ବ୍ରଜନାଥ ରଥ, ଅନନ୍ତ ପଟ୍ଟନାୟକ, ଭଗବତୀ ଚରଣ ପାଣିଗ୍ରାହୀ, ଡଗର ପତ୍ରିକାର ସମ୍ପାଦକ ନିତ୍ୟାନନ୍ଦ ମହାପାତ୍ର, ଓଡ଼ିଶାର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ପାଇକରାୟଙ୍କ ସୁପୁତ୍ର ତଥା ଭଦ୍ରକ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଶ୍ରୀକାନ୍ତ ପାଇକରାୟ ପ୍ରମୁଖଙ୍କ ଫଟୋ ଚିତ୍ର ଓ ବିଭିନ୍ନ ଐତିହାସିକ ଘଟଣା ବଳି ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିମନ୍ତ୍ରଣ ପତ୍ର ଏହି ପ୍ରଦର୍ଶନୀରେ ସ୍ଥାନ ପାଇଛି। ଏହି ଉତ୍ସବରେ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି, ସାମ୍ବାଦିକ ପ୍ରତାପ କୁମାର ପାଢ଼ୀ, ସ୍ତମ୍ଭକାର ରଶ୍ମି ରଞ୍ଜନ ପଲାଇ, ନାରାୟଣ ଭାଇ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ।

ମଙ୍ଗଳବାର, ଅକ୍ଟୋବର ୨୮, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପାରାଦୀପ ବନ୍ଦର ପକ୍ଷରୁ ସତର୍କତା ସଚେତନତା ସପ୍ତାହର ଶୁଭାରମ୍ଭ

ପାରାଦୀପ, ୨୭/୧୦ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ଆଜି ସତର୍କତା ସଚେତନତା ସପ୍ତାହ ଉଦଘାଟିତ ହୋଇଯାଇଛି । ଏହା ଅକ୍ଟୋବର ମାସ ୨୭ ତାରିଖ ଠାରୁ ଆରମ୍ଭ ହୋଇ ନଭେମ୍ବର ମାସ ୨ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଚଳିତ ବର୍ଷର ବିଷୟ ବସ୍ତୁ ହେଲା 'ସତର୍କତା ଆମର ସହଭାଗୀ ଦାୟିତ୍ୱ' । ଏହି ଉଦଘାଟନୀ ଉତ୍ସବ କୁ ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ।ପ୍ରଥମ ଦିବସରେ କର୍ମଚାରୀ ମାନେ କର୍ମ କ୍ଷେତ୍ରରେ ନିଜର ନୈତିକ ଆଚରଣକୁ ସୁଦୃଢ କରିବା ପାଇଁ ସଚେତନତା ଉପରେ ପ୍ରତିଯୋଗିତା କରାଯାଇଥିଲା। କାନମାସ ପକ୍ଷରୁ ଏକ ପ୍ରଭାବଶାଳୀ ନାଟକ 'ଗଳାବାଟ' ମଧ୍ୟ ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀ ମାନେ ସ୍ୱଚ୍ଛତା ଓ ସୁଶାସନ ର ମୂଲ୍ୟ ବୋଧକୁ ବୁଝିବା ପାଇଁ ସେମାନଙ୍କ ମଧ୍ୟରେ ଓଡିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରବନ୍ଧ ପ୍ରତିଯୋଗିତାଅନୁଷ୍ଠିତ ହୋଇଥିଲା। ୭ ଦିନ ବ୍ୟାପି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପଦଯାତ୍ରା, ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ପ୍ରଭୃତି ଅନେକ କାର୍ଯ୍ୟକ୍ରମର



ଲକ୍ଷ୍ୟ ରଖାଯାଇଛି ବୋଲି ପାରାଦୀପ ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ମିଳିଛି।

# ଭାରତୀୟ ମେରିଟାଇମ୍ ସପ୍ତାହ ଉଦ୍‌ଘାଟିତ: ୨,୩୦୦କୋଟି ଟଙ୍କାର ଚୁକ୍ତିନାମା ସ୍ୱାକ୍ଷରିତ

ପାରାଦୀପ, ୨୭/୧୦ (ନି.ପ୍ର): ଭାରତୀୟ ମେରିଟାଇମ୍ ସପ୍ତାହ ମହାରାଷ୍ଟ୍ରର ମୁମ୍ବାଇଠାରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ କୋଷ୍ଟାଲ ଟୁରିଜିମ୍, ଲଜିଷ୍ଟିକ୍, ସବୁଜ ଶକ୍ତି ଆଦି କ୍ଷେତ୍ରରେ ବ୍ୟାପକ ବିନିଯୋଗ ନିମନ୍ତେ ୨,୩୦୦କୋଟି ଟଙ୍କାର ପୁଞ୍ଜି ନିବେଶ ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପ ବନ୍ଦର ପ୍ରଜ୍ଞାପନ ମଣ୍ଡପ ବୁଲି ଦେଖିଥିଲେ । ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମାଝୀଙ୍କୁ ଭବ୍ୟ ସ୍ୱାଗତ କରିବା ସହିତ ପାରାଦୀପ ବନ୍ଦର ପ୍ରଜ୍ଞାପନ ମଣ୍ଡପରେ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ମୁଖ୍ୟତଃ ପ୍ରସ୍ତାବିତ ବାହୁଦା ମୁହାଣ ବନ୍ଦର ପ୍ରକଳ୍ପ, ପୁରୀ କ୍ରୁଜସପ୍ ଟର୍ମିନାଲ, ପଣ୍ୟ ଆମଦାନୀ ଓ ରପ୍ତାନୀ, ସବୁଜ ହାଇଡ୍ରୋଜେନ୍ ପ୍ରକଳ୍ପ ଆଦି ସମ୍ପର୍କରେ ଶ୍ରୀ ହରନାଦ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ



। ପୁରୀ କ୍ରୁଜ୍‌ସପ୍ ଟର୍ମିନାଲ ପ୍ରକଳ୍ପରେ ୫୦୦କୋଟି ଟଙ୍କାର ପୁଞ୍ଜି ନିବେଶ ହେବ ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ଉଷା ପାଢୀ ଏବଂ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ । ବାହୁଦା ମୁହାଣ ପ୍ରସ୍ତାବିତ ବନ୍ଦର ନିମନ୍ତେ ୧୦୦୦କୋଟି ଟଙ୍କାର ନିବେଶ କରାଯିବ । ଏସମ୍ପର୍କରେ ଚୁକ୍ତନାମାରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏବଂ ପିଆରସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ସେନଓ୍ୱାଲଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ମେରିଟାଇମ୍ ମ୍ୟୁଜିୟମ୍ ଓ ଲଜିଷ୍ଟିକ୍ ପାର୍କ ନିମନ୍ତେ ୩୦୦କୋଟି ଟଙ୍କାର ନିବେଶ, ପଣ୍ୟ ରପ୍ତାନୀ ଓ ଆମଦାନୀ ନିମନ୍ତେ ୨୮୦କୋଟି ଟଙ୍କାର ନିବେଶ ସହିତ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ନିମନ୍ତେ ୨୬୩ କୋଟି ଟଙ୍କାର ପୁଂଜି ନିବେଶ ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ନେଇ ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଇଛି।

# ମୁମ୍ବାଇ ଗସ୍ତରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସୋମବାର ଦୁଇ ଦିନିଆ ମୁମ୍ବାଇ ଗସ୍ତ କରିଛନ୍ତି । ମୁମ୍ବାଇର ଗୋରେଗାଁସ୍ଥିତ ବମ୍ବେ ପ୍ରଦର୍ଶନୀ କେନ୍ଦ୍ର ଠାରେ ଆୟୋଜିତ ଭାରତୀୟ ନୌବାଣିଜ୍ୟ ସପ୍ତାହ-୨୦୨୫ ପାଳନରେ ସେ ଆସନ୍ତକାଲି ଯୋଗଦେବେ । ଭାରତୀୟ ନୌବାଣିଜ୍ୟରେ ଓଡ଼ିଶାର ସ୍ୱର୍ଣ୍ଣିଭ ଯୋଗଦାନ ଓ ଏହାର ଐତିହ୍ୟ ସମ୍ପର୍କିତ ସନ୍ଦର୍ଭ ଉପରେ ଅଭିଭାଷଣ ରଖିବାର କାର୍ଯ୍ୟକ୍ରମ ରହିଛି । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳ ସଂଯୋଗ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ, ଶାନ୍ତନୁ ଠାକୁର, ଗବେଷକ, ବିଭିନ୍ନ ରାଜ୍ୟର ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ବାତ୍ୟା ମୋନ୍ଥା ମୁକାବିଲା ପାଇଁ ବ୍ଲକ ପ୍ରଶାସନର ପ୍ରସ୍ତୁତି

ଖଇରା, ୨୭/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ମୋନ୍ଥା ର ମୁକାବିଲା ପାଇଁ ଖଇରା ବ୍ଲକ ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଅବସରରେ ବିଡିଓ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଯାଇଛି । ବିଶେଷ ଭାବେ ଅଗ୍ନିଶମ ବିଭାଗ ଅଧିକାରୀଙ୍କୁ କଟର,ଲାଇଟ ସହ ସଜାଗ ରହିବା ସହ ବ୍ଲକ କଣ୍ଟ୍ରୋଲ ରୁମ ସହ ସମ୍ପର୍କରେ ରହିବା କୁ ତହସିଲଦାର ଅମିତ ରଞ୍ଜନ ହୋତା ପରାମର୍ଶ ଦେଇଥିଲେ । ସେହିଭଳି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବାର ଯଥେଷ୍ଟ ସମ୍ଭାବନା ଥିବାରୁ ଆବଶ୍ୟକ ସ୍ଥଳେ




ପାନୀୟ ଜଳ ର ବ୍ୟବସ୍ଥା ପାଇଁ ଜଳପରିମଳ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଶୁଖିଲା ଓ ରନ୍ଧାଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବା, ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟାନ୍ୟ ସୁରକ୍ଷିତ ସ୍ଥାନକୁ ନିଆଯିବା, ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସାପ କାମୁଡା ଇଞ୍ଜେକ୍ସନ ଗଛିତ କରି ରଖିବା ପାଇଁ ଅଧିକାରୀ ମାନଙ୍କୁ କୁହାଯାଇଥିଲା । ପଞ୍ଚାୟତ ନିର୍ବାହୀ ଅଧିକାରୀ, ଅଙ୍ଗନୱାଡି କର୍ମୀ, ଆଶା, ଗ୍ରାମ୍ୟ କୃଷି କର୍ମଚାରୀ ନିଜ କ୍ଷେତ୍ର ନଛାଡିବାକୁ ତାଗିଦ କରାଯାଇଥିଲା । ନଦୀକୂଳିଆ ଅଞ୍ଚଳରୁ ଲୋକମାନଙ୍କୁ ନିକଟସ୍ଥ ଅସ୍ଥାୟୀ ଆଶ୍ରୟ କେନ୍ଦ୍ରକୁ ଆଣିବା ପାଇଁ ଲୋକପ୍ରତିନିଧି,ସରକାରୀ କର୍ମଚାରୀ ମାନଙ୍କର ସହଯୋଗ କାମନା କରାଯାଇଥିଲା । ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଆଇଆଇସି ସୁଚନ୍ଦ୍ର ମହାଲିକ, ମୁଖ୍ୟକିରାଣି ବ୍ରହ୍ମାନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ଛେଳିଡାଳ ଭାଙ୍ଗିବାକୁ ନେଇ ବୃଦ୍ଧା ମହିଳାଙ୍କୁ ମାଡ: ଗ୍ରାମବାସୀଙ୍କ ବିଟ୍ ହାଉସ ଘେରାଉ

ନୀଳଗିରି , ୨୭/୧୦ (ନି.ପ୍ର): ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ଛେଳିଚରାଇବାକୁ ଯାଇଥିବା ଜଣେ ବୃଦ୍ଧା ମହିଳା ହାତରେ ଛେଳିପାଇଁ କିଛି ଡାଳଭାଙ୍ଗି ଫେରିବାବେଳେ ବନକର୍ମଚାରୀଙ୍କ ଆକ୍ରୋଶର ଶିକାରହୋଇ ମାଡ ଖାଇଛନ୍ତି । ଯେତେବେଳେ କି ସ୍ୱଷ୍ଟ ଦିବାଲୋକରେ ମୋରମ, ଚୋରାକାଠ ଚାଲାଣ ହେଉଥିବା ବେଳେ ସାମାନ୍ୟ ଛେଳିଡାଳ ପାଇଁ ଜଣେ ବୟସ୍କ ଆଦିବାସୀ ମହିଳାଙ୍କୁ ଆକ୍ରମଣ କରିବାକୁ ନେଇ ବନବିଭାଗର ପାରିବାପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ଏହି ଘଟଣାକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତହୋଇ ବିଟ୍ ହାଉସ ଘେରାଉ କରିବାସହିତ ସଂପୃକ୍ତ ମହିଳା ଫରେଷ୍ଟ ଗାର୍ଡକୁ ଅନ୍ୟତ୍ର ବଦଳି



କରିବା ସହ ବୃଦ୍ଧାଙ୍କୁ ନ୍ୟାୟପାଇଁ ଶହଶହ ସଂଖ୍ୟାରେ ମହିଳା ଓ ପୁରୁଷ ଅଡି ବସିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ବନବିଭାଗ ଅଧୀନସ୍ଥ ଗୋପାଳପୁର ବିଟ୍‌ରେ। ସୂଚନା ଅନୁଯାୟୀ ରବିବାର ବୟାରସାହି ଗ୍ରାମର କଟିମଣି ସିଂ ନାମକ ମହିଳା ନିଜର ଦୁଇନାତିଙ୍କ ସହିତ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିଲେ। ଫେରିବାବେଳେ ହାତରେ ଦୁଇଚାରି ଖଣ୍ଡ ଡାଳଭାଙ୍ଗି ଆସୁଥିବା ବେଳେ ସ୍ଥାନୀୟବିଟ୍ ର ମହିଳା ଫରେଷ୍ଟଗାର୍ଡ କବିତା ମହାକୁଡ ଡାଳ କାହିଁକି ଭାଙ୍ଗିଲୁ କହି କଟିମଣୀ ସିଂ ଧରିଥିବା ବାଡ଼ିକୁ ଛଡାଇ ମାଡ ମାରିଥିଲେ। ଏକଥା ଆଜି ପ୍ରଘଟ ହେବାପରେ ଗ୍ରାମବାସୀଙ୍କ ସହିତ ଅଞ୍ଚଳବାସୀ ବିଟ୍ ହାଉସ ଘେରାଉକରିଥିଲେ। ମହିଳା ଫରେଷ୍ଟଗାର୍ଡ ଜଣକ ଘରଭିତରେ ଚାବିମାରି ରହିଥିବା ବେଳେ ଗାର୍ଡଙ୍କ ସ୍ୱାମୀ ଘଟଣାସ୍ଥଳରେ ପହଞ୍ଚି ଓଲଟା ଗାଳିଗୁଲଜ କରିବାସହିତ ଧସ୍ତାଧସ୍ତି କରିଥିଲେ। ଫଳରେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ନିର୍ଦ୍ଧୁମ ମାଡମାରିଥିବା ଜଣାପଡ଼ିଛି। ଖବରପାଇ ଫରେଷ୍ଟର, ନୀଳଗିରି ରେଞ୍ଜର ମନୱର ଖାଁ ବିଟ୍ ହାଉସରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାସହିତ ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଚାପା ଉତ୍ତେଜନା ଦେଖାଦେଇଥିବାରୁ ଅଯୋଧ୍ୟା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ମୁତୟନ ହୋଇଥିବା ବେଳେ ତୁରନ୍ତ ସଂପୃକ୍ତ ବନକର୍ମଚାରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ଦାବୀ କରାଯାଇଛି।

# ବାଲେଶ୍ୱର ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ – ୨୦୨୫ ପାଳନର ଶୁଭାରମ୍ଭ

ବାଲେଶ୍ୱର, ୨୭/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ "ଦୁର୍ନୀତି ନିବାରଣ ସଚେତନତା ସପ୍ତାହ – ୨୦୨୫" ଅବସରରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷା ସଂସ୍ଥା ଓ ସଂଗଠନ ମାନଙ୍କ ରେ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁର୍ନୀତି ନିବାରଣ : ଆମ ସାମୂହିକ ଦାୟିତ୍ୱ - vigilance : our shared responsibility ra ଥିମ re ସତ୍ୟନିଷ୍ଠା, ପାରଦର୍ଶିତା ଓ ଦାୟିତ୍ୱଶୀଳତା ପ୍ରତି ଜନଜାଗରଣ ସୃଷ୍ଟି କରାଯାଇଛି। ଜିଲ୍ଲାପାଳଙ୍କ ଅଡିଟୋରିୟମରେ ସାଧୁତାର ସତ୍ୟପାଠ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଙ୍କ ଅଧ୍ୟକ୍ଷତାରେ ଗ୍ରହଣ କରାଯାଇଛି। ସେହିପରି ଭିଜିଲାନ୍ସ ଏସପି ଙ୍କ କାର୍ଯ୍ୟାଳୟରେ ଏସପି ( ଭି) ଅରୁଣ କୁମାର ନାୟକ ଙ୍କ ଅଧ୍ୟକ୍ଷତାରେ ଶପଥ ପାଠ ସହ ଜିଲ୍ଲାସ୍ତରରେ ସତର୍କତା ସପ୍ତାହର ଆରମ୍ଭ ହୋଇଛି। ସପ୍ତାହ ଭରି ବିଭିନ୍ନ ଜନଜାଗରଣ, ସାଂସ୍କୃତିକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ ହେବ। "ପାଲା" ଓ "ଦାସ କାଠିଆ" ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ସତ୍ୟନିଷ୍ଠା ଓ ଭଲ ଶାସନର ବାର୍ତ୍ତା ଲୋକମାନଙ୍କ ମଧ୍ୟରେ ପ୍ରସାରିତ ହେବ। ଆରକ୍ଷୀ ଅଧିକ୍ଷକ , ଦୁର୍ନୀତି ନିବାରଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ ୨୮ ଅକ୍ଟୋବର ତାରିଖରେ ରେମୁଣା ଗୋଲାଇରୁ କଲେକ୍ଟରେଟ ପର୍ଯ୍ୟନ୍ତ ମାରାଥନ ଦୌଡ଼, ଓ ୨୯ ଅକ୍ଟୋବର ରେ ୱାକାଥନ ରାଲି ଆୟୋଜିତ ହେବ। ୨୮ ରୁ ୩୦ ଅକ୍ଟୋବର ଏବଂ ୧ ନଭେମ୍ବର ତାରିଖରେ ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶ ରେ ବିଭିନ୍ନ ସ୍ଥାନରେ ଗ୍ରାମ ସଭା ଆୟୋଜିତ ହେବ, ଯାହାର ମାଧ୍ୟମରେ ସତର୍କତା ଓ ଦୁର୍ନୀତି ମୁକ୍ତ ଶାସନ ବିଷୟରେ ସଚେତନତା ବଢ଼ାଯିବ। ସ୍କୁଲ ସ୍ତରରେ ଅନେକ ପ୍ରତିଯୋଗୀତା ମାନ ଆୟୋଜିତ ହୋଇଛି ।କୃତି ଛାତ୍ର ଛାତ୍ରୀ ମାନେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ ହେବେ। ୩୧ ଅକ୍ଟୋବର ରେ ପି.ଡି., ଡି.ଆର.ଡି.ଏ. କନଫରେନ୍ସ ହଲ୍‌ରେ ଜିଲ୍ଲାସ୍ତରୀୟ ବୈଠକ ଆୟୋଜିତ ହେବ, ଯାହାର ଅଧ୍ୟକ୍ଷତା ଜିଲ୍ଲାପାଳ, ବାଲେଶ୍ୱର କରିବେ।

## ମୋନ୍ଥା ପାଇଁ ୩୨ ଟ୍ରେନ୍ ବାତିଲ

ଭୁବନେଶ୍ୱର, ୨୭/୧୦ (ନି.ପ୍ର): ମୋନ୍ଥା' ପାଇଁ ୩୨ ଟ୍ରେନ୍ ବାତିଲ ରହିବ। ୨୭ ଓ ୨୮ ତାରିଖରେ ଦୁଇ ଦିନ ପାଇଁ ୩୨ଟି ଟ୍ରେନ୍ ବାତିଲ ରଖିବାକୁ ପୂର୍ବତଟ ରେଲବାଇ ନିଷ୍ପତି ନେଇଛି। ଏହାସହ ଗୋଟିଏ ଟ୍ରେନ୍ ର ଦିଗ ପରିବର୍ତ୍ତନ କରାଯାଇଥିବା ବେଳେ ଦୁଇଟି ଟ୍ରେନ୍ କୁ ଆଂଶିକ ବାତିଲ କରାଯାଇଛି।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

ଲଙ୍ଗଳେଶ୍ୱର , ୨୭/୧୦ (ନି.ପ୍ର): ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ପିଲା ମାନଙ୍କ ଠାରେ ଅନ୍ତର୍ନିହିତ କଳା କୁ ପରିପ୍ରକାଶ ପାଇଁ,ପ୍ରତିବର୍ଷ ସ୍କୁଲ୍ ମାନଙ୍କରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ତେବେ ଆଜି ବିଲିଆପାଳ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ,ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଧା ରଞ୍ଜନ ଦାସ୍ କାର୍ଯ୍ୟକ୍ରମ କୁ ଶୁଭ ଉଦ୍ଘାଟନ କରିଥିଲେ। ଗୋଷ୍ଠୀ



ଶିକ୍ଷାଧିକାରୀ ଜଗବନ୍ଧୁ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସଂଘ ଜିଲ୍ଲା ସଭାପତି ବିଜୟ କୁମାର ପାତ୍ର ମୁଖ୍ୟ ବକ୍ତା,ଶିକ୍ଷକ ନେତା ପ୍ରଭାତ ରଞ୍ଜନ ସାହୁ, ଯଶୋବନ୍ତ ଜେନା, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିବାବେଳେ, ବ୍ଲକ୍ ର ବିଭିନ୍ନ ବିଦ୍ୟାଳୟରୁ ୪୪୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ତେବେ କୃତି ଛାତ୍ର ଛାତ୍ରୀଙ୍କୁ ତହସିଲଦାର ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୫ ପାଳନ ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଲେ ଛାତ୍ରଛାତ୍ରୀ

ବାରିପଦା, ୨୭/୧୦ (ନି.ପ୍ର): ଚଳିତ ମାସ ଅକ୍ଟୋବର ୨୭ ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଆଜି ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଇଂରାଜୀ ଓ ଓଡ଼ିଆରେ ' ଦୁର୍ନୀତି ନିବାରଣ : ଆମ ସାମୂହିକ ଦାୟିତ୍ୱ ' ବିଷୟବସ୍ତୁ ଉପରେ ଆଧାରିତ ବକ୍ତୃତା ଏବଂ କାର୍ଟୁନ କମ କ୍ୟାପସନରେ ' ଆଣ୍ଟି କରପ୍ସନ ' ବିଷୟ ବସ୍ତୁ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଦୁର୍ନୀତି ନିବାରଣ ବିଭାଗ, ବାରିପଦା ଆନୁକୂଲ୍ୟରେରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ଦୁର୍ନୀତି ନିବାରଣ ବିଭାଗ, ବାରିପଦା ର ଆରକ୍ଷୀ ନିରୀକ୍ଷକ ବିକାଶ ରଞ୍ଜନ ସ୍ୱାଇଁ ଓ କନେଷ୍ଟବଳ ବ୍ରଜକିଶୋର ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ




ମହାନ୍ତି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଯୋଗ ଦେଇଥିଲେ । ବିଚାରକ ଭାବେ ଅଧ୍ୟାପକ ସମରେନ୍ଦ୍ର ବସା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ କୁମାର ପରିଡା, ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ, ପ୍ରଧାନଶିକ୍ଷକ ଅମିତାଭ ମିଶ୍ର, ଶିକ୍ଷକ ଦୀପକ ରାମ, ସରୋଜ କୁମାର ମହାନ୍ତ, ମହେଶ୍ୱର ମାରାଣ୍ଡି ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ନବଜିତ ସାସମଲ, ଏମପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦାର ଶ୍ରଦ୍ଧାସୁମନ ଜେନା,ଏମପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦା ର ଆଦ୍ୟାଶା ଦାସ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ଓଏଭି, ବେତନଟୀ ର ଜାହ୍ନବୀ ପଡ଼ିଆରୀ, ଓଏଭି, ମୋରଡା ର ପ୍ରଭୁପଦ ନାୟକ, ଓଏଭି, ରାଣୀଭୋଳ ର ଔରଜ୍ୟୋତି ପ୍ରଧାନ ଏବଂ କାର୍ଟୁନ କମ କ୍ୟାପସନ ପ୍ରତିଯୋଗିତାରେ ଓଏଭି, ବେତନଟୀ ର ବିଷ୍ଣୁପ୍ରିୟା ମହାପାତ୍ର, ବଳଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସନିତା ସିଂ, ଏମପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜ୍ୟୋତ୍ସ୍ନା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ମନୋଜ ପରିଡା, ଅଫିସ ସହାୟକ ପ୍ରବୀର କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ । ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନେ ଚଳିତ ଅକ୍ଟୋବର ମାସ ୩୦ ତାରିଖରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ।

# ନୂଆପଡାରେ ଛଟ ପୂଜାରେ ସାମିଲ ହେଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ନୂଆପଡ଼ା /ଭୁବନେଶ୍ୱର, ୨୭/୧୦ (ନି.ପ୍ର): ନୂଆପଡ଼ା ସାର୍ବଜନୀନ ଛଟ ପୂଜା କମିଟି କମିଟି ଦ୍ୱାରା ଆୟୋଜିତ 'ଛଟ୍ ପୂଜା' ପାଳନ ଉତ୍ସବରେ ଓଡ଼ିଶା ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ.ମୁକେଶ ମହାଲିଙ୍ଗ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ସାଂସଦ ଶ୍ରୀମତୀ ମାଳବିକା ଦେବୀ, ଯୁବନେତା ଅଭିନନ୍ଦନ ପଣ୍ଡା ପ୍ରମୁଖ ସାମିଲ ହୋଇଛନ୍ତି । ସ୍ଥାନୀୟ ଜନସାଧାରଣ, ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାନର ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତି ରେ ବହୁତ ହର୍ଷୋଉଲ୍ଲାସ ରେ ସୂର୍ଯ୍ୟ ନାରାୟଣ ଙ୍କ ପୂଜାର୍ଚ୍ଚନା ହୋଇଥିଲା । ସମସ୍ତେ ଏକତ୍ରିତ ହୋଇ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ଛଟ୍ ପର୍ବ ପାଳନ କରି ସମସ୍ତ ଙ୍କ ଶୁଖ, ସମୃଦ୍ଧି ଉନ୍ନତି, ପ୍ରଗତି ପାଇଁ ପ୍ରାର୍ଥନା କରିଛନ୍ତି ।

# ଧର୍ମ ପରାୟଣ ବ୍ୟକ୍ତି ବେଣୁଧର ଦାସଙ୍କ ବିୟୋଗ

ବୈଶିଙ୍ଗା , ୨୭/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ନାଖରା ଗ୍ରାମର ବେଣୁଧର ଦାସଙ୍କର ହୃଦରୋଗ ଆକ୍ରାନ୍ତ ହେବାରୁ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଡାକ୍ତର ଖାନାରେ ଏକମାସ ରହି ଚିକିତ୍ସା ହୋଇ ଅସ୍ତ୍ରପ୍ରଚାର ହୋଇଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ଘରକୁ ଆସି ଗୋଟିଏ ଦିନ ପରେ ହଠାତ୍ ଛାତି ଯନ୍ତ୍ରଣା ହେବାରୁ ସଙ୍ଗେ ସଙ୍ଗେ ବାଲେଶ୍ୱର ଡାକ୍ତର ଖାନାରେ ଦେଖାଇ କଟକ ଡାକ୍ତର ଖାନା ୧୦୮ ଆମ୍ବୁଲାନ୍ସରେ ନିଆଯାଇଥିଲା ତା - ୨୭-୧୦-୨୫ ରିଖ ସକାଳ ୭ ଘଣ୍ଟାରେ ୫୩ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ସେ ଜଣେ ମିଷ୍ଟ ଭାଷୀ ଧର୍ମ ପରାୟଣ ଓ ପରୋପକାରୀ ଥିଲେ। ପାରିବାରିକ ଓ ସ୍ୱାମୀ ସ୍ତ୍ରୀ ବିଚ୍ଛେଦର ସମାଧାନ ପାଇଁ ସେ ବହୁତ ପରିଶ୍ରମ କରି ସୁନାର ସଂସାର ଗଠନ କରିପାରିଛନ୍ତି ଏତଦ୍ ବ୍ୟତୀତ ନାଖରା ଭାଗବତ ଟୁଙ୍ଗୀ ଓ ଗୋପୀନାଥ ଜୀଉ ମନ୍ଦିର ପ୍ରତିଷ୍ଠାରେ ତାଙ୍କର ବେଶ ଗୁରୁ ଦାୟିତ୍ୱ ଥିଲା ।ଦୈନନ୍ଦିନ ସନ୍ଧ୍ୟାରେ ଭାଗବତ ପରାୟଣ ଲୋକମାନଙ୍କ ସହିତ ଚର୍ଚ୍ଚା କରନ୍ତି । ଏ ଅଞ୍ଚଳ ବାସୀ ଜଣେ ପରୋପକାରୀ ବ୍ୟକ୍ତିଙ୍କୁ ହରାଇଲା ବୋଲି ସମସ୍ତେ ଦୁଃଖ ପ୍ରକାଶ କରିଥିଲେ । ଏ ଅଞ୍ଚଳର ବହୁତ୍ ଲୋକ ଶେଷ ଦର୍ଶନ କରିବା ସହ ସର୍ବସାଧାରଣରେ ମାଲ୍ୟାର୍ପଣ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ଗାଁ ଶ୍ମଶାନ ରେ ଶେଷ କୃତ ସମ୍ପନ୍ନ ହୋଇଛି ତାଙ୍କର ବଡ ପୁତ୍ର ଗଙ୍ଗାଧର ଦାସ ମୁଖାଗ୍ନି ଦେଇଥିଲେ।

# ସ୍ୱାମୀ ପରିତ୍ୟକ୍ତାଙ୍କ ଦୁଃଖପୂର୍ଣ୍ଣ ଜୀବନ: ମିଳୁନି ଚାଉଳ ଓ ଭତ୍ତା, ପିଲାଏ ଛାଡ଼ିଲେ ପାଠ

ଉଦଳା, ୨୭/୧୦ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ରାଣିପୋଖରୀ ପଂଚାୟତ ଅନ୍ତର୍ଗତ ଦିଲ୍ଲିସୋର ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଗୁରୁବାରୀ ପିଙ୍ଗୁଆଙ୍କ ଦୁଃଖ କହିଲେ ନସରେ । ସ୍ୱାମୀ ବିଶୁ ପିଙ୍ଗୁଆ ଦିର୍ଘଦିନ ହେବ ଅନ୍ୟତ୍ର ବିବାହ କରି ଏଠାରୁ ଚାଲିଯିବା ପରେ ଗୁରୁବାରୀ ଏକାକି ଦିନ ବିତାଇବା ସହ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଏତିକି ବେଳେ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ଓ ଖାଦ୍ୟ ଯୋଜନାରେ ମୁଣ୍ଡପିଛା ମିଳୁଥିବା ୫ କିଗ୍ରା ଚାଉଳ ପାଇବାରୁ ଗୁରୁବାରି ବଂଚିତ ଅଛନ୍ତି । ପରିବାରର ଆର୍ଥିକ ଅବସ୍ଥା ସ୍ୱଛଳ ନଥିବାରୁ ତାଙ୍କର ଦୁଇ ପୁତ୍ର 'ଜହନ' ଓ 'ବୁଢ଼ାନ' ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଛନ୍ତି । 'ଜହନ'ଙ୍କୁ ବର୍ତମାନ ବୟସ ୧୨ ବର୍ଷ ଛୁଇଁଥିବା ବେଳେ 'ବୁଢ଼ାନ' ୧୩ ବର୍ଷ ବୟସରେ ପଦାର୍ପଣ କଲେ । ଉକ୍ତ ଦୁଇପୁତ୍ର ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ିଥିବାର ଜଣାଯାଇଛି । ପରିବାରର ଆର୍ଥିକ ଅବସ୍ଥା ସ୍ୱଛଳ ନଥିବାରୁ ପରେ ୬ଷ୍ଠ ଶ୍ରେଣୀରେ 'ଜହନ' ଓ 'ବୁଢ଼ାନ' ନାମ ଲେଖାଇ ପାରିନଥିବାର କଥା ଗୁରୁବାରୀ ଜଣାଇଛନ୍ତି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଥିବା ବେଳେ 'ଜହନ' ଓ 'ବୁଢ଼ାନ'ଙ୍କ ଭଳି ବହୁ ପିଲା ଏବେ ମଧ୍ୟ ବିଦ୍ୟାଳୟ ବାହାରେ ଅଛନ୍ତି । ବିଭାଗୀୟ କର୍ତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida